ବର୍ଷ-୨୪, ସଂଖ୍ୟା-୨୪୫
ଭୁବନେଶ୍ୱର
୦୫ ଅକ୍ଟୋବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 245
Bhubaneswar
05 October, 2024, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



# ସୁରକ୍ଷାକର୍ମୀଙ୍କୁ ସଫଳତା, ଏନକାଉଣ୍ଟରରେ ୩୬ ନକ୍ସଲ ମୃତ

ମାଲକାନଗିରି/ଦାନ୍ତେୱାଡ଼ା,୪।୧୦(ମହାଭାରତ): ନକ୍ସଲ ବିରୋଧୀ ଅଭିଯାନ ବେଳେ ଛତିଶଗଡ଼ର ଅବୁଜମାଡ ଜଙ୍ଗଲରେ ମାଓବାଦୀ ଏବଂ ସୁରକ୍ଷାକର୍ମୀ ମୁହାଁମୁହିଁ ହୋଇଛନ୍ତି। ନାରାୟଣପୁର ଏବଂ ଦାନ୍ତେୱାଡ଼ା ବର୍ଡର ନିକଟରେ ଏହି ଏନକାଉଣ୍ଟର ହୋଇଛି। ସୂଚନା ଅନୁସାରେ ଏହି ଏନକାଉଣ୍ଟରରେ ୩୬ ଜଣ ନକ୍ସଲ ନିହତ ହୋଇଛନ୍ତି। ବସ୍ତର ଆଇଜି ମଧ୍ୟ ନକ୍ସଲଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରିଛନ୍ତି। ନିହତ ହୋଇଥିବା ସମସ୍ତ ନକ୍ସଲଙ୍କ ମୃତଦେହ ମଧ୍ୟ ଜବତ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ନିକଟରେ ଗୃହ ମନ୍ତ୍ରୀ ଅମିତ ଶାହା ୨୦୨୬ ସୁଦ୍ଧା ଦେଶରୁ ନକ୍ସଲବାଦ ମୂଳପୋଛ ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ।

ବିଶେଷ ସୂତ୍ରରୁ ଖବର ପାଇ ସୁକମା ଓ ବିଜାପୁର ଜିଲ୍ଲାର ସୀମାବର୍ତ୍ତି ଅଂଚଳର ମରକାଗୁଡା, ଇରାପଲ୍ଲୀ, ବଟେତଙ୍ଗ, ମଟ୍ଟାଗୁଡ଼େମ ଭଳି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଡ଼ିଆରଜି, ବସ୍ତର ଫାଇଟର୍ସ, ଜିଲ୍ଲା ପୁଲିସ ମିଳିତ ସର୍ଚ୍ଚ ଅପେରସନ କରୁଥିବା ବେଳେ ନକ୍ସଲ ସହ ମୁଁହାମୁହିଁ ହୋଇଥିଲେ। ସକାଳ ୭ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ରହି ରହି ଗୁଳିବିନିମୟ ହୋଇଥିଲା। ନାରାୟଣପୁର ଜିଲ୍ଲାର ଅବୁଜମାଡ ଜଙ୍ଗଲରେ ଏନକାଉଣ୍ଟରାରେ ୩୬



ନକ୍ସଲ ନିହତ ହୋଇଛନ୍ତି। ଘଟଣା ସ୍ଥଳରୁ ଏକେ ୪୭ ଓ ଏସଏଲଆର ସହ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅବୁଜମାଡ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇବା ପରେ ଦାନ୍ତେୱଡା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିଲା କୁମ୍ବିଂ ଅପରେସନ। ଦୀର୍ଘ ୬ ଘଣ୍ଟାରୁ ଅଧିକ ସମୟ ଧରି ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଗୁଳି ବିନିମୟ ପରେ ବର୍ତ୍ତମାନ ସୁଦ୍ଧା ୩୬ ଜଣ ନକ୍ସଲଙ୍କ ମୃତ ଦେହ ଉଦ୍ଧାର ହୋଇଛି। ସମସ୍ତ ଯବାନ ସୁରକ୍ଷିତ ରହିଥିବା ବେଳେ ସର୍ଚ୍ଚ ଅପରେସନ ଜାରି ରହିଛି।

ଅନ୍ୟ ଏକ ଘଟଣାରେ ନାରାୟଣପୁର ଜିଲ୍ଲାର ଆବୁଝମାଡ଼ ଜଙ୍ଗଲରେ ମଧ୍ୟ ନକ୍ସଲ ପୁଲିସ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ଏହି ଗୁଳିବିନିମୟର ଦନ୍ତେୱାଡ଼ା ପୁଲିସ ମଧ୍ୟ ସାମିଲ ଥିଲା। ଦୀର୍ଘ ସମୟ ଧରି ଗୁଳିବିନିମୟ ପରେ ଯବାନ ସର୍ଚ୍ଚ ଅପେରସନ ବେଳେ ୧୪ ଜଣ ନକ୍ସଲଙ୍କ ଶବ ଉଦ୍ଧାର କରାଯାଇଛି।

ପୋଲିସ ସୂଚନା ମୁତବାକ ସୁରକ୍ଷାକର୍ମୀ ନିୟମିତ ସର୍ଚ୍ଚ ଅପରେସନରେ ବାହାରିଥିଲେ। ଜଙ୍ଗଲ ମଧ୍ୟରେ ସର୍ଚ୍ଚ ଅପରେସନ ସମୟରେ ଜଙ୍ଗଲରେ ନକ୍ସଲଙ୍କ ଉପସ୍ଥିତି ଖବର ମିଳିଥିଲା। ତେବେ ସୁରକ୍ଷାକର୍ମୀ ଆଗକୁ ବଢିବା ବେଳେ ନକ୍ସଲ ପ୍ରଥମେ ଗୁଳିମାଡ଼ କରିଥିଲେ। ଏହାପରେ ଯବାନ ପାଲଟା ଜବାବ ଦେଇଥିଲେ। ନାରାୟଣପୁର ଏବଂ ଦାନ୍ତେୱାଡ଼ା ପୋଲିସର ମିଳିତ ଟିମ୍ ଘଟଣାସ୍ଥଳରେଅପରେସନ ଜାରି ରଖିଛନ୍ତି। ଉଭୟ ପଟୁ ଗୁଳିମାଡ଼ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ୨୦୨୪ ସେପ୍ଟେମ୍ବର ୩ରେ ଦାନ୍ତେୱାଡ଼ା ଏବଂ ବିଜାପୁରରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୬ ଜଣ ନକ୍ସଲ ନିହତ ହୋଇଥିଲେ। ସେହିପରି ଅଗଷ୍ଟ ୨୯ରେ ବସ୍ତରରେ ହୋଇଥିବା ଏନକାଉଣ୍ଟରରେ ୩ ଜଣ ମାଓବାଦୀ ନିହତ ହୋଇଥିଲେ। ଆଜିର ଏନକାଉଣ୍ଟରକୁ ଛାଡ଼ି ୨୦୨୪ରେ ବର୍ତ୍ତମାନ ସୁଦ୍ଧା ସୁରକ୍ଷାକର୍ମୀଙ୍କ ଗୁଳିରେ ୧୫୦ ଜଣ ନକ୍ସଲ ନିହତ ହୋଇସାରିଛନ୍ତି।

## ଭୁବନେଶ୍ୱର ଏୟାରପୋର୍ଟରେ ନିର୍ମାଣ ହେବ ନୂଆ ଟର୍ମିନାଲ

**ଭୁବନେଶ୍ୱର,୪।୧୦(ମହାଭାରତ):** ଭୁବନେଶ୍ୱରରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଘରୋଇ ଓ ଅନ୍ତର୍ଜାତୀୟ ଯାତ୍ରୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ନୂଆ ଟର୍ମିନାଲର ନିର୍ମାଣ କରାଯାଉଛି। ଦୁଇବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ କରାଯିବ। ସେହିପରି ପୁରୀ ବିମାନବନ୍ଦର ନେଇ କେନ୍ଦ୍ର ସରକାର ସହଯୋଗ କରିବ ବୋଲି କହିଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ.ରାମମୋହନ ନାଇଡୁ।

ଆଜି ଭୁବନେଶ୍ୱରରେ ଏକ ସମୀକ୍ଷା ବୈଠକ ପରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ନାଇଡୁ କହିଛନ୍ତି ଯେ, ମାସକ ମଧ୍ୟରେ ନୂଆ ଟର୍ମିନାଲ ପାଇଁ ମଂଜୁରୀ ଦିଆଯିବ, ୨ ବର୍ଷ ଭିତରେ ଏହାର ନିର୍ମାଣ ଶେଷ ହେବା ନେଇ ଆଶା କରାଯାଉଛି। ସେ କହିଛନ୍ତି ମୁଁ



ଭାରତୀୟ ବିମାନ ପ୍ରାଧିକରଣ ଓ ଅନ୍ୟ ଅଧିକାରୀଙ୍କ ସହ ଅନେକ ମାମଲାରେ ଆଲୋଚନା କରିଛି । ଭୁବନେଶ୍ୱର ଏୟାରପୋର୍ଟ ସାରା ଦେଶରେ ୨୦ ସହର ଓ ୪ ଅନ୍ତର୍ଜାତୀୟ ଗନ୍ତବ୍ୟକୁ ଯୋଡିବାର ଗୁରୁତ୍ୱପୂର୍ଣ୍ଣ ବିକାଶ ଦେଖିଛି । ଏବେ ଆମ ନିକଟରେ କେନ୍ଦ୍ର ଓ ରାଜ୍ୟର ଡବଲ ଇଂଜିନ ସରକାର ଅଛି । ବିଶେଷ କରି ଉଡାଣ କ୍ଷେତ୍ରରେ କେନ୍ଦ୍ର ରାଜ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ଅଟେ ।

ନାଇଡୁ କହିଛନ୍ତି ଯେ, ଭୁବନେଶ୍ୱର ଏୟାରପୋର୍ଟରେ ଟର୍ମିନାଲର ଏବେର କ୍ଷମତା ପ୍ରତିବର୍ଷ ପ୍ରାୟ ୪ ମିଲିୟନ ଘରୋଇ ଓ ଅନ୍ତର୍ଜାତୀୟ ଯାତ୍ରୀଙ୍କର ରହିଛି । ଏଥିପାଇଁ ଏହାର କ୍ଷମତାକୁ ବୃଦ୍ଧି କରି ୮ ମିଲିୟନ ଯାତ୍ରୀ ପ୍ରତି ବର୍ଷ କରିବାର ଆବଶ୍ୟକତା ରହିଛି । ନୂଆ ଟର୍ମିନାଲ ପାଇଁ ଅନୁମତି ଏକ ମାସ ମଧ୍ୟରେ ମିଳିବାର ଆଶା ରହିଛି ଏବଂ ନିର୍ମାଣ ଆଗାମୀ ୨ ବର୍ଷ ମଧ୍ୟରେ ଆରମ୍ଭ ହେବ। ଏବେ ଦେଶରେ ୨୦ ସହରକୁ ସଂଯୋଗ କରୁଛି ଭୁବନେଶ୍ୱର ବିମାନବନ୍ଦର। ଆଗକୁ ଜାମ୍ମୁ, ଗୁଜୁରାଟ, ଆନ୍ଧ୍ର ଭଳି ଅନ୍ୟସ୍ଥାନକୁ ସଂଯୋଗ କରିବାକୁ ଯୋଜନା କରାଯାଉଛି। ସେହିପରି ପୁରୀ ବିମାନବନ୍ଦର ପାଇଁ ରାଜ୍ୟ ସରକାରଙ୍କ ପାଖରେ ଜମି ରହିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସାଇଟ କ୍ଲିୟରାନ୍ସ ମଧ୍ୟ ମିଳିସାରିଛି। ଏଥିପାଇଁ ମନ୍ତ୍ରାଳୟ ସବୁ ପ୍ରକାର ସହଯୋଗ କରିବବୋଲି କହିଛନ୍ତି ମନ୍ତ୍ରୀ କେ. ରାମମୋହନ ନାଇଡୁ ।

## ନିଲାମ ହେଲା ଅର୍ପଣ ଚଉଳ

**ପୁରୀ,୪।୧୦(ମହାଭାରତ):** ପୁରୀ ପରିକ୍ରମା ପ୍ରକଳ୍ପ ବେଳେ ସଂଗୃହିତ ଅର୍ପଣ ଚଉଳ ନିଲାମ ହୋଇଛି। ମୋଟ ୧୦ ହଜାର ୩୨୨ କୁଇଣ୍ଟାଲ ଅର୍ପଣ ଚଉଳ ନିଲାମ ହୋଇଥିବା ସୂଚନା ଦେଇଛନ୍ତି ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। କୁଇଣ୍ଟାଲ ପିଛା ୨୭୮୦ ଟଙ୍କାରେ ନିଲାମ ହୋଇଛି ଅର୍ପଣ ଚଉଳ। ମୋଟ ୨ କୋଟି ୮୬ ଲକ୍ଷ ଟଙ୍କାରେ ଅର୍ପଣ ଚଉଳକୁ ନିଲାମ କରାଯାଇଛି।

ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରତିକ୍ରିୟା ରେ କହିଛନ୍ତି, ଅର୍ପଣ ଚଉଳର ଆଗାମୀ କାର୍ଯ୍ୟପନ୍ଥା ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲା। ତେବେ ଏହି ଚଉଳକୁ ନିଲାମ କରାଯାଇ ବିକ୍ରୀ କରିବାକୁ ସରକାର ନିର୍ଦ୍ଦେଶ ଦେଇଥିଲା। ଏହି କ୍ରମରେ ଗତକାଲି ଏହାର ନିଲାମ ହୋଇଚି ନିଲାମ ନେଇଥିବା ସଂସ୍ଥା ଅର୍ଥ ପ୍ରଦାନ କରିବା ପରେ ଚଉଳ ଉଠାଇବା ପାଇଁ ଅନୁମତି ଦିଆଯିବ। ଏହି ଅର୍ଥକୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯିବ ଓ ଏହା ଶ୍ରୀମନ୍ଦିର ପାଣ୍ଠିରେ ରଖାଯିବ ବୋଲି ପୁରୀ ଜିଲାପାଳ କହିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନ ଅବସରରେ ରାଜ୍ୟର କୋଣ ଅନୁକୋଣରୁ ଅର୍ପଣ ଚଉଳ ଭକ୍ତଙ୍କ ଠାରୁ ଆସିଥିଲା ।

## ନିଯୁକ୍ତି ପାଇବେ ୧୬ ହଜାର କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ

**ଭୁବନେଶ୍ୱର,୪।୧୦(ମହାଭାରତ):** ରାଜ୍ୟର ବିଭିନ୍ନ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଆଜି ନିଯୁକ୍ତି ପତ୍ର ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏଥିପାଇଁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ନିଯୁକ୍ତି ସମାରୋହ ଓ ନବନିଯୁକ୍ତ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଭବିଷ୍ୟତରେ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ମାର୍ଗଦର୍ଶନ କରାଇବେ।

କାର୍ଯ୍ୟକ୍ରମରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଶିକ୍ଷାଦାନକୁ ଗୁଣାତ୍ମକ କରିବା ଦିଗରେ ଏହି ନିଯୁକ୍ତି ଏକ ବଡ଼ ପଦକ୍ଷେପ ହେବ। ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ପିଲାଙ୍କ ଭବିଷ୍ୟତ ଗଢିବା ଦିଗରେ ଏହା ସହାୟକ ହେବ । ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନର ଲକ୍ଷ୍ୟ ରଖିଥିବା ବେଳେ ଏହି ପଦକ୍ଷେପ ଲକ୍ଷ୍ୟ ପୂରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଚୟନ ହୋଇଥିବା ୧୬,୦୦୯ ଜଣ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ ମଧ୍ୟରୁ ଅନୁଗୋଳ ଜିଲ୍ଲାରେ ୪୨୪ ଜଣ, ବାଲେଶ୍ୱର ଜିଲ୍ଲାରେ ୬୦୦ଜଣ, ବରଗଡ଼ ଜିଲ୍ଲାରେ ୪୭୯ଜଣ, ଭଦ୍ରକ ଜିଲ୍ଲାରେ ୨୬୦ଜଣ, ବଲାଙ୍ଗିର ଜିଲ୍ଲାରେ ୧୦୮୦ଜଣ, ବୌଦ୍ଧ ଜିଲ୍ଲାରେ ୬୫ଜଣ, କଟକ ଜିଲ୍ଲାରେ ୮୯୩ଜଣ, ଦେବଗଡ଼ ଜିଲ୍ଲାରେ ୨୧ଜଣ, ଢେଙ୍କାନାଳ ଜିଲ୍ଲାରେ ୫୮୩ଜଣ, ଗଜପତି ଜିଲ୍ଲାରେ ୧୩ଜଣ, ଗଞ୍ଜାମ ଜିଲ୍ଲାରେ ୧୨୬୪ଜଣ, ଜଗତସିଂହପୁର ଜିଲ୍ଲାରେ ୮୮ଜଣ, ଯାଜପୁର ଜିଲ୍ଲାରେ ୮୭୨ଜଣ, ଝାରସୁଗୁଡା ଜିଲ୍ଲାରେ ୩୮ଜଣ, କଳାହାଣ୍ଡି ଜିଲ୍ଲାରେ ୮୧୧ ଜଣ, କନ୍ଧମାଳ ଜିଲ୍ଲାରେ ୧୫୧ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରେ ୧୦୩୮ଜଣ, କେନ୍ଦୁଝର ଜିଲ୍ଲାରେ ୧୩୨୯ ଜଣ, ଖୋର୍ଦ୍ଧା ଜିଲ୍ଲାରେ ୭୫୩ ଜଣ, କୋରାପୁଟ ଜିଲ୍ଲାରେ ୯୨୨ଜଣ, ମାଲକାନଗିରି ଜିଲ୍ଲାରେ ୫୫୫ଜଣ, ମୟୂରଭଞ୍ଜ ଜିଲ୍ଲାରେ ୮୨୭ ଜଣ, ନବରଙ୍ଗପୁର ଜିଲ୍ଲାରେ ୮୬୦ ଜଣ, ନୟାଗଡ଼ ଜିଲ୍ଲାରେ ୮୩ ଜଣ, ନୂଆପଡ଼ା ଜିଲ୍ଲାରେ ୨୨୧ ଜଣ, ପୁରୀ ଜିଲ୍ଲାରେ ୭୩୩ଜଣ, ରାୟଗଡ଼ା ଜିଲ୍ଲାରେ ୫୧୧ ଜଣ, ସମ୍ବଲପୁର ଜିଲ୍ଲାରେ ୨୧୮ ଜଣ, ସୁବର୍ଣ୍ଣପୁର ଜିଲ୍ଲାରେ ୧୫୭ ଜଣ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୧୬୦ ଜଣ ନିଯୁକ୍ତି ପାଇବାକୁ ଯାଉଛନ୍ତି ।

### ୬୬୦ ଜଣ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ବଦଳି

**ଭୁବନେଶ୍ୱର, ୪।୧୦ (ମହାଭାରତ) :** ଏକାଥରକେ ୬୬୦ଜଣ ସ୍କୁଲ ଶିକ୍ଷକଙ୍କୁ ବଦଳି କଲେ ରାଜ୍ୟ ସରକାର। ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ପ୍ରାଥମିକ ସ୍କୁଲର ଏହି ଶିକ୍ଷକ ମାନଙ୍କୁ ଏକକାଳୀନ ବଦଳି କରାଯାଇଛି ।ନିଜର ପତି ଅବା ପତ୍ନୀ କାର୍ଯ୍ୟରତ ଥିବା ଜିଲ୍ଲାକୁ ବଦଳି ପାଇଁ ଏହି ଶିକ୍ଷକମାନେ ଆବେଦନ କରିଥିଲେ। ଏହାକୁ ବିଚାର କରି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ନୂଆ ଜିଲ୍ଲାରେ ସେମାନେ କେଉଁଠି ନିଯୁକ୍ତି ପାଇବେ ତାହା ସମ୍ପୃକ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ପ୍ରାବଧାନ ଆଧାରରେ ସ୍ଥିରୀକୃତ ହେବ।

## ଅବସରପ୍ରାପ୍ତ ଅଗ୍ନିବୀରଙ୍କ ପାଇଁ ସଂରକ୍ଷଣ

ଭୁବନେଶ୍ୱର,୪।୧୦(ମହାଭାରତ): ଓଡ଼ିଶା ୟୁନିଫର୍ମ ସେବାରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କ ନିଯୁକ୍ତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିୟମାବଳୀ ଜାରି କରାଯାଇଛି। ୟୁନିଫର୍ମ ସେବାରେ ସଂରକ୍ଷଣ ଓ ବୟସ ସୀମାରେ କୋହଳ ସମ୍ପର୍କିତ ନିୟମାବଳୀ ଜାରି କରିଛି। ସାଧାରଣ ପ୍ରଶାସନ ବିଭାଗ ପୂର୍ବରୁ କାରଗିଲ ବିଜୟ ଦିବସ ପାଳନ ଅବସରରେ ରାଜ୍ୟରେ ଅଗ୍ନିବୀରଙ୍କ ସଂରକ୍ଷଣ ନେଇ ଘୋଷଣା କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।ୟୁନିଫର୍ମ ସେବା କ୍ଷେତ୍ରରେ ରାଜ୍ୟରେ ଅଗ୍ନିବୀରଙ୍କୁ ୧୦ପ୍ରତିଶିତ ସଂରକ୍ଷଣ ଦିଆଯିବା ସହିତ ୫ବର୍ଷ ବୟସ ସୀମା କୋହଳ କରିବାକୁ ନିଷ୍ପତ୍ତି ହୋଇଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଜାରି ହୋଇଥିବା ନିୟମାବଳୀ ଅନୁସାରେ ଓଡିଶାର ପୁଲିସ, ଅଗ୍ନିଶମ ବିଭାଗରେ ଅବସରପ୍ରାପ୍ତ ଅଗ୍ନିବୀରଙ୍କ ନିଯୁକ୍ତି ଲାଗି ୧୦ରସଂରକ୍ଷଣ ବ୍ୟବସ୍ଥା ରହିାବ ସେହିପରି ରାଜ୍ୟର ଗ ଓ ଘ ବର୍ଗ ପଦବୀରେ ନିର୍ଦ୍ଧାରିତ ବୟସ ସୀମା ୩ବର୍ଷ କୋହଳ କରାଯାଇଛି ।ଅବସରପ୍ରାପ୍ତ ଅଗ୍ନିବୀରଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷାରୁ ଅବ୍ୟାହତି ମିଳିବ।

## ନବୀନଙ୍କୁ ଭେଟିଲେ କର୍ପୋରେଟର

**ଭୁବନେଶ୍ୱର, ୪।୧୦ (ମହାଭାରତ):** ନବୀନ ନିବାସରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଲେ ମେଳି କରିଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମସି) କର୍ପୋରେଟର। ରାଜଧାନୀର ବିଭିନ୍ନ ପୂଜା ମଣ୍ଡପ ବୁଲିବାକୁ ନିମନ୍ତ୍ରଣ ଦେବା ଆଳରେ ସେମାନେ ନବୀନଙ୍କୁ ସାକ୍ଷାତ କରିଛନ୍ତି। ଏହି କର୍ପୋରେଟରମାନେ କିଛି ଦିନ ତଳେ ଶଙ୍ଖ ଭବନରେ ଦୁଇ ବିଦ୍ରୋହୀ କର୍ପୋରେଟର ଅମରେଶ ଜେନା ଓ ବିରଞ୍ଚି ମହାସୁପକାରଙ୍କୁ ବିରୋଧ କରିଥିଲେ। ଏହାପରେ



ସେମାନେ ଏକାଠି ହୋଇ ଗୋଟିଏ ବସରେ ପୁରୀ ଲୋକନାଥ ମନ୍ଦିର ଯାଇଥିଲେ। ଯାହାକୁ ନେଇ ରାଜଧାନୀ ରାଜନୀତି ତେଜିଥିଲା। ହେଲେ ମେୟରଙ୍କୁ ଦେଖିବାକୁ ମିଳିନଥିଲା। ଗୋଟିଏ ପଟେ ଅମରେଶ ଓ ବିରଞ୍ଚିଙ୍କୁ ଦଳ ପକ୍ଷରୁ ସୋ-କଜ୍ ନୋଟିସ୍ ଜାରି ହୋଇଥିବା ବେଳେ ଆଜି ତାଙ୍କ ବିରୋଧରେ ମେଳି କରିଥିବା କର୍ପୋରେଟର ନବୀନଙ୍କୁ ଭେଟିବା ଘଟଣା ଅଧିକ ଚର୍ଚ୍ଚାର ପରିସରକୁ ଆସିଛି।

ନବୀନଙ୍କୁ ଭେଟିବା ପରେ କର୍ପୋରେଟର ମହାମାୟା ସ୍ୱାଇଁ କହିଛନ୍ତି, ଆଜି କୌଣସି ବୈଠକ ହୋଇନଥିଲା। ଆମେ ସବୁ କର୍ପୋରେଟର ଦଶହରା ଶୁଭେଚ୍ଛା ଦେବାକୁ ଆସିଥିଲୁ। ଯେହେତୁ ପ୍ରଥମ କରି ନବୀନ ପଟ୍ଟନାୟକ ଗଣେଶ ମଣ୍ଡପ ବୁଲିବାକୁ ଯାଇଥିଲେ, ତେଣୁ ଆମେ ଦଶହରା ଶୁଭେଚ୍ଛା ଦେବାକୁ ଯାଇଥିଲୁ। ସିଏ ମଧ୍ୟ ଆମକୁ ଦଶହରା ଶୁଭେଚ୍ଛା ଜଣାଇଲେ। ତା'ଛଡ଼ା ଅନ୍ୟ କୌଣସି ଆଲୋଚନା ହୋଇନାହିଁ ବୋଲି ମହାମାୟା ସ୍ୱାଇଁ କହିଛନ୍ତି।

## ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ସାମାନ୍ୟ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୪।୧୦ (ମହାଭାରତ) :** ଉତ୍ତର ବଙ୍ଗୋପସାଗରରେ ଓ ତାର ପାଶ୍ୱବର୍ତ୍ତୀ ଅଂଚଳରେ ଲଘୁଚାପ ସୃଷ୍ଟି ହୋଇଛି। ହେଲେ ଏହାର ପ୍ରଭାବ ଅଧିକ ରହିବ ନାହିଁ। କାଁଭାଁ ସ୍ଥାନରେ ବର୍ଷା ରହିବୟ ଆଗାମୀ ୭ ଦିନ ଯାଏ ରାଜ୍ୟରେ ହାଲୁକାରୁ ମଧ୍ୟମଧରଣର ବର୍ଷା କାଁଭାଁ ସ୍ଥାନରେ ରହିବ। ଆସନ୍ତା ୨୪ ଘଣ୍ଟା ମୁଖ୍ୟତଃ ପାଗ ଶୁଖିଲା ସହ କାଁଭାଁ ସ୍ଥାନରେ ବର୍ଷା ରହିବ। ଢେଙ୍କାନାଳ, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଂଜ ଓ କେନ୍ଦୁଝରରେ ହାଲୁକାରୁ ମଧ୍ୟମଧରଣର ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଆସନ୍ତାକାଲି ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ୭ ଦିନ ଯାଏ ବର୍ଷାର ବିଶେଷ ପ୍ରଭାବ ନଥିବା ବେଳେ ୧୦ ତାରିଖ ପରେ ବର୍ଷା ବଢିବାର ସମ୍ଭାବନା ରହିଥିବା ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଏହାସହ ମୌସୁମୀ ଅପସାରଣ ବିଳମ୍ବ ହେଉଥିବାରୁ ଆଦ୍ରତାର ପରିମାଣ ବିବାରେ ଲାଗିଛି। ଫଳରେ ପ୍ରବଳ ଗରମ ସହ ଗୁଳୁଗୁଳି ହେଉଛି।

### ଫରେଷ୍ଟର ଆତ୍ମହତ୍ୟା ଘଟଣା

## ପୋଲିସ ଜେରାରେ ଡିଏଫଓ ଝାଳନାଳ



**କଳାହାଣ୍ଡି, ୪।୧୦ (ମହାଭାରତ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସ୍ଥିତ ଜାରିଂ ନର୍ସରୀ ଫରେଷ୍ଟର ସଞ୍ଜୟ ନାୟକଙ୍କ ଆତ୍ମହତ୍ୟା ଘଟଣାରେ ରାୟଗଡ଼ା ସିଭିଲକଲଚର ଡିଏଫଓ ଦେବେନ୍ଦ୍ର ବେହେରାଙ୍କୁ ଆଜି ଭବାନୀପାଟଣା ଟାଉନ ଥାନାରେ ୪ ଘଣ୍ଟା ଧରି ମାରାଥନ ଜେରା କରାଯାଇଛି। ଏହି ଜେରାରେ ଡିଏଫ୍‌ଓ ଦେବେନ୍ଦ୍ର ଝାଳନାଳ ଆଣ୍ଠିଏ ହୋଇ ପଡ଼ିଛନ୍ତି। ଏହି ଘଟଣାରେ ଭବାନୀପାଟଣା ପୁଲିସ ୩୬୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଡିଏଫଓ ଦେବେନ୍ଦ୍ର ବେହେରା ଧରାଛୁଆଁ ନ ଦେଇ କୋର୍ଟର ଆଶ୍ରୟ ନେଇଥିଲେ। କୋର୍ଟରୁ ମଧ୍ୟବର୍ତ୍ତୀ କାଳୀନ ସୁରକ୍ଷା ପାଇବା ପରେ ସେ ଆଜି ଥାନାରେ ହାଜର ହୋଇଥିଲେ। ଘଟଣା ଘଟିବାର ୧୭ ଦିନ ପରେ ସେ ଥାନାରେ ହାଜର ହୋଇଥିଲେ। ଦିନ ୧୨ଟାରୁ ଅପରାହ୍ନ ୪ଟା ଯାଏଁ ତାଙ୍କୁ ସେଠାରେ ପଚରାଉଚରା କରାଯାଇଥିଲା।

ଅନ୍ୟପକ୍ଷରେ ମୃତ ଫରେଷ୍ଟର ସଞ୍ଜୟ ନାୟକଙ୍କ ସୁଇସାଇଡ ନୋଟକୁ ଭୁବନେଶ୍ୱରରେ ଥିବା ଫରେନସିକ୍ ଲ୍ୟାବକୁ ପଠାଯାଇଛି। ଏ ନେଇ ପୁଲିସଠାରୁ ଅଧିକ କିଛି ପ୍ରତିକ୍ରିୟା ମିଳିପାରି ନାହିଁ। ସଞ୍ଜୟ ଗୋଟିଏ ଚିଠି ଛାଡ଼ି ଯାଇଥିଲେ। ସିଲଭିକଲଚର୍ ନର୍ସରୀରେ ଚାରା ପ୍ରସ୍ତୁତ ଓ ମଞ୍ଜି କିଣିବା ବାବଦରେ ୭ ଲକ୍ଷ ଟଙ୍କା ପିସି ମଗାଯାଇଥିବା କଥା ସେଥିରେ ଉଲ୍ଲେଖ ହୋଇଛି। ସେହିପରି ଡିଏଫ୍‌ଓ ଦେବେନ୍ଦ୍ର ବେହେରା ତାଙ୍କୁ ବାରମ୍ବାର ମାନସିକ ନିର୍ଯାତନା ଦେଉଥିଲେ ବୋଲି ପରିବାର ଲୋକ ଅଭିଯୋଗ କରିଥିଲେ। ସେହି କାରଣରୁ ହିଁ ସଂଜୟ ଆତ୍ମହତ୍ୟା କରିଥିବା କୁହାଯାଉଛି।ଘଟଣାପରେ ଡିଏଫ୍‌ଓ ଛୁଟିରେ ଚାଲି ଯାଇଥିଲେ। ଗତ ସେପ୍ଟେମ୍ବର ୧୮ରୁ ୨୨ତାରିଖ ପର୍ଯ୍ୟନ୍ତ ଛୁଟିରେ ରହିବାକୁ ଦରଖାସ୍ତ ଦେଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଇନାହାନ୍ତି।

## ତଣ୍ଟି କଟା ଅବସ୍ଥାରେ ଝିଅର ମୃତଦେହ ଉଦ୍ଧାର



**କେନ୍ଦୁଝର,୪/୧୦ (ମହାଭାରତ) :** କେନ୍ଦୁଝର ଟାଉନ ଥାନା ସ୍ଥିତ ପବିତ୍ର ଡିହବରାଳ ଲଜ ଗଳିରେ ଭଡା ରହୁଥିବା ରବୀନ୍ଦ୍ର ବେହେରାଙ୍କ ବଡ଼ ଝିଅ ମନୋରମାଙ୍କ ତଣ୍ଟି କଟା ଅବସ୍ଥାରେ ମୃତଦେହ ଉଦ୍ଧାର। ମୃତକଙ୍କ ବାପା ରବୀନ୍ଦ୍ର ବେହେରାଙ୍କ କହିବା ଅନୁସାରେ ସେ ଲାବଣ୍ୟ ଛକ ନିକଟରେ ଛତୁ ବେପାର କରନ୍ତି। ଆଜି ସେ ଓ ତାଙ୍କ ସ୍ତ୍ରୀ ଛତୁ ବେପାର କରିବା ପାଇଁ ଯାଇଥିବାବେଳେ ତାଙ୍କ ସାନ ଝିଅ କଲେଜ ଯାଇଥିଲେ। ମନୋରମା ଘରେ ଏକା ଥିଲେ, ଦିନ ୧୧ଟା ସମୟରେ ମନୋରମା ଚଉଳ ନେଇ ଘରକୁ ଫେରିବା ପରେ ବାପା ଓ ମା'କୁ ଫେରିବା ନେଇ ଫୋନ ଯୋଗେ ଜଣାଇଥିଲେ। ହେଲେ ଦ୍ୱିପ୍ରହର ସମୟରେ ବାପା ମା' ଘରକୁ ଫେରିବାବେଳେ ଦେଖିଥିଲେ। ସେତେବେଳେ ଝିଅ ମନୋରମାର ତଣ୍ଟି କଟାଯାଇଥିବାବେଳେ ରକ୍ତ ଜୁଡୁବୁଡୁ ହୋଇ ମୁହଁ ମାଡି ତଳକୁ ପଡିଥିବା ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରେ ସଦର ଏସଡିପିଓଙ୍କ ନେତୃତ୍ୱରେ ପୋଲିସ ତଦନ୍ତ ଚଳାଇଛନ୍ତି।

## ରାଜନୀତି ପାଇଁ ଖୋଲା ହୃଦୟ ଦରକାର : ମନମୋହନ

**କଟକ ୪।୧୦ (ମହାଭାରତ) :** ରାଜନୀତି ପାଇଁ ଯଥେଷ୍ଟ ମୈଦାନ ଅଛି। ରାଜଭବନକୁ ତା ଭିତରକୁ ଟଣା ନଯାଉ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ରାଜଭବନରେ ଝାଡଖଣ୍ଡ ରାଜନୀତି ପାଇଁ ପ୍ରସ୍ତୁତି ଚାଲିଛି, ଏହା ବିଜେପି ଅଫିସ ପାଲଟି ଯାଇଛି ବୋଲି ନିକଟରେ ଅଭିଯୋଗ କରିଥିଲା ବିଜେଡି। ତେବେ କଟକ ଗସ୍ତରେ ଥିବା ବେଳେ ଏହାର ଜବାବ



ରଖିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜନୀତି ପାଇଁ ଖୋଲା ହୃଦୟ ଦରକାର। ସଂକୀର୍ଣ୍ଣତାର ଉର୍ଦ୍ଧ୍ୱକୁ ଯାଇ ରାଜନୀତି ହେଉ ବୋଲି ସେ କହିଛନ୍ତି ।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଭାରତ ପାଇଁ ଆହ୍ୱାନ

**ନୂଆଦିଲ୍ଲୀ,୪।୧୦(ମହାଭାରତ):** ମଧ୍ୟପ୍ରାଚ୍ୟରେ ଗମ୍ଭୀର ହେଉଛି ଯୁଦ୍ଧ। ସ୍ଥିତିସୁଧୁରିବା ବଦଳରେ ଜଟିଳ ରୂପ ନେଲାଣି। ଇରାନର ଆକ୍ରମଣ ପରେ ଚିହିଁକି ଉଠିଥିବା ଇସ୍ରାଏଲ, ବଡ଼ ଧରଣର ଆଟାକ୍ ପାଇଁ ପ୍ରସ୍ତୁତ କରୁଛି ରଣନୀତି। ଯୁଦ୍ଧର ପ୍ରଭାବ ସାରା ବିଶ୍ୱ ଉପରେ ପଡ଼ିଲାଣି। ଭାରତରେ ବି ତୈଳ, ସୁନା, ଷ୍ଟକ୍ ମାର୍କେଟ ସହ ଅର୍ଥନୀତି ପ୍ରଭାବିତ ହେଲାଣି। ମଧ୍ୟପ୍ରାଚ୍ୟ ସ୍ଥିତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି।

ସୁରକ୍ଷା ସଂପର୍କିତ କ୍ୟାବିନେଟ୍ କମିଟି ବୈଠକରେ ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହିତ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମଧ୍ୟ ଯୋଗ ଦେଇଥିଲେ। ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ମଧ୍ୟପ୍ରାଚ୍ୟର ସ୍ଥିତିକୁ ଗଭୀର ଚିନ୍ତାଜନକ ବୋଲି ଏହି ବୈଠକରେ ଦର୍ଶାଯାଇଛି । ଏଥିସହ ଏହି ସଂକଟ ଆହୁରି ବ୍ୟାପକ ହେଲେ, ବାଣିଜ୍ୟ, ତୈଳ, ପେଟ୍ରୋଲିୟମ ଉତ୍ପାଦ ସପ୍ଲାଏ ଚେନ୍ ଓ ଜାହାଜ ଚଳାଚଳ ଆଦି କ୍ଷେତ୍ରରେ ଭାରତକୁ କିଭଳି ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିପାରେ, ସେସଂପର୍କରେ ଆଲୋଚନା ହୋଇଥିବା ସୂଚନା ମିଳିଛି। ଏଥିସହ ପ୍ରବାସୀ ଭାରତୀୟଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରସଙ୍ଗରେ ବି ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଥିବା କୁହାଯାଉଛି। ଇରାନର ମିଜାଇଲ୍ ମାଡ଼ ପରେ ପ୍ରତିଶୋଧ ନିଆଁରେ ଜଳୁଥିବା ଇସ୍ରାଏଲ, ଲେବାନନ ରାଜଧାନୀ ବେରୁଟର ୭ଟି ସ୍ଥାନରେ କରିଛି ଜୋରଦାର୍ ହମଲା। ତୁହାକୁ ତୁହା ଏୟାର ଷ୍ଟ୍ରାଇକ ସହ କରାଯାଇଛି ରକେଟ୍ ମାଡ଼। ଆଗକୁ ଇରାନ ଉପରେ ବଡ ଧରଣର ଆକ୍ରମଣ ପାଇଁ ଚାଲିଛି ଯୋଜନା। ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ବସିଛି ଏ୭ ରାଷ୍ଟ୍ର ସମୂହର ଜରୁରୀ ବୈଠକ। ଯେଉଁଥିରେ ଇରାନ ଉପରେ କଠୋର କଟକଣା ଲଗାଇବା ନେଇ ଆଲୋଚନା ହୋଇଛି।ଏଥିସହ ଇସ୍ରାଏଲକୁ ମଧ୍ୟ ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ। ଏହାରି ଭିତରେ ହମାସର ଜଣେ ପ୍ରମୁଖ ନେତା ରାର୍ବି ମୁସ୍ତାହାକୁ ସେନା ନିପାତ କରିଥିବା ଇସ୍ରାଏଲ ଦାବି କରିଛି ଯୁଦ୍ଧର ପ୍ରଭାବ ସାରା ବିଶ୍ ଉପରେ ପଡ଼ିଲାଣି।

## ଲାଞ୍ଚ ନେଇ ଗିରଫ ହେଲେ କନିଷ୍ଠ ଯନ୍ତ୍ରୀ

**ବଲାଙ୍ଗୀର, ୪।୧୦ (ମହାଭାରତ) :** ରାଜ୍ୟରେ ଗତ କିଛି ଦିନ ହେଲା ଭିଜିଲାନ୍ସ ବିଭାଗର ଧରପଗଡ଼ ପରେ ବି କମୁନି ଲାଞ୍ଚ କାରବାର। ଏବେ ଭିଜିଲାନ୍ସ ଜାଲରେ ପଡିଛନ୍ତି ଆଉ ଜଣେ କନିଷ୍ଠ ଯନ୍ତ୍ରୀ। ପାଟଣାଗଡ ଉପଖଣ୍ଡର ବେଲପଡ଼ା ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ହରେକୃଷ୍ଣ ସାହୁଙ୍କୁ ଧରିଛି ଭିଜିଲାନ୍ସ। ମନରେଗା ଯୋଜନାରେ କାର୍ଯ୍ୟ ପାଇଁ ବିଲ କରେଇଦେବାକୁ ଜଣେ ହିତାଧିକାରୀଙ୍କ ଠାରୁ ୭୦୦୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ମାଡିବସିଲା ଭିଜିଲାନ୍ସ ଟିମ୍। ବେଲପଡ଼ା ବ୍ଲକ ସର୍ଗୀମୁଣ୍ଡାରେ ମନେରେଗା କାର୍ଯ୍ୟ ବିଲ୍ କରାଇଦେବା ପାଇଁ ଜଣେ ହିତାଧିକାରୀଙ୍କ ଠାରୁ ଲାଞ୍ଚ ମାଗିଥିଲେ। ପୂର୍ବରୁ ୧୫୦୦୦ ହଜାର ଟଙ୍କା ନେଇଥିବା ବେଳେ ଏବେ ଆହୁରି ୭୦୦୦ ହଜାର ଟଙ୍କା ଦେବାକୁ କହିଥିଲେ। ଏନେଇ ହିତାଧିକାରୀ ଜଣଙ୍କ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲା। ପୂର୍ବ ଯୋଜନା ମୁତାବକ ବ୍ୟକ୍ତି ଜଣକ ଆଜି ଯନ୍ତ୍ରୀଙ୍କୁ ଟଙ୍କା ଦେଉଥିବା ବେଳେ ଲୁଚି ବସିଥିବା ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲେ। ତାଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ଏବେ ବରଗଡ଼ ନେଇଛି ଭିଜିଲାନ୍ସ । ଅନ୍ୟପଟେ ଲାଞ୍ଚ ନେବା ଅଭିଯୋଗରେ ଶ୍ରୀ ସାହୁଙ୍କ ବାସଭବନ ସମେତ ୩ଟି ସ୍ଥାନରେ ଚଢ଼ାଉ କରିଛି ଭିଜିଲାନ୍ସ।

## କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ-ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬-ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



..... ପରଦା ଖବର .....

## ବିଗ୍ ବସ୍-୧୮ରେ ଭାଗ ନେବେ ମହେଶ ବାବୁଙ୍କ ଶାଳୀ

ଟିଭିର ସବୁଠାରୁ ବିବାଦୀୟ ସୋ' ବିଗ୍ ବସ୍-୧୮ ଆରମ୍ଭ ହେବାକୁ ଯାଉଛି । ଏହି ସୋ' ଅକ୍ଟୋବର ୬ରୁ ଆରମ୍ଭ ହେବ ସୋ'ର ପ୍ରିମିୟର ପୂର୍ବରୁ ଏକ ନୂଆ ପ୍ରୋମୋ ସାମ୍ନାକୁ ଆସିଛି । ଯେଉଁଥିରେ ବିଗ୍ ବସରେ ଆସିବାକୁ ଥିବା ପ୍ରଥମ ପ୍ରତିଯୋଗୀଙ୍କ ଝଲକ ଦେଖିବାକୁ ମିଳିଛି । ଭିଡିଓରୁ ସ୍ପଷ୍ଟ ଜଣା ପଡୁଛି ଯେ, ଅଭିନେତ୍ରୀଜଣକ ଶିଳ୍ପା ଶିରୋଦକର । କଲର୍ସ ଟିଭି ପକ୍ଷରୁ ସେୟାର କରାଯାଇଥିବା ଭିଡିଓରେ ଶିଳ୍ପା କହୁଛନ୍ତି, ମୁଁ ୯୦ଦଶକର ରାଣୀ ଥିଲି ବୋଲି ଲୋକେ



କୁହନ୍ତି । ମୁଁ ଅମିତାଭ ବଚ୍ଚନ, ମିଥୁନ ଚକ୍ରବର୍ତ୍ତୀ, ଗୋବିନ୍ଦା, ଅକ୍ଷୟ କୁମାର, ଏବଂ ଶାହରୁଖ ଖାନଙ୍କ ଭଳି କଳାକାରଙ୍କ ସହ କାମ କରିଛି । ମୋର ଏକମାତ୍ର ସ୍ୱପ୍ନ ଥିଲା ଯେ, ମୁଁ ସଲମାନ ଖାନଙ୍କ ସହ କାମ କରିବି । ବର୍ତ୍ତମାନ ଏହା ବାସ୍ତବତାରେ ପରିଣତ ହୋଇଛି ।ଅଭିନେତ୍ରୀ ନମ୍ରତା ଶିରୋଦକର(ଯିଏ ଦକ୍ଷିଣ ସୁପରଷ୍ଟାର ମହେଶ ବାବୁଙ୍କୁ ବିବାହ କରିଛନ୍ତି)ଙ୍କ ଭଉଣୀ ହେଉଛନ୍ତି ଶିଳ୍ପା । ଏହି ଅଭିନେତ୍ରୀ ବିଗ୍ ବସ୍ ଘରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି । ଶିଳ୍ପାଙ୍କ ବ୍ୟତୀତ ଅଭିନେତା ଶେହଜାଦା ଧାମୀ ଓ ଅଭିନେତ୍ରୀ ନିଆ ଶର୍ମା ପ୍ରତିଯୋଗୀ ଭାବେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଛି ।

## ମା' ବ୍ରହ୍ମଚାରିଣୀଙ୍କ ଉପାସନା



ନବରାତ୍ରିର ଦ୍ୱିତୀୟ ଦିନରେ ମାଁ ବ୍ରହ୍ମଚାରିଣୀଙ୍କୁ ଆବାହନ କରାଯାଏ । ବ୍ରହ୍ମଚାରିଣୀ ଅତ୍ୟନ୍ତ ଉଜ୍ଜ୍ୱଳ ଓ ରାଜସୀୟ । ମା' ପ୍ରେମ, ଜ୍ଞାନ, ଓ ବିଶ୍ୱସ୍ତତାର ପ୍ରତୀକ । ସେ ଡାହାଣ ହାତରେ ରୁଦ୍ରାକ୍ଷ ଓ ବାମ ହସ୍ତରେ କମଣ୍ଡଳୁ ଧରିଥାନ୍ତି । ବେକରେ ରୁଦ୍ରାକ୍ଷ ପିନ୍ଧନ୍ତି ।

ବ୍ରହ୍ମ ଅର୍ଥ ତପ । ତାଙ୍କ ନାମ ବ୍ରହ୍ମଚାରିଣୀର ଅର୍ଥ ଯିଏ ତପ କରେ । ଶିବଙ୍କୁ ପାଇବା ପାଇଁ ସେ ଶତାଧିକ ବର୍ଷ ବିନା ଆହାରରେ ତପସ୍ୟା କରିଥିଲେ । ତାଙ୍କର ଦୃଢ଼ ତପୋବଳ ସ୍ୱର୍ଗ, ନର୍କ ଓ ପାତାଳରେ ହଳଚଳ ସୃଷ୍ଟି କରିଥିଲା । ଶେଷରେ ଶିବଙ୍କୁ ପାଇବାରେ ସେ ସକ୍ଷମ ହୋଇଥିଲେ । ମା'ଙ୍କୁ ଉପାସନା କଲେ ମାନସିକ ଶକ୍ତି ମିଳିଥାଏ, ଯାହା ମାନସିକ ସନ୍ତୁଳନ ଠିକ୍ ରଖିବା ସହ ଓ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ ।

## କୋଲେଷ୍ଟର କମ୍ କରେ ନାସପାତି

ଆପଣମାନେ ହୁଏତ ପ୍ରତିଦିନ ସେଓ ଖାଉଥିବେ । କିନ୍ତୁ ପ୍ରତିଦିନ ନାସପାତି ଖାଉଥିବା ଲୋକ ଖୁବ୍ କମ୍ । ସେଓ ଭଳି ଆଉ ଏକ ଫଳ ହେଉଛି ନାସପାତି । ଏଥିରେ ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ରହିଥାଏ । କିନ୍ତୁ କ'ଣ ଆପଣ ଜାଣନ୍ତି କି, ନାସପାତି ଖାଇବା ଅନ୍ୟ ଫଳ ତୁଳନାରେ ଅଧିକ ଫାଇଦା ରହିଥାଏ । ଆସନ୍ତୁ ଜାଣିବା କ'ଣ ରହିଛି ନାସପାତିର ଫାଇଦା...

ନାସପାତିର ଭରପୂର ମାତ୍ରାରେ ଫାଇବର ରହିଥାଏ । ଫାଇବର ଯୋଗୁଁ ପାଚନ ତନ୍ତ୍ର ମଜବୁତ ହୋଇଥାଏ । ନାସପାତିରେ ଥିବା ପୋକଟିନ ନାମକ ତତ୍ତ୍ୱ କୋଷ୍ଠକାଠିନ୍ୟ ସମସ୍ୟା ପାଇଁଞ୍ଚ ରାମବାଣ ହୋଇଥାଏ ।

ନାସପାତି ଚୋପାର ମଧ୍ୟ ଅନେକ ଫାଇଦା ରହିଥାଏ ।



ଏହାର ଚୋପାରେ ୩-୪ ଗୁଣା ଅଧିକ ଫାଇଟୋନ୍ୟୁଟ୍ରିଏଣ୍ଟନ୍ସ ରହିଥାଏ । ଯାହା ଶରୀରର ଇମ୍ୟୁନିଟ୍ ବଢାଇଥାଏ । ଏହାକୁ ଖାଇବା ଦ୍ୱାରା କ୍ୟାନସର ଏବଂ ହୃଦ ସମ୍ବନ୍ଧୀୟ ରୋଗ ଆଶଙ୍କା କମ୍ ହୋଇଥାଏ ।

ନାସ ପାତିରେ ପ୍ରଚୁର ମାତ୍ରାରେ ଆଇରନ ରହିଥାଏ । ଯାହା ହିମୋଗ୍ଲୋବିନର ସ୍ତର ବଢାଇଥାଏ । ଏନିମିୟା ଗ୍ରସ୍ତ ରୋଗୀଙ୍କୁ ସୁରକ୍ଷା ଦେଇଥାଏ ନାସପାତି ।

ନାସପାତିରେ ଆଣ୍ଟି ଅକ୍ସିଡାଣ୍ଟ ଏବଂ ଭିଟାମିନର ଉଚିତ ମାତ୍ରା ରହିଛି, ଯାହା ରୋଗ ପ୍ରତିରକ୍ଷା ପ୍ରଣାଳୀକୁ ସୁଧାରିଥାଏ ଏବଂ ବିଭିନ୍ନ ରୋଗ ସହିତ ଲଢିବା ପାଇଁ ଶକ୍ତି ଯୋଗାଇଥାଏ ।

ନାସପାତିରେ ପୋକଟିନ୍ ରହିଛି, ଯାହା କୋଲେଷ୍ଟ୍ରଲକୁ କମ୍ କରିବାରେ ସହାୟକ ହୋଇଥାଏ ।

ଯଦି ଆପଣଙ୍କୁ ଭୋକ ବାରମ୍ବାର ଲାଗୁଛି, ତେବେ ନାସପାତି ଖାଆନ୍ତୁ । ଏଥିରେ ଥିବା ଫାଇବର ଆପଣଙ୍କ ପେଟକୁ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖେ । ଫାଇବର ଛଡା ଏଥିରେ ଭିଟାମିନ ସି, ଆଇରନ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଥାଏ ।

## ରାଜା ପରୀକ୍ଷିତଙ୍କର ହୋଇଥିଲା ପୁନର୍ଜନ୍ମ



ମହାଭାରତର ଅଶ୍ୱମେଧ ପର୍ବ ଅନୁଯାୟୀ, ବିରାଟ ରାଜାଙ୍କ ପୁତ୍ରୀ ଥିଲେ ଉତ୍ତରା । ପାଣ୍ଡବମାନେ ଅଜ୍ଞାତବାସ କରିବା ସମୟରେ ଅର୍ଜୁନ ବୃହନ୍ନଳା ରୂପରେ ଅଜ୍ଞାତବାସ କାଟୁଥିଲେ । ଉତ୍ତରାଙ୍କୁ ବୃହନ୍ନଳା ନୃତ୍ୟ, ସଂଗୀତ ଆଦି ଶିକ୍ଷା ଦେଉଥିଲେ । କୌରବମାନେ ବିରାଟ ରାଜାଙ୍କ ଗାଈ ଚୋରାଇ ନେଲେ । ସେ ସମୟରେ ଅର୍ଜୁନ କୌରବଙ୍କ ସହ ଯୁଦ୍ଧ କରି ଅପୂର୍ବ ପରାକ୍ରମ ଦେଖାଇଥିଲେ ଏବଂ ଗାଈ ଫେରାଇ ଆଣିଥିଲେ । ଅର୍ଜୁନଙ୍କ ଏହି ବୀରତ୍ୱ ଦେଖି ରାଜା ବିରାଟ ନିଜ ପୁତ୍ରୀ ଉତ୍ତରାଙ୍କ ସହ ତାଙ୍କର ବିବାହ କରିବାକୁ ପ୍ରସ୍ତାବ ଦେଲେ । ମାତ୍ର ଉତ୍ତରାଙ୍କୁ ଶିକ୍ଷା ଦେଉଥିବାରୁ ସେ ତାଙ୍କର କନ୍ୟା ସମାନ ଥିଲେ । ଏହି ଦୃଷ୍ଟିରୁ ଅର୍ଜୁନ ତାଙ୍କୁ ବିବାହ କରିବା ଲାଗି ମନା କରିଦେଲେ । ଶେଷରେ ଉତ୍ତରାଙ୍କୁ ଅର୍ଜୁନ ଏବଂ ସୁଭଦ୍ରାଙ୍କ ପୁତ୍ର ଅଭିମନ୍ୟୁ ବିବାହ କରିଥିଲେ । ମହାଭାରତ ଯୁଦ୍ଧ ପରେ ପାଣ୍ଡବଙ୍କ ଦ୍ୱାରା ଅଶ୍ୱମେଧ ଯଜ୍ଞ ଆୟୋଜନ କରିବା ଲାଗି ପ୍ରସ୍ତୁତି ଚାଲିଥିଲା । ଏହି ସମୟରେ ଉତ୍ତରାଙ୍କ ପୁତ୍ର ଜନ୍ମ ନେଲା । ଏହି ଆନନ୍ଦର ସମୟ ହଠାତ୍ ଶୋକରେ ଭରିଗଲା । ଜଣାପଡ଼ିଲା ଯେ ଉତ୍ତରା ଏକ ମୃତ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି । ପାଣ୍ଡବଙ୍କ ପାଇଁ ତର୍ପଣ କରିବା ଲାଗି କେହି ନଥିଲେ ।

ସମସ୍ତେ ଏହି ବାଳକ ଉପରେ ଆଶା ରଖିଥିଲେ । ଭଗବାନ ଶ୍ରୀକୃଷ୍ଣ ବୁଝିପାରିଲେ ଯେ ଅଶ୍ୱତ୍ଥାମାଙ୍କ ବ୍ରହ୍ମାସ୍ତ୍ର ପ୍ରୟୋଗ ଯୋଗୁ ଏହି ବାଳକ ଉତ୍ତରାଙ୍କ ଗର୍ଭରେ ମୃତ୍ୟୁବରଣ କରିଛି । ତେଣୁ ମୃତ ଶିଶୁ ଜନ୍ମ ହୋଇଛି । ଶ୍ରୀକୃଷ୍ଣ ସେହି ମୃତଶିଶୁକୁ କୋଳେଇ ନେଲେ ଏବଂ ଉତ୍ତରା ଏବଂ ସୁଭଦ୍ରାଙ୍କ ଉଦ୍ଦେଶ୍ୟରେ କହିଲେ, ମୁଁ କେବେ ବି ଯୁଦ୍ଧଭୂମିରୁ କାପୁରୁଷ ଭଳି ପଳାୟନ କରିନାହିଁ । କେବେ ମିଥ୍ୟାର ଆଶ୍ରୟ ନେଇନାହିଁ । ଯାହା ବି କରିଛି ସର୍ବଦା ଧର୍ମ ପ୍ରତିଷ୍ଠା ପାଇଁ ହିଁ କରିଛି । ମୋର ପୂଣ୍ୟ ବଳରେ ମୁଁ ଏବେ ଏହି ଶିଶୁକୁ ଜୀବନଦାନ ଦେଉଛି । ଏହା କହିବା ପରେ ଶିଶୁଟି ତତ୍କ୍ଷଣାତ୍ ଜୀବିତ ହୋଇଗଲା । ଜନ୍ମ ପୂର୍ବରୁ ହିଁ ସେହି ଶିଶୁ ଈଶ୍ୱରଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଭଗବାନ ଶ୍ରୀକୃଷ୍ଣ ତା'ର ନାଁ ଦେଲେ 'ପରୀକ୍ଷିତ' । ପରବର୍ତ୍ତୀ କାଳରେ ଏହି ଶିଶୁ ହିଁ ପାଣ୍ଡବଙ୍କ ଉତ୍ତରାଧିକାରୀ ରୂପରେ ହସ୍ତିନାପୁରର ଶାସନ କଲା । ରାଜା ପରୀକ୍ଷିତ ଭାରତବର୍ଷରେ ଧର୍ମପୂର୍ବକ ଶାସନ କରିଥିଲେ । ତାଙ୍କ ଯୋଗୁ ଆର୍ଯ୍ୟାବର୍ତ୍ତ ଏକ ଭୂଖଣ୍ଡ ରୂପରେ ଶାସିତ ହୋଇଥିଲା ଏବଂ ସମୃଦ୍ଧିର ଶିଖରରେ ପହଞ୍ଚିପାରିଥିଲା । ରାଜା ପରୀକ୍ଷିତଙ୍କ ସମୟରେ ହିଁ ଦ୍ୱାପର ଯୁଗର ପରିସମାପ୍ତି ଘଟି ସଂସାରରେ କଳିଯୁଗର ଆଗମନ ହୋଇଥିଲା ।

## ଅର୍ଜୁନଙ୍କୁ ଅଭିଶାପ

ସ୍ୱର୍ଗରେ ୧୧୧ ଅପସରା ରହିଥିଲେ । ଏମାନଙ୍କ ମଧ୍ୟରୁ ଉର୍ବଶୀଙ୍କ ସ୍ଥାନ ସର୍ବୋଚ୍ଚ ଥିଲା । ତାଙ୍କର ସୁନ୍ଦରତା ଅତ୍ୟନ୍ତ ମନମୁଗ୍ଧକାରୀ ଥିଲା । ଦିନେ



ମର୍ତ୍ତ୍ୟମଣ୍ଡଳରୁ ରାଜା ପୁରୁରବା ଇନ୍ଦ୍ରଦେବଙ୍କ ସଭାକୁ ଆସିଥିଲେ । ତାଙ୍କୁ ଦେଖି ଉର୍ବଶୀ ମୋହିତ ହୋଇପଡ଼ିଲେ । ଏମିତିରେ ତାଙ୍କ ନୃତ୍ୟ ବିଗିଡ଼ିଗଲା । ଏହା ଜାଣିପାରି ଦେବରାଜ ଇନ୍ଦ୍ର କୋପିତ ହେଲେ । ସେ ଉର୍ବଶୀଙ୍କୁ ଅଭିଶାପ ଦେଲେ । ଏହି ଅଭିଶାପ କାରଣରୁ ଉର୍ବଶୀ ମର୍ତ୍ତ୍ୟମଣ୍ଡଳରେ ଯାଇ ରାଜା ପୁରୁରବାଙ୍କୁ ବିବାହ କରି ରହିଲେ । ଦୁହିଁଙ୍କ ଔରସରୁ ୯ଜଣ ପୁତ୍ର ସନ୍ତାନ ଜନ୍ମ ନେଲେ । କିଛି ବର୍ଷ ପର୍ଯ୍ୟନ୍ତ ମୃତ୍ୟୁଲୋକରେ ପୁରୁରବାଙ୍କ ସହ ସମୟ ବିତାଇବା ପରେ ଉର୍ବଶୀ ସ୍ୱର୍ଗକୁ ଫେରିଆସିଲେ ଏବଂ ଇନ୍ଦ୍ରଦେବ ତାଙ୍କୁ ପୁଣି ଥରେ ସ୍ୱୀକାର କରିନେଲେ । ଏମିତି ସମୟ ବିତିଗଲା । ଦେବରାଜ ଇନ୍ଦ୍ରଙ୍କ କୃପାରୁ ରାଜା ପାଣ୍ଡୁଙ୍କ ପତ୍ନୀ କୁନ୍ତୀଙ୍କ ପୁତ୍ର ରୂପେ ଅର୍ଜୁନ ଜନ୍ମନେଲେ । ଦିନେ ଅର୍ଜୁନ ସ୍ୱର୍ଗଲୋକ ଯାଇଥିଲେ । ସେଠାରେ ଉର୍ବଶୀଙ୍କ ନଜର ତାଙ୍କ ଉପରେ ପଡ଼ିଲା । ଉର୍ବଶୀ ଅର୍ଜୁନଙ୍କୁ ଦେଖି ମୋହିତ ହୋଇଗଲେ ଏବଂ ତାଙ୍କ ସହ ପ୍ରଣୟ ଲାଗି ପ୍ରସ୍ତାବ ଦେଲେ । ମାତ୍ର ଅର୍ଜୁନ କହିଲେ, ଆପଣ ମୋର ପୂର୍ବଜ ରାଜା ପୁରୁରବାଙ୍କୁ ବିବାହ କରିଥିଲେ । ଏହି ଦୃଷ୍ଟିରୁ ଆପଣ ମୋର ମାତାଙ୍କ ଭଳି । ତେଣୁ ଆପଣଙ୍କୁ ବିବାହ କରିବା ମୋ ପାଇଁ ପାପ ହେବ । ଏଥିରେ ଉର୍ବଶୀ କ୍ରୋଧିତ ହୋଇପଡ଼ିଲେ । ସେ ଅର୍ଜୁନଙ୍କୁ ନପୁଂସକ ହୋଇଯିବା ଲାଗି ଅଭିଶାପ ଦେଲେ । ତେବେ ସେ ଏହାର ଅବଧି ସୀମିତ ରଖିଲେ । ଅଜ୍ଞାତବାସ କାଳରେ ଅର୍ଜୁନଙ୍କୁ ନପୁଂସକ ଭଳି ଜୀବନ ବିତାଇବାକୁ ପଡ଼ିଲା । ସେ ରାଜା ବିରାଟଙ୍କ ରାଜଦରବାରରେ ନର୍ତ୍ତକୀ 'ବୃହନଳା' ରୂପରେ ନିଜ ପରିଚୟ ଲୁଚାଇ ରହିଥିଲେ ।

# ୭୦ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

**ଭୁବନେଶ୍ୱର,୪।୧୦ (ମହାଭାରତ):** ବନ୍ୟପ୍ରାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଉଦ୍ଦେଶ୍ୟରେ ଗ୍ରହଣ କରାଯାଉଥିବା ବିଭିନ୍ନ ଯୋଜନାଗୁଡିକର ସଫଳ ରୂପାୟନ ନିମନ୍ତେ ଜନସାଧାରଣ, ଗଣମାଧ୍ୟମ, ସ୍ୱେଚ୍ଛାସେବୀ ଏବଂ ସାମାଜିକ ଅନୁଷ୍ଠାନଗୁଡିକର ଅକୁଣ୍ଠ ସହଯୋଗ ଲୋଡା ବୋଲି ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ ଆଜି ମତବ୍ୟକ୍ତ କରିଛନ୍ତି ।

୭୦ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ, ୨୦୨୪ ଆଜି ରାଜଧାନୀ ଭୁବନେଶ୍ୱରରେ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଂଟିଆ କହିଲେ ଯେ, ଶାନ୍ତି ଓ ଅହିଂସାର ମହାନ ଉପାସକ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟ ଜନ୍ମଦିବସ ଅକ୍ଟୋବର ୨ ତାରିଖରୁ ସମଗ୍ର ଦେଶରେ ପ୍ରତିବର୍ଷ ସପ୍ତାହ ବ୍ୟାପି 'ବନ୍ୟପ୍ରାଣୀ ସପ୍ତାହ' ପାଳିତ ହୋଇଥାଏ । ବନ୍ୟପ୍ରାଣୀମାନଙ୍କ ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ଏବଂ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ପାଇଁ ଜନମାନସରେ ବ୍ୟାପକ ସଚେତନତା ସୃଷ୍ଟି କରିବା ବନ୍ୟପ୍ରାଣୀ ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ଆମେ ରାଜ୍ୟର ଜଙ୍ଗଲ ଓ ବନ୍ୟପ୍ରାଣୀର ସୁରକ୍ଷା ପାଇଁ ଆମର ପ୍ରତିବଦ୍ଧତାକୁ ସ୍ମରଣ କରିଥାଉ । ଏହା ଆମ ଦେଶର ସମ୍ବିଧାନ ପ୍ରଦତ୍ତ ଏକ ପ୍ରମୁଖ ଦାୟିତ୍ୱ ଓ କର୍ତ୍ତବ୍ୟ ।



'ଜୀବେ ଦୟା' ଆମ ପୁରାତନ ସଂସ୍କୃତି ଓ ପରମ୍ପରାର ମୂଳ ମନ୍ତ୍ର । ମାନବ ସମାଜ ଓ ବନ୍ୟପ୍ରାଣୀ ଓତଃପ୍ରୋତ ଭାବେ ଜଡ଼ିତ । ମାନବ ସମାଜ ତିଷ୍ଠି ରହିବା ପାଇଁ ଏହି ପ୍ରାକୃତିକ ଭାରସାମ୍ୟ ଅପରିହାର୍ଯ୍ୟ । ଏଥିପାଇଁ ବନ୍ୟପ୍ରାଣୀଙ୍କର ଅବଦାନ ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ରାଜ୍ୟର ମୂଲ୍ୟବାନ ବନ୍ୟପ୍ରାଣୀଙ୍କ ସୁରକ୍ଷା, ସଂରକ୍ଷଣ ଓ ଅଭିବୃଦ୍ଧି ଦିଗରେ ସଦାସର୍ବଦା ଅଙ୍ଗୀକାରବଦ୍ଧ । ସମ୍ପ୍ରତି ଓଡ଼ିଶାର ଭୌଗୋଳିକ ଆୟତନର ୩୬.୨୧ ପ୍ରତିଶତ ବନାଂଚଳ ଦ୍ୱାରା ଆଚ୍ଛାଦିତ ହୋଇପାରିଛି ଯାହା ଜାତୀୟ ହାର ୨୪ ପ୍ରତିଶତଠାରୁ ଯଥେଷ୍ଟ ଅଧିକ । ଏହା ଆମ ରାଜ୍ୟର ବନ୍ୟପ୍ରାଣୀ, ଜଙ୍ଗଲ ଓ ପରିବେଶର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଦୃଢ଼ ପଦକ୍ଷେପର ଚାକ୍ଷୁଷ ପ୍ରମାଣ । ଆମ ରାଜ୍ୟର ବିଶାଳ ଜୈବବିବିଧତା ସମଗ୍ର ବିଶ୍ୱରେ ଅଦ୍ୱିତୀୟ । ଆମର ବନାନୀ ବହୁବିଧ ବନ୍ୟପ୍ରାଣୀ ଓ ଜୈବବିବିଧତାରେ ପରିପୂର୍ଣ୍ଣ । ୩ ହଜାରରୁ ଅଧିକ ପ୍ରଜାତିର ଉଦ୍ଭିଦ ସହ ୧୧୪ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୫୩୭ ପ୍ରଜାତିର ପକ୍ଷୀ, ୨୯ ପ୍ରଜାତିର ଉଭୟଚର ପ୍ରାଣୀ ଏବଂ ୧୨୯ ପ୍ରକାରର ସରୀସୃପ ଆମ ରାଜ୍ୟରେ ଦେଖାଯାଇଥାନ୍ତି । ଚିଲିକା ହ୍ରଦ, ଭିତରକନିକା, ଶିମିଳିପାଳ ଜାତୀୟ ଉଦ୍ୟାନ ଏବଂ ସଂରକ୍ଷିତ ବନାଂଚଳଗୁଡ଼ିକ ବିଭିନ୍ନ ଲୁପ୍ତପ୍ରାୟ ପ୍ରଜାତିର ବନ୍ୟପ୍ରାଣୀଙ୍କୁ ସୁରକ୍ଷା ପ୍ରଦାନ କରିଆସୁଛି । ଏସବୁ ବନ୍ୟପ୍ରାଣୀଙ୍କ ପାଇଁ ସଂପୂର୍ଣ୍ଣ ସୁରକ୍ଷିତ ଅଂଚଳ ଓ ଜୈବ ବିବିଧତାରେ ପରିପୂର୍ଣ୍ଣ ହୋଇଥିବାରୁ ଏସବୁର ରକ୍ଷଣାବେକ୍ଷଣ ଓ ଯତ୍ନ ନେବା ଆମର ମହାନ୍ କର୍ତ୍ତବ୍ୟ । ବନ୍ୟପ୍ରାଣୀମାନଙ୍କ ସୁରକ୍ଷା, ସଂରକ୍ଷଣ, ଅଭିବୃଦ୍ଧି ତଥା ସେମାନଙ୍କ ବାସସ୍ଥଳୀଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ସଂରକ୍ଷଣ ଏବଂ ବିଲୁପ୍ତ ପ୍ରାୟ ବନ୍ୟଜୀବଙ୍କ ବଂଶବୃଦ୍ଧି ପାଇଁ ବିଭାଗ ପକ୍ଷରୁ ତ୍ୱରାନ୍ୱିତ ପଦକ୍ଷେପ ଗ୍ରହଣ କରାଯାଉଛି । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ, ଓଡ଼ିଶା ଶ୍ରୀ ଦେବୀଦତ୍ତ ବିଶ୍ୱାଳ କହିଲେ ଯେ ମାନବ ସମାଜ ଓ ବନ୍ୟପ୍ରାଣୀଙ୍କ ସଂଘର୍ଷକୁ ଯଥାସମ୍ଭବ ରୋକିବା ଜରୁରୀ । ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀର ସୁରକ୍ଷା ଓ ସଂରକ୍ଷଣ ଦିଗରେ ସମସ୍ତେ ସମ୍ବେଦନଶୀଳ ହେବାକୁ ସେ ଆହ୍ୱାନ ଦେଇଥିଲେ । ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶ୍ରୀ ସୁଶାନ୍ତ ନନ୍ଦ ସ୍ୱାଗତ ଭାଷଣ ଦେଇ ବନ୍ୟପ୍ରାଣୀ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ।

## ଯୋଗାଣ ବିଭାଗ ଉଚ୍ଚସ୍ତରୀୟ ଟିମ୍‌ର ଛତିଶଗଡ଼ ଗସ୍ତ

**ଭୁବନେଶ୍ୱର,୪।୧୦ (ମହାଭାରତ):** ରାଜ୍ୟରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ବ୍ୟବସ୍ଥାରେ ଉନ୍ନତିକରଣ ଓ ଚାଷୀ ମାନଙ୍କ ପ୍ରଗତି ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି, ଚାଷୀ ମାନଙ୍କୁ ବୋନସ ପ୍ରଦାନ ପ୍ରକ୍ରିୟା ସମ୍ପର୍କରେ ଜାଣିବା ପାଇଁ ରାଜ୍ୟର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ନିକଟରେ ଛତିଶଗଡ଼ ଗସ୍ତ କରିଥିଲେ । ସେଠାରେ କ୍ଷେତ୍ର ପରିଦର୍ଶନ ସହ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ, ଧାନ ସଂରକ୍ଷଣ ଏବଂ ସାଧାରଣ ବଂଟନ ବ୍ୟବସ୍ଥା ବାବଦରେ ଅବଗତ ହୋଇଥିଲେ ।

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ରାଜ୍ୟର ୭୫ ଜଣିଆ ପ୍ରତିନିଧି ମଣ୍ଡଳୀରେ ବିଭିନ୍ନ ବିଭାଗର ଅଧିକାରୀମାନେ ସାମିଲ ଥିଲେ । ଏହି ପ୍ରତିନିଧି ମଣ୍ଡଳୀର ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ପଡୋଶୀ ରାଜ୍ୟ ଛତିଶଗଡ଼ର ପ୍ରତିପକ୍ଷମାନଙ୍କ ସହ ଆଲୋଚନା କରି ଚାଷୀମାନଙ୍କ ଦ୍ୱାରା ଗୋଦାମ ଓ ପ୍ୟାକ୍ସ ପରିଚାଳନା, ଧାନସଂଗ୍ରହ ଓ ସାଧାରଣ ବଂଟନ ବ୍ୟବସ୍ଥାର ସମ୍ପର୍କରେ ପଚାରି ବୁଝିବା ସହ ପିଡ଼ିଏସ ମାଧ୍ୟମରେ ଚାଉଳ ଓ ଗହମ ସମେତ ଚିନି, ଗୁଡ଼ ଓ ଲୁଣ ବଂଟନର ଅନୁଧ୍ୟାନ କରିଥିଲେ । ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ଏବଂ ଏହି ପ୍ରତିନିଧି ମଣ୍ଡଳୀ ଛତିଶଗଡ଼ର ଖାଦ୍ୟଯୋଗାଣ ଓ ଖାଉଟି ସୁରକ୍ଷା ମନ୍ତ୍ରୀ ଶ୍ରୀ ଦୟାଲ୍ ଦାସ ବାଘେଲ୍, ସମବାୟ ମନ୍ତ୍ରୀ ଶ୍ରୀ କେଦାର କାଶ୍ୟପଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିଥିଲେ । ଏତଦବ୍ୟତୀତ ଛତିଶଗଡ଼ରେ ବିଧାନସଭା ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ପ୍ରବାସୀ ଓଡ଼ିଆ ଶ୍ରୀ ପୁରନ୍ଦର ମିଶ୍ରଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଏହି ଗସ୍ତ ଅବସରରେ ବୈଷୟିକ ଦଳ, ଯୋଗାଣ ଅଧିକାରୀ, ମାର୍କେଟିଂ ଇନ୍‌ସପେକ୍ଟର ପ୍ରମୁଖ ସାମିଲ ରହି ଛତିଶଗଡ଼ର ଧାନ ସଂଗ୍ରହ, ପ୍ୟାକ୍ସ ପରିଚାଳନା ଓ ସାଧାରଣ ବଂଟନ ବ୍ୟବସ୍ଥାର ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ ।

# ଯୋଗାଣ ମନ୍ତ୍ରୀଙ୍କ ବୌଦ୍ଧ ଓ ସୋନପୁର ଗସ୍ତ

**ଭୁବନେଶ୍ୱର,୪।୧୦ (ମହାଭାରତ):** ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ବୌଦ୍ଧ ଓ ସୋନପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ଗୋଦାମ ଓ ମିଲ୍‌କୁ ଅଚାନକ ପରିଦର୍ଶନ କରିଛନ୍ତି । ବୌଦ୍ଧ ଜିଲ୍ଲାର ରାଣୀସତୀ ମିଲ୍ ଓ ସେଣ୍ଟ୍ରାଲ ପିଇଜି ଗୋଦାମ ଅଚାନକ ପରିଦର୍ଶନ କରି ସେଠାରେ ହେଉଥିବା ବିଭିନ୍ନ ଅନିୟମିତତା ଅଭିଯୋଗର ଯାଂଚ କରିଥିଲେ । ଉକ୍ତ ମିଲ୍‌ରେ ନିମ୍ନ ମାନର ପୋକରା ଚାଉଳକୁ ରିସାଇକିଲିଂ କରି ପଂଚାୟତକୁ ପଠାଇବା ଓ ଓଜନ ମାପରେ ଠକେଇ ଅଭିଯୋଗର ଯାଂଚ କରିବା ସହ ମିଲ୍ ପରିଚାଳନାକୁ ନେଇ ମନ୍ତ୍ରୀ ଶ୍ରୀ ପାତ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ ।

ସେହିପରି ସୋନପୁର ଜିଲ୍ଲାର ଶିଆଳିଜୁରିସ୍ଥିତ ଲଳିତା ରାଇସ୍ ମିଲ୍ ଓ ଶୀତଳ ରାଇସ୍ ମିଲ୍ ଅଚାନକ ପରିଦର୍ଶନ କରିଥିଲେ । ସେଠାରେ ବିଭିନ୍ନ ଅନିୟମିତତା ଅଭିଯୋଗର ଯାଂଚ କରିଥିଲେ । ନିମ୍ନ ମାନର ଚାଉଳ ଯୋଗାଣକୁ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଥିଲେ । ପରେ ମନ୍ତ୍ରୀ ଶ୍ରୀ ପାତ୍ର ସମୀକ୍ଷା ବୈଠକରେ ଯୋଗଦେଇ ଅଧିକାରୀ ମାନଙ୍କ ସହ ଜିଲ୍ଲା ସ୍ୱାର୍ଥ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଗସ୍ତ ଅବସରରେ ଯୋଗାଣ ଅଧିକାରୀ, ମାର୍କେଟିଂ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ସୁଭଦ୍ରା ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ବଣ୍ଟନ ପ୍ରସ୍ତୁତି

**ଭୁବନେଶ୍ୱର,୪।୧୦ (ମହାଭାରତ):** ମହିଳା ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ "ସୁଭଦ୍ରା" ଯୋଜନାର ପ୍ରଥମ କିସ୍ତି ଅର୍ଥରାଶି ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୨୯ ହଜାର ୭୨୦ ହିତାଧିକାରୀଙ୍କୁ ସେମାନଙ୍କର ବ୍ୟାଙ୍କ ଆକାଉଂଟକୁ ପ୍ରେରଣ ପରେ ୨ୟ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରେରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ସଂପର୍କରେ ଏକ ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁଗର୍ଗ ସ୍ଥିତି ସମୀକ୍ଷା କରିଛନ୍ତି।

ଆଜି ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ, ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ବିଭାଗର ନିର୍ଦ୍ଦେଶିକା ଶ୍ରୀମତୀ ମୋନିଷା ବାନାର୍ଜୀଙ୍କ



ଉପସ୍ଥିତିରେ ୨ୟ ପର୍ଯ୍ୟାୟରେ 'ସୁଭଦ୍ରା' ପ୍ରଥମ କିସ୍ତି ଅର୍ଥ ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟକୁ ପ୍ରେରଣ କରାଯିବା ସଂପର୍କରେ ବୈଷୟିକ ଟିମ୍ ସହିତ ଆଲୋଚନା କରିଥିଲେ।

ରାଜ୍ୟ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ୧କୋଟି ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ କିସ୍ତି ପ୍ରଦାନ ପରେ ଅବଶିଷ୍ଟ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତା ୨୦୨୫ ମାର୍ଚ୍ଚ ୮ ତାରିଖ ପୂର୍ବରୁ ମିଳିବା ନେଇ ଲକ୍ଷ୍ୟ ରହିଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ହିତାଧିକାରୀଙ୍କୁ ଆଗାମୀ ଅକ୍ଟୋବର ୯ରେ ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

୨ୟ ପର୍ଯ୍ୟାୟରେ ଯେତେ ଅଧିକ ସଂଖ୍ୟକ ସମ୍ଭବ ହିତାଧିକାରୀଙ୍କୁ ଅକ୍ଟୋବର ୯ତାରିଖରେ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରେରଣ କରାଯିବ, ସେଥିପାଇଁ ପ୍ରକ୍ରିୟା ଜାରି ରହିଛି। ଅଦ୍ୟାବଧି ସୁଭଦ୍ରାରେ ପ୍ରାୟ ୯୮ ଲକ୍ଷ ଆବେଦନକାରୀ ପଞ୍ଜୀକରଣ କରିଛନ୍ତି। ଆବଶ୍ୟକ ବ୍ୟବସ୍ଥା ପାଇଁ ଅକ୍ଟୋବର ୬ତାରିଖ ସୁଦ୍ଧା ପ୍ରସ୍ତୁତି ସାରିବାକୁ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ଏଥିସହିତ ଯେଉଁ ହିତାଧିକାରୀ ମାନେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ କିସ୍ତି ଅର୍ଥରାଶି ପାଇଛନ୍ତି, ସେମାନଙ୍କ ପାଇଁ ଏକ ମତାମତ ସଂଗ୍ରହ ପ୍ରକ୍ରିୟା (ଫିଡ୍ ବ୍ୟାକ୍ ମନିଟରିଂ) ବ୍ୟବସ୍ଥା କରାଯିବାକୁ ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଥିଲେ। ଏହି ପ୍ରକ୍ରିୟାରେ ପ୍ରଥମ କିସ୍ତି ଅର୍ଥରାଶି ପାଇଥିବା ହିତାଧିକାରୀ କେତେ ଉତ୍ସାହିତ ଅଛନ୍ତି, ଏହି ଆର୍ଥିକ ସହାୟତା ସେମାନଙ୍କ ଜୀବନରେ କିପରି ସହାୟକ ହୋଇଛି ଆଦି ସଂପର୍କରେ ମତାମତ ନିଆଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ତତ୍ ସହିତ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ 'ସୁଭଦ୍ରା' ସଂପର୍କିତ ଜନସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି।

# ନାମ ପରିବର୍ତ୍ତନ ବିତର୍କକୁ ନେଇ ରାଜ୍ୟପାଳଙ୍କୁ ଭେଟିଲା ରେଭେନ୍ସା ହେରିଟେଜ ଫୋରମ୍

**ଭୁବନେଶ୍ୱର,୪।୧୦ (ମହାଭାରତ):** ରେଭେନସା ବିଶ୍ୱବିଦ୍ୟାଳୟ ର ନାମ ପରିବର୍ତ୍ତନ ବିବାଦକୁ ନେଇ ଆଜି ଓଡ଼ିଶାର ରାଜ୍ୟପାଳ ଙ୍କ ଦ୍ୱାରସ୍ଥ ହୋଇଛି ରେଭେନ୍ସା ହେରିଟେଜ ଫୋରମ୍ । ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଡକ୍ଟର ଅରବିନ୍ଦ ବେହେରା, ଶ୍ରୀମତୀ ଅର୍ଚ୍ଚନା ନାୟକ, ସୁଦର୍ଶନ ଦାସ, ବଦ୍ରି ନାରାୟଣ ମହାନ୍ତି, ସନ୍ତୋଷ ସେଠୀ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ଫୋରମ୍ ପକ୍ଷରୁ ରାଜ୍ୟପାଳ ଙ୍କୁ ଭେଟିଛନ୍ତି । ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପ୍ରସ୍ତାବ ଆଦୌ ଗ୍ରହଣୀୟ ନୁହଁ ଏବଂ ଏହାକୁ ନେଇ ଚାଲିଥିବା ବିତର୍କ ଦୁର୍ଭାଗ୍ୟ ଜନକ ବୋଲି ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ ଙ୍କୁ କହିଥିଲେ । ବିତର୍କ ନାମରେ ଓଡ଼ିଆ ଜାତିର ଇତିହାସ କୁ କିଭଳି କଦର୍ଥ ଓ ବିକୃତ କରାଯାଉଛି, ସେ ବିଷୟରେ ରାଜ୍ୟପାଳ ଙ୍କୁ ଅବଗତ କରାଇଥିଲେ । ରେଭେନସା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ପରିବର୍ତ୍ତେ ତାକୁ କିଭଳି ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନ ରେ ପରିଣତ କରାଯାଇ ପାରିବ ସେଥିପ୍ରତି ରାଜ୍ୟପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହା ସହିତ ସମଗ୍ର ରାଜ୍ୟରେ ପ୍ରାଥମିକ ଶିକ୍ଷା ଠୁ ଆରମ୍ଭ କରି ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ କିଭଳି ଶିକ୍ଷା ବ୍ୟବସ୍ଥା ଭୁଷୁଡି ପଡ଼ିଛି ତାକୁ ଅବତାରଣା କରିବା ସହିତ ଏହାର ସୁଧାର ପାଇଁ ରାଜ୍ୟପାଳ ଙ୍କୁ ପ୍ରତିନିଧି ଦଳ ନିବେଦନ କରିଛନ୍ତି । ରେଭେନ୍ସା ମହାବିଦ୍ୟାଳୟ / ବିଶ୍ୱବିଦ୍ୟାଳୟ ଓଡ଼ିଶା ଜାତିର ଗର୍ବ ଓ ଗୌରବ । ଏହା ଏକ ଐତିହ୍ୟ ଅନୁଷ୍ଠାନ । ଓଡିଶା ଜାତିର ଅସ୍ମିତାର ଏହା ଏକ ନିଦର୍ଶନ । ଏହାର ନାମ ପରିବର୍ତ୍ତନ ପ୍ରସ୍ତାବ ଦୁର୍ଭାଗ୍ୟ ଜନକ ଓ ଏଥିରୁ ସମସ୍ତେ କ୍ଷାନ୍ତ ହେବା ଉଚିତ ବୋଲି ଡଃ ଅରବିନ୍ଦ ବେହେରା ରାଜ୍ୟପାଳଙ୍କୁ କହିବା ସହିତ ଏହାକୁ ନେଇ ଚାଲିଥିବା ବିତର୍କର ଅବସାନ ଘଟାଇବା ପାଇଁ ସେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ । ରାଜ୍ୟପାଳଙ୍କ ସହିତ ସାକ୍ଷାତ ଆଲୋଚନା ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ବୋଲି ହେରିଟେଜ ଫୋରମ୍ ର ସଂଯୋଜକ ଶ୍ରୀ ସୁଦର୍ଶନ ଦାସ ଜଣାଇଛନ୍ତି । ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ବିଷୟରେ "ବ୍ୟସ୍ତ ହେବାର କୌଣସି କାରଣ ନାହିଁ" ବୋଲି ରାଜ୍ୟପାଳ ପ୍ରତିନିଧି ମଣ୍ଡଳୀ କୁ ଆଶ୍ୱାସନା ଦେଇଛନ୍ତି । ସେହି ପରି ରେଭେନସା ବିଶ୍ୱବିଦ୍ୟାଳୟ ଓ ରାଜ୍ୟର ଅନ୍ୟ ଶିକ୍ଷାନୁଷ୍ଠାନ ଗୁଡିକରେ ଶିକ୍ଷା ର ମାନ ବୃଦ୍ଧି ପାଇଁ ସେ ଶିକ୍ଷା ବିଭାଗ ସହିତ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି ବୋଲି ଶ୍ରୀ ଦାସ ଜଣାଇଛନ୍ତି । ପ୍ରକାଶ ଥାଉ କି ଗତ ଅଗଷ୍ଟ ୩୧ ତାରିଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍ସା ବିଶ୍ୱବିଦ୍ୟାଳୟର ନାମ ପରିବର୍ତ୍ତନ ପାଇଁ ପ୍ରସ୍ତାବ ଦେଇ ବିତର୍କ କୁ ଆହ୍ୱାନ କରିଥିଲେ । ଏହା ବିରୁଦ୍ଧରେ ବିଭିନ୍ନ ସ୍ତରରେ ପ୍ରତିବାଦ ଆନ୍ଦୋଳନ ସହିତ ଆଲୋଚନା ଚକ୍ର, ସଭା ସମିତି ଇତ୍ୟାଦି ଅନୁଷ୍ଠିତ ହେଉଛି । ଏହାକୁ ବିରୋଧ କରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଙ୍କୁ ରେଭେନ୍ସା ହେରିଟେଜ ଫୋରମ୍ ପକ୍ଷରୁପତ୍ର ଲେଖା ଯାଇଛି । ହେରିଟେଜ ଫୋରମ ପକ୍ଷରୁ ସେହି କ୍ରମରେ ଆଜି ରାଜ୍ୟପାଳ ଙ୍କୁ ଭେଟି ଦାବିପତ୍ର ଦିଆ ଯାଇଛି ।



# ଜନସାଧାରଣଙ୍କ ନିକଟକୁ ଯାଇ ସମସ୍ୟା ବୁଝୁଛନ୍ତି ବିଧାୟକ

**ଭୁବନେଶ୍ୱର,୪।୧୦ (ମହାଭାରତ):** ଏକାମ୍ର କ୍ଷେତ୍ର ଏବେ ନୂଆ ବିଧାୟକ ଙ୍କ ନେତୃତ୍ୱରେ ବିକାଶ ପଥରେ ଅଗ୍ରସର ହେଉଛି । ନୂତନ ଭାବେ ନିର୍ବାଚିତ ବିଧାୟକ ବାବୁ ସିଂ ପ୍ରତିଦିନ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଂଚଳ ପରିଦର୍ଶନ କରି ଲୋକଙ୍କ ଅଭିଯୋଗ ଶୁଣିବା ସହିତ ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି । ଆଜି ଏକାମ୍ର ବିଧାୟକ ବାବୁ ସିଂ ଟିକରପଡ଼ା ପଂଚାୟତ , ୱାର୍ଡ଼ ନଂ ୫୧ ର ବିଭିନ୍ନ ଅଂଚଳ ପରିଦର୍ଶନ କରି ଲୋକଙ୍କ ବିଭିନ୍ନ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରୟାସ ଆରମ୍ଭ କରିଥିଲେ ଓ ଭାରତୀୟ ଜନତା ପାର୍ଟି ର ସଦସ୍ୟତା ମହାଅଭିଯାନ ରେ କାର୍ଯ୍ୟକର୍ତ୍ତା ଙ୍କ ସହିତ ସଦସ୍ୟତା ଗ୍ରହଣ କରେଥିଲେ । ସବୁ ସମସ୍ୟା ସମ୍ପର୍କରେ ସମୀକ୍ଷା କରିବା ପରେ ବିଧାୟକ ଶ୍ରୀ ସିଂ ଖୁବ୍ ଜଲ୍‌ଦୀ ସମାଧାନ ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବାବୁ ସିଂ କହିଛନ୍ତି ଯେ,ନିର୍ବାଚନରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଆଉ ଏବେ ଲୋକଙ୍କ ପାଇଁ କାମ କରୁଛୁ। ଭୋଟର ଆମକୁ ଜନ ପ୍ରତିନିଧୀ ଭାବେ ନିର୍ବାଚିତ କଲା ପରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେଇଛୁ। ଏକାମ୍ର ବାସୀଙ୍କୁ ସମସ୍ତ ମୌଳିକ ସୁବିଧା ଯୋଗାଇଦେବା ମୋର ପ୍ରାଥମିକ କର୍ତ୍ତବ୍ୟ ।ଭାରତୀୟ ଜନତା ପାର୍ଟି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ । ଏହି ଦଳର ସଦସ୍ୟ ସଂଖ୍ୟା ଏବେ ୧୮ କୋଟିରୁ ଊର୍ଦ୍ଧ୍ୱ । ଏହି ଦଳ ରାଷ୍ଟ୍ରବାଦ, ଜାତୀୟତାବାଦରେ ବିଶ୍ୱାସ କରେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି ଓ ଦେଶ ଦିନକୁ ଦିନ ଆଗକୁ ବଢ଼ିବାରେ ଲାଗିଛି । ବର୍ତ୍ତମାନ ସାରା ବିଶ୍ୱର ଅର୍ଥନୀତି ତଳକୁ ଖସୁଥିବାବେଳେ ମୋଦିଜୀଙ୍କ ନେତୃତ୍ୱରେ ଭାରତର ଅର୍ଥନୀତି ବଢ଼ିଛି । ତାଙ୍କ ନେତୃତ୍ୱରେ ଭାରତ ବ୍ରିଟେନକୁ ପଛରେ ପକାଇ ବିଶ୍ୱ ଅର୍ଥବ୍ୟବସ୍ଥାରେ ୧୧ତମ ସ୍ଥାନରୁ ପଂଚମ ସ୍ଥାନକୁ ଉଠିପାରିଛି । ଆଗାମୀ ଦିନରେ ଭାରତ ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ ହେବାକୁ ଯାଉଛି । ମୋଦିଜୀ "୨୦୪୭ ବିକଶିତ ଭାରତ" ଓ "୨୦୩୬ ବିକଶିତ ଓଡ଼ିଶା" ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି । ନୂତନ କାର୍ଯ୍ୟକର୍ତ୍ତା ଙ୍କୁ ଦଳରେ ସାମିଲ କରି ଦେଶକୁ ଆଗେଇ ନେବାକୁ ବିଜେପି ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ ଶ୍ରୀ ବାବୁ ସିଂ କହିଛନ୍ତି ।

# ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶରେ ଖଣ୍ଡଗିରି ପାହାଡରେ ବେଆଇନ ଦଖଲ ହଟାଇବା ସମ୍ପର୍କେ ବୈଠକ

**ଭୁବନେଶ୍ୱର,୪।୧୦ (ମହାଭାରତ):** ଏକ ରିଟ ପିଟିସନ କେସ କୁ ଭିତ୍ତି କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ, ଓଡ଼ିଶାଙ୍କ ନିର୍ଦ୍ଦେଶ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ପତ୍ର ଅନୁଯାୟୀ ଖଣ୍ଡଗିରି ପାହାଡରେ ବେଆଇନ ଦଖଲ ହଟାଇବା ସମ୍ପର୍କେ ଆଜି ଅପରାହ୍ନରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ପ୍ରଦକ୍ଷଣ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଚଂଚଳ ରାଣା ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଅଛି ।ଏହି ବୈଠକରେ ଭୁବନେଶ୍ୱର କମିଶନରେଟ ପୋଲିସ ଭାରପ୍ରାପ୍ତ ପୋଲିସ ଉପାୟୁକ୍ତ ଶ୍ରୀ ସୁରେଶ ଚନ୍ଦ୍ର ପାତ୍ର, ଉପଜିଲ୍ଲାପାଳ, ଭୁବନେଶ୍ୱର ଶ୍ରୀ ନୀତିଶ କୁମାର ତ୍ରିପାଠୀ, ଅଧିକ୍ଷକ,ପ୍ରତ୍ନତତ୍ତ୍ୱ ବିତ୍ ଡ. ଏନ୍ କେ ସ୍ୱାଇଁ,ଏ ଏସ ଆଇ, ଡ଼.ଏସ କେ କର, ତହସିଲଦାର, ଭୁବନେଶ୍ୱର ଶ୍ରୀ ମାନସ ରଂଜନ ସ୍ୱାଇଁ, ଭୁବନେଶ୍ୱର ମହାନଗର ନିଗମ, ଦକ୍ଷିଣ ପଶ୍ଚିମ ଜୋନ ଜୋନାଲ ଆୟୁକ୍ତ ଶ୍ରୀ ରୋସନ ଶତପଥୀ, ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ଶ୍ରୀ ଅଞ୍ଜନ କୁମାର ବାରିକ, ପୂର୍ତ୍ତ ଖଣ୍ଡ ୫ ନିର୍ବାହୀ ଯନ୍ତ୍ରୀ ଇଞ୍ଜିନିୟର ବିଭୂ ପ୍ରସାଦ ଲେଙ୍କା , ଡେପୁଟୀ କଲେକ୍ଟର, ଜୁଡ଼ିସିଆଲ ଅନନ୍ୟା ସୃଷ୍ଟି ଶତପଥୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ଚଂଚଳ ରାଣା ପ୍ରାରମ୍ଭରେ ଅଧିକ୍ଷକ, ପ୍ରତ୍ନତତ୍ତ୍ୱ ବିତ ଙ୍କୁ ଖଣ୍ଡଗିରି ପାହାଡର ଉର୍ଦ୍ଧ ଭାଗରେ ଏବଂ ନିମ୍ନ ଭାଗରେ ବେଆଇନ ଦଖଲ ସମ୍ପର୍କରେ ବିସ୍ତୃତ ତଥ୍ୟ ପଚାରି ବୁଝିଥିଲେ ।ପରେ ଜିଲ୍ଲାପାଳ ସମସ୍ତ ସଂପୃକ୍ତ ବିଭାଗୀୟ ଅଧିକାରୀ ଯଥା ଭୁବନେଶ୍ୱର ମହାନଗର ନିଗମ ଦକ୍ଷିଣ ପଶ୍ଚିମ ଜୋନ ଜୋନାଲ ଆୟୁକ୍ତ,ତହସିଲଦାର, ପୂର୍ତ୍ତ, ସାଧାରଣ ପ୍ରଶାସନ, ଥାନା ଅଧିକାରୀ ସମସ୍ତଙ୍କୁ ଆଇନ ଅନୁଯାଇ ମିଳିତ ଭାବେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପୁନଃର୍ବାର ଯେପରି କୌଣସି ପ୍ରକାରେ ଖଣ୍ଡଗିରି ଓ ଉଦୟଗିରି ପାହାଡର ଯେ କୌଣସି ସ୍ଥାନରେ ଯେ କୌଣସି ଗୋଷ୍ଠୀଙ୍କ ଦ୍ୱାରା ବେଆଇନ ଦଖଲ କିମ୍ବା ସ୍ଥାୟୀ ବା ଅସ୍ଥାୟୀ ନିର୍ମାଣ କାର୍ଯ୍ୟ ନହୁଏ, ସେଥିପ୍ରତି ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ ସହ ସଂପୃକ୍ତ ସମସ୍ତ ବିଭାଗୀୟ ପ୍ରଶାସନ ତୀକ୍ଷ୍ଣ ନଜର ଓ ଧ୍ୟାନ ଦେବାକୁ ଜିଲ୍ଲାପାଳ ଶ୍ରୀ ରାଣା ନିର୍ଦ୍ଦେଶ ଦେବାସହ ସମସ୍ତ କାର୍ଯ୍ୟ ଦୁଇ ମାସ ମଧ୍ୟରେ ସମାଧାନ କରିବାକୁ ନିଷ୍ପତି ନିଆଯାଇଥିଲା।

# ଝାଡଖଣ୍ଡ ନିର୍ବାଚନ ପାଇଁ ଓଡିଶା ରାଜଭବନ ବିଜେପିର ୱାର ରୁମ ପାଲଟିଛି

**ଭୁବନେଶ୍ୱର,୪।୧୦ (ମହାଭାରତ):** ଗତ କିଛି ଦିନ ଭିତରେ, ଓଡ଼ିଶାର ରାଜଭ୍ୱନ ଭିତରେ ଦେଖିବାକୁ ମିଳିଥିବା କିଛି ରାଜନୈତିକ ଗତିବିଧିକୁ ନେଇ ଆଜି ବିଜୁ ଜନତା ଦଳ ପକ୍ଷରୁ ଏହା ଉପରେ ପ୍ରଶ୍ନ ଉଠାଇବା ସଙ୍ଗେ ସଙ୍ଗେ, ଝାଡଖଣ୍ଡ ନିର୍ବାଚନ ପାଇଁ ଓଡିଶା ରାଜ ଭ୍ୱନ ଏକ ୱାର ରୁମ ବା ରାଜନୈତିକ ପେଣ୍ଠସ୍ଥଳୀ ପାଲଟିଛି ବୋଲି ଅଭିଯୋଗ କରାଯାଇଛି। ଏହି ରାଜନୈତିକ କାର୍ଯ୍ୟକ୍ରମ ଯୋଗୁ ଓଡ଼ିଶା ରାଜ ଭ୍ୱନର ଗାରିମା କ୍ଷୁର୍ଣ୍ଣ ହେଉଛି ବୋଲି କୁହାଯାଇଛି। ଆଜି ବିଜେଡି ମୁଖ୍ୟାଳୟ ଶଙ୍ଖ ଭ୍ୱନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ତଥା ବିଜେଡି ମୁଖପାତ୍ର ଶ୍ରୀମତୀ ସୁଲତା ଦେଓ ଓ ଶ୍ରୀ ସସ୍ମିତ ପାତ୍ର କହିଥିଲେ, ରାଜ ଭ୍ୱନ ହେଉଛି ଏକ ଗାରିମାମୟ ସ୍ଥାନ ଓ ରାଜନୀତିରୁ ଊର୍ଦ୍ଧ୍ୱରେ, କିନ୍ତୁ ଆସାମ ମୁଖ୍ୟମନ୍ତ୍ରୀ ଶ୍ରୀ ହିମନ୍ତ ବିଶ୍ୱଶର୍ମା ଓ ପୂର୍ବତନ ଉପରାଷ୍ଟ୍ରପତି ଶ୍ରୀ ଭେଙ୍କିଆ ନାଇଡୁଙ୍କ ରାଜ ଭ୍ୱନକୁ ଆଗମନ ନିଶ୍ଚିତ ଭାବେ ପ୍ରଶ୍ନ ସୃଷ୍ଟି କରିଛି। ଶ୍ରୀମତୀ ଦେଓ କହିଥିଲେ, ହିମନ୍ତ ବିଶ୍ୱଶର୍ମା ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ଦେଇ କହିଥିଲେ, ସେ ବ୍ୟକ୍ତିଗତ କାରଣରୁ ଓଡ଼ିଶାର ରାଜ୍ୟପାଳଙ୍କୁ ଭେଟିବାକୁ ଆସିଛନ୍ତି। କିନ୍ତୁ, ତାପରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେତେବେଳେ ଝାଡଖଣ୍ଡ ଯାଇ ସେଠାରେ ଏକ ନିର୍ବାଚନୀ ସଭାରେ ଭାଷଣ ଦେଇଥିଲେ, ସେତେବେଳେ ବିଶ୍ୱଶର୍ମା ଓ ଭେଙ୍କିଆ ନାଇଡୁଙ୍କ ଗସ୍ତ ରାଜନୈତିକ କାରଣରୁ ଥିଲା ବୋଲି ସ୍ପଷ୍ଟ ହୋଇଥିଲା। ଓଡ଼ିଶାର ରାଜ୍ୟପାଳ ଶ୍ରୀଯୁକ୍ତ ରଘୁବର ଦାସ ଝାଡଖଣ୍ଡ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହେବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ସେ ନିର୍ବାଚନ ଲଢିବେ କି ନାହିଁ, ସେଥିରେ ବିଜେଡିର କିଛି ଯାଏ ଆସେ ନାହିଁ, କିନ୍ତୁ ଓଡ଼ିଶାର ରାଜ ଭ୍ୱନକୁ ରାଜନୀତିର ଆଡ୍ଡାସ୍ଥଳୀରେ ପରିଣତ ନକରାଯାଉ ଓ ଏହାର ଗାରିମା ନଷ୍ଟ ନହେଉ ବୋଲି ଶ୍ରୀମତୀ ଦେଓ କହିଥିଲେ। ସେ ଆହୁରି କହିଥିଲେ, ରାଜ୍ୟପାଳଙ୍କ ପୁଅଙ୍କ ଦ୍ୱାରା ଜଣେ ଏଏସଓଙ୍କ ଉପରେ ହୋଇଥିବା ଅମାନବୀୟ ଆକ୍ରମଣ ଘଟଣାରେ ଏ ପର୍ଯ୍ୟନ୍ତ ନ୍ୟାୟ ନମିଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ। ପନ୍ଦର ଦିନରେ ଏହି କେସରେ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବାକୁ କୁହାଯାଇଥିଲା, ଯାହା ତିନି ମାସରୁ ଊର୍ଦ୍ଧ୍ୱ ସମୟ ବିତିଯିବା ପରେ ମଧ୍ୟ ରିପୋର୍ଟ ଆସି ପାରିନାହିଁ। ଦଳର ଜାତୀୟ ମୁଖପାତ୍ର ଓ ରାଜ୍ୟସଭା ସାଂସଦ ଶ୍ରୀ ସସ୍ମିତ ପାତ୍ର ସିଧା ସଳଖ ପ୍ରଶ୍ନ କରିଥିଲେ, ଝାଡଖଣ୍ଡ ନିର୍ବାଚନ ପାଇଁ ଓଡ଼ିଶାର ରାଜଭ୍ୱନ ବିଜେପିର ୱାର ରୁମ ବା ରାଜନୈତିକ ପେଣ୍ଠସ୍ଥଳୀ ପାଲଟିଛି କି? ଏହି ରାଜନୈତିକ ଗତିବିଧିର ମୁଖ୍ୟ ପୁରୋଧା ନିଜେ ରାଜ୍ୟପାଳ ମହୋଦୟ ଅଛନ୍ତି, ସେ ଏ ବିଷୟରେ ସ୍ପଷ୍ଟୀକରଣ ରଖିବା ଉଚିତ। ଦ୍ୱିତୀୟ ପ୍ରଶ୍ନ ହେଉଛି, ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସାମିଲ ହୋଇଛନ୍ତି କି, ଯେଉଁଥିପାଇଁ ସେ ସାମ୍ବିଧାନିକ ପଦବୀରେ ଥାଇ ମଧ୍ୟ ନିଜର ରାଜନୈତିକ ସ୍ୱାର୍ଥ ହାସଲ ଲାଗି, ରାଜଭ୍ୱନ ଗାରିମାକୁ ଜଳାଞ୍ଜଳି ଦେବାକୁ ପଛାଉ ନାହାନ୍ତି। ବିଜେପିର ବରିଷ୍ଠ ନେତାମାନେ ସ୍ପଷ୍ଟ କରିବା ଦରକାର, ସେମାନେ ରାଜଭ୍ୱନକୁ ବ୍ୟକ୍ତିଗତ କାରଣରୁ ନା ରାଜନୈତିକ କାରଣରୁ ରାଜ ଭ୍ୱନକୁ ଗସ୍ତ କରୁଛନ୍ତି। ରାଜ୍ୟପାଳ ମହୋଦୟ ତାଙ୍କ ପୁଅ ପ୍ରୀତି ଛାଡି କେବେ ଏଏସଓଙ୍କୁ ନ୍ୟାୟ ପ୍ରଦାନ କରିବେ।



# ଆଇଏମଏଫ ରିପୋର୍ଟ

୧୦ ବର୍ଷ ଭିତରେ ଦେଶର ପାଖାପାଖି ୨୫ କୋଟି ଲୋକ ଦାରୀଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ଆୟୋଗର ସିଇଓ ବି ଭି ସୁବ୍ରମଣ୍ୟମ ଏନଏସଏଓର ରିପୋର୍ଟ ଆଧାରରେ କହିଛନ୍ତି ଯେ, ଦେଶରେ ଦାରୀଦ୍ର୍ୟ ହାର ଜନସଂଖ୍ୟାର ୫%ରୁ କମ ରହିଛି। ଗ୍ରମାଞ୍ଚଳରେ ମାସିକ ପରିବାର ପିଛା ହାରାହାରି ବ୍ୟୟ ୩୭୭୪ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ସହରାଞ୍ଚଳରେ ଏହା ପାଖାପାଖି ୭ହଜାର ଟଙ୍କା ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରୀଦ୍ର୍ୟ ଦୁରୀକରଣ ଯୋଜନା ଏବଂ କାର୍ଯ୍ୟକ୍ରମର ସୁଫଳ ମିଳିଛି ଏବଂ ଦାରିଦ୍ର୍ୟ ହାର କମୁଛି ବୋଲି ସୁବ୍ରମଣ୍ୟମ କହିଛନ୍ତି। ତେବେ ଦାରୀଦ୍ର୍ୟ ସୀମାରେଖାର ସଂଜ୍ଞା ପୁନଃନିରୂପିତ ହେବାର ଆବଶ୍ୟକତା ରହିଛି। ବାର୍ଷିକ ୧ ଲକ୍ଷ ଟଙ୍କା ରୋଜଗାର କରୁଥିବା ବ୍ୟକ୍ତିଙ୍କୁ ଏବେ ଦରୀଦ୍ର ବୋଲି ବିଚାର କରିବାକୁ ପଡ଼ିବ। ଦାରୀଦ୍ର୍ୟର ମାପକାଠି ଟଙ୍କା ରୋଜଗାର ପରିମାଣ ନୁହେଁ। ଏକ ଉନ୍ନତ ଏବଂ ସ୍ୱଚ୍ଛଳ ଜୀବନ ଯାପନ ବା ସର୍ବନିମ୍ନ ଆବଶ୍ୟକତା ପୂରଣ କରିପାରୁନଥିଲେ ଜଣେ ବ୍ୟକ୍ତିଙ୍କୁ ଦାରୀଦ୍ର ବୋଲି କୁହାଯିବ। ମାଗଣା ରାସନ ଏବଂ ମାଗଣା ଚିକିତ୍ସା ସୁବିଧାକୁ ଏଥିରେ ହିସାବ କରାଯିବା ଅନୁଚିତ। ମାଗଣା ରାସନ ବା ଖାଦ୍ୟ ସୁରକ୍ଷା ଯୋଜନା, ସ୍କୁଲ ପିଲାଙ୍କୁ ମାଗଣା ପୋଷାକ ଓ ସାଇକେଲ ଭଳି ଯୋଜନା ଗରିବ ପରିବାର ଉପରେ ଆର୍ଥିକ ଚାପ ହ୍ରାସ କରିଛି ଏବଂ ସେମାନେ କେବଳ ଖାଇବାରେ ଖର୍ଚ୍ଚ ନକରି ଭିନ୍ନ ଲକ୍ଷ୍ୟରେ ଅର୍ଥ ବିନିଯୋଗ କରୁଛନ୍ତି। ଅନେକ ନିଜ ପାଇଁ ଅତିରିକ୍ତ ଆୟର ପନ୍ଥା ମଧ୍ୟ ନିର୍ଦ୍ଧାରଣ କରିଛନ୍ତି। ଏଥିରେ ବଡ଼ ଭୂମିକା ରହିଛି ମନରେଗା ଭଳି ଯୋଜନା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ। ଦୁଇ ଦଶନ୍ଧି ତଳେ କେବଳ ଓଡ଼ିଶା ନୁହେଁ, ଅନେକ ରାଜ୍ୟରେ ଅନାହାର ମୃତ୍ୟୁ ହେଉଥିଲା। ଏବେ ଅନ୍ତତଃପକ୍ଷେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁନି। ସମସ୍ତଙ୍କୁ ଦୁଇବେଳା ଖାଇବାକୁ ମିଳୁଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେବଳ ଗରୀବ କଲ୍ୟାଣ ଯୋଜନା ଦ୍ୱାରା ଦେଶର ବିକାଶ ହୋଇପାରିବନି। ଦେଶର ଅର୍ଥନୈତିକ ସମୃଦ୍ଧି ମଧ୍ୟ ଆବଶ୍ୟକ। ସୁଖର କଥା, ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ବିବେଚିତ ହେଉଛି। ଏହା ଆମ ପାଇଁ ଏକ ଗୌରବର ବିଷୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୭ ପ୍ରତିଶତ ରହିପାରେ। ୱାର୍ଲଡ ଇକନମିକ ଫୋରମ ପକ୍ଷରୁ ମଧ୍ୟ ସମାନ ଆକଳନ କରାଯାଇଛି। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ପଡ଼ୋଶୀ ପାକିସ୍ତାନରେ ମୁଦ୍ରାସ୍ଫୀତି ହାର ୩୭ ପ୍ରତିଶତ ରହିଥିବା ବେଳେ ଭାରତର ସ୍ଥିତି ଯଥେଷ୍ଟ ଭଲ ବୋଲି କୁହାଯାଇପାରେ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟରୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି।

# ଆମେରିକାର ବ୍ୟାଙ୍କିଂ ବ୍ୟବସ୍ଥାରେ ବିପର୍ଯ୍ୟୟ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିଶ୍ୱର ଆର୍ଥିକ ଦେଣନେଣକୁ ନିୟନ୍ତ୍ରଣ କରୁଥିବା ଆମେରିକାର ଆର୍ଥିକ ବଜାରରେ ଏବେ ଅନିଶ୍ଚିତତା ଜାରି ରହିଛି । ନିକଟରେ ସିଲିକନ ଭାଲି ବ୍ୟାଙ୍କ, ସିଗନେଚରେ ବ୍ୟାଙ୍କ, ସିଲଭର ଗେଟ ବ୍ୟାଙ୍କରେ ବିପର୍ଯ୍ୟୟ ଘଟିଛି । ଅନ୍ୟକୁ ମାର୍ଗଦର୍ଶନ ଦେଉଥିବା, ଅନ୍ୟଦେଶର ବ୍ୟାଙ୍କିଂ ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଉଠାଇଥିବା ଜର୍ଜ ସୋରୋସ , ହଡସନ୍ସ, ହିଣ୍ଡେନବର୍ଗ, ଏନ୍‌ଡବ୍ଲୁଟି ଆଦି ଏବେ ପ୍ରାୟ ଚୁପ୍ । କାଲିଫର୍ଣ୍ଣିଆ ରାଜ୍ୟର ଏବଂ ଆମେରିକାର ଏହି ୧୬ଶତମ ବଡ ବ୍ୟାଙ୍କ ୨୦୦୮ ପରେ ସବୁଠୁ ବଡ ବ୍ୟାଙ୍କ ଭାବେ ଦେବାଳିଆ ହେବା ସ୍ତରକୁ ଚାଲିଯାଇଛି । ସେଠାରେ ଅଧାପନା କରୁଥିବା ରଘୁରାମ ରାଜନ, ମୁକ୍ତ ଗଣମାଧ୍ୟମ, ନୋବେଲ ବିଜୟୀ ଅମର୍ତ୍ତ୍ୟ ସେନଙ୍କ ପରି ଲୋକମାନେ ଥିଲାବେଳେ ଏମିତି କାହିଁକି ହେଲା, ସେତେବେଳେ ସେମାନେ କଣ କରୁଥିଲେ ତାହାହିଁ ସବୁଠୁ ବଡ ପ୍ରଶ୍ନ ହୋଇଛି । ୧୦ ମାର୍ଚ୍ଚ ୨୦୨୩ରେ ସିଲିକନ ଭାଲୀ ବ୍ୟାଙ୍କ ଡୁବିଯିବାର ୨ଦିନ ପରେ ୧୨ ମାର୍ଚ୍ଚରେ ସିଗନେଚର ବ୍ୟାଙ୍କ ଡୁବିବାର ଖବର ଆସିଲା । ଏହାପରେ ଆମେରିକାର ରେଗୁଲେଟର ଏହି ଦୁଇ ବ୍ୟାଙ୍କକୁ ନିଜ ନିୟନ୍ତ୍ରଣକୁ ନେଲେ । ତେବେ ସିଲିକନ ଭାଲୀ ବ୍ୟାଙ୍କର ଖରାପ ଅବସ୍ଥା ଯୋଗୁ ପୃଥିବୀରେ ନିବେଶକମାନଙ୍କର ୩୮ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି । ତନ୍ମଧ୍ୟରେ ପ୍ରାୟ ୨୧ଟି ଭାରତୀୟ ଷ୍ଟାର୍ଟଅପ କମ୍ପାନୀ ରହିଥିବା କଥା କୁହାଯାଉଛି । ଆଶ୍ଚର୍ଯ୍ୟର ବିଷୟ ହେଲା ଯେ ଫୋର୍ବେସର ୨୦୨୩ ରିପୋର୍ଟରେ ଆମେରିକାର ଭଲ ବ୍ୟାଙ୍କର ତାଲିକାରେ ସିଲିକନ ଭାଲୀ ୨୦ଶତମ ସ୍ଥାନରେ ରହିଥିଲା । ବ୍ୟାଙ୍କ ଡୁବିବାର ୪ଦିନ ପୂର୍ବ ଯାଏଁ ବ୍ୟାଙ୍କକୁ ଷ୍ଟାରରେଟିଂ ଦିଆଯାଉଥିଲା । ବ୍ୟାଙ୍କର ସେୟାର ୭୦୦ରୁ ୪୦ ଡଲାରକୁ ଖସିଯିବା ଯୋଗୁଁ ଏମିତି ଅବସ୍ଥା ହେବା କଥା କୁହାଯାଉଛି । ୨୦୦୮ରେ ୱାସିଂଟନ ମ୍ୟୁଚୁଆଲ ଏମିତି ଦେବାଳିଆ ହୋଇ ୩୦୮ ବିଲିଅନ ଡଲାର ହରାଇଥିଲା ।

ଆମେରିକାର ବ୍ୟାଙ୍କିଂ ବ୍ୟବସ୍ଥାରେ ଏଭଳି ବିପର୍ଯ୍ୟୟ କିଛି ନୂଆକଥା ନୁହେଁ । ସେଠାରେ ଗୋଟିଏ ବ୍ୟାଙ୍କର ପତନକୁ ସାଧାରଣ ବୋଲି ଧରାଯାଏ । ୧୯୮୭ରେ ଆମେରିକାରେ ଲେହମାନ ବ୍ରଦର୍ସ ଯୋଗୁ ଏବଂ ୧୭ମାର୍ଚ୍ଚ ୨୦୦୮ରେ ପୁନର୍ବାର ଏହି ସଂସ୍ଥା ପାଇଁ ବ୍ୟାଙ୍କିଂ ବ୍ୟବସ୍ଥାରେ ଭୂକମ୍ପ ଆସିଥିଲା । ସେତେବେଳେ ସଂସ୍ଥାର ସେୟାର ୩୮ ପ୍ରତିଶତ ହ୍ରାସ ପାଇଥିଲା । ୧୫ ସେପ୍ଟେମ୍ବର ୨୦୦୮ ବେଳକୁ ଲେହମାନ ବ୍ରଦର୍ସ ଦେବାଳିଆ ହୋଇଯାଇଥିଲା । ଏହାର ପ୍ରଭାବରେ ଆମେରିକାରେ ହାହାକାର ଆସିଥିଲା । ପୃଥିବୀରେ ଏହାର ପ୍ରଭାବରେ ପ୍ରାୟ ୨୧କୋଟି ଲୋକଙ୍କ ରୋଜଗାର ଚାଲିଯାଇଥିଲା । ଏବେ ସ୍ୱିଜରଲ୍ୟାଣ୍ଡର କ୍ରେଡିଟ ସୁସୀ ସଂସ୍ଥା ଡୁବିବା ଅବସ୍ଥାକୁ ଆସିଛି । ଆଦାନୀଙ୍କ ବିରୋଧରେ ହିଣ୍ଡେନବର୍ଗ ସଂସ୍ଥାର ନକାରାତ୍ମକ ରିପୋର୍ଟ ପ୍ରକାଶ ପାଇଲା ପରେ ଆଦାନୀଙ୍କ କୌଣସି ସେୟାରକୁ ସୁସୀ ଗ୍ରହଣ କରିବ ନାହିଁ ବୋଲି ଆଗୁଆ ଘୋଷଣା କରିଦେଲା । ହେଲେ ମାତ୍ର ୨୦ଦିନ ମଧ୍ୟରେ ସୁସୀ ବଜାରରେ ମାଙ୍କଡଚିତ୍ ମାରିଲା । ନିଜକୁ ମଧ୍ୟ ସୁସୀ ରକ୍ଷା କରିପାରିଲା ନାହିଁ । ତେଣୁ ଦ୍ୱିତୀୟ ବଡ ସ୍ୱିସ ବ୍ୟାଙ୍କ ସୁସୀ ଡୁବିବା ଯୋଗୁ ପୃଥିବୀର କଳାଟଙ୍କାର ଗନ୍ତାଘର ଭାବେ ପରିଚିତ ୟୁବିଏମ୍ ୩.୩ ବିଲିଅନ ଡଲାର ମୂଲ୍ୟରେ ଏହି ବ୍ୟାଙ୍କକୁ ଏବେ କିଣିନେଇଛି । ବିଗତ ଦିନରେ ସୁସୀ ବିରୋଧରେ ଅନେକ ଦୁର୍ନୀତି ଅଭିଯୋଗ ଆସିଥିଲା । ପୃଥିବୀର ୫୦ ଦେଶରେ ଏହାର ୧୫୦ ଶାଖାରେ ୫୦୦୦୦କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ତେଣୁ ବ୍ୟାଙ୍କିଂ ରେଟିଂ ସଂସ୍ଥା ମୁଡିଜ୍ ଏବେ ଟାର୍ଗେଟରେ ଆମେରିକାର ଅନ୍ୟ ୬ଟି ବ୍ୟାଙ୍କକୁ ରଖିଛି । ସେଗୁଡିକ ହେଲା (୧) ଫାଷ୍ଟ ରିପବ୍ଲିକ ବ୍ୟାଙ୍କ, (୨) ଜିଓନ୍ସ, (୩) ୱେଷ୍ଟର୍ଣ୍ଣ ଆଲିଆନ୍ସ, (୪) କୋମେରିକା, (୫) ୟୁଏମ୍‌ବି ଫାଇନାନ୍‌ସିଆଲ୍, (୬) ଇନଟ୍ରଷ୍ଟ ଫାଇନାନ୍‌ସିଆଲ୍ । ଏହିସବୁ ବ୍ୟାଙ୍କିଂ ସଂସ୍ଥା ଆଗାମୀ ଦିନରେ ମୁଣ୍ଡବ୍ୟଥାର କାରଣ ହେବାର ସମ୍ଭାବନା ରହିଛି । ଏଥିପାଇଁ ଜୋ ବାଇଡେନଙ୍କୁ ବାଧ୍ୟ ହୋଇ ସାଧାରଣରେ ଏ ସଂକ୍ରାନ୍ତରେ ବକ୍ତବ୍ୟ ଦେବାକୁ ପଡିଛି । କାରଣ ଆମେରିକା ଅର୍ଥ ବ୍ୟବସ୍ଥାରେ ୬୨୦ ବିଲିଅନ ଡଲାର ଇତି ମଧ୍ୟରେ କ୍ଷତି ହୋଇସାରିଲାଣି । ୧୯୮୭ ମାନ୍ଦାବସ୍ଥା ବେଳେ ଆମେରିକାରେ ସିଟିଗ୍ରୁପ, ଆପଲ ଏବଂ ଜେପି ମୋର୍ଗାନର ସେୟାର ୧୮ ପ୍ରତିଶତ ହ୍ରାସ ପାଇଲା ପରି ଏବେ ଆମେରିକା ଆର୍ଥିକ ବଜାରରେ ସେମିତି ଅବସ୍ଥା ଦେଖାଦେଇଛି ।

ସିଲିକନଭାଲୀ ବ୍ୟାଙ୍କ ଆମେରିକାର କାଲିଫର୍ଣ୍ଣିଆରେ ୧୯୮୩ରେ ସଂସ୍ଥାପକ ରୋଜର ବି ସ୍ମିଥଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ମୋଟ ୧୭.୪୮ ଲକ୍ଷ କୋଟି ଟଙ୍କା ଏହାର ପୁଞ୍ଜି ରହିଥିଲା । ଆମେରିକାର ଆଇଟି କ୍ଷେତ୍ରରେ କାର୍ଯ୍ୟରତ ପ୍ରାୟ ୫୦ ପ୍ରତିଶତ କମ୍ପାନୀ ଏହି ବ୍ୟାଙ୍କ ସହ କାରବାର କରୁଥିଲେ । ଏହି ବ୍ୟାଙ୍କର ଶାଖା ସବୁ ଆମେରିକା ଛଡା କାନାଡା, ଚୀନ, ବ୍ରିଟେନ, ଡେନମାର୍କ, ଜର୍ମାନୀ, ଆୟର୍ଲାଣ୍ଡ, ଇସ୍ରାଏଲ ଏବଂ ସ୍ୱିଡେନରେ ରହିଛି । କୋରୋନା ପରେ ଆଇଟି ସେବାର ବ୍ୟାପକ ବୃଦ୍ଧି ଯୋଗୁ ୨୦୧୯ରେ ଏହି ବ୍ୟାଙ୍କର ସଂପତ୍ତି ୫.୮୫ ଲକ୍ଷ କୋଟିରୁ ବଢି ୨୦୨୨ରେ ୧୭.୪୭ ଲକ୍ଷ କୋଟିରେ ପହଞ୍ଚିଯାଇଥିଲା । ସେମିତି ଅନ୍ୟ ଏକ ଦେବାଳିଆ ବ୍ୟାଙ୍କ ସିଗନେଚର ଆମେରିକାର ୨୯ଶ ସ୍ଥାନରେ ଥିବା ବ୍ୟାଙ୍କ । ଏହା ୨୦୦୧ରେ ସଂସ୍ଥାପକ ଜୋସେଫ ଜେ.ଡିପୋଲୋଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ନିଉୟର୍କ ସହରରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଛି । ବ୍ୟାଙ୍କର ମୋଟ ପୁଞ୍ଜି ୯.୯୬ଲକ୍ଷ କୋଟି ଟଙ୍କା ରହିଛି । ୨୦୦୧ରେ ଆମେରିକାର ରିପବ୍ଲିକ ନେସନାଲ ବ୍ୟାଙ୍କ ଅଫ୍ ନିଉୟର୍କକୁ ଏଚ୍‌ଏସ୍‌ବିସି କିଣିନେଲା ପରେ ଉକ୍ତ ବ୍ୟାଙ୍କର କିଛି ଅଧିକାରୀ ମିଶି ଏହି ବ୍ୟାଙ୍କକୁ ଆରମ୍ଭ କରିଥିଲେ । ଏହି ବ୍ୟାଙ୍କର କର୍ମଚାରୀମାନେ ପ୍ରଥମେ ଅନେକ ଧନୀ ଆମେରିକୀୟଙ୍କୁ ବ୍ୟାଙ୍କ ସହ ଯୋଡିଥିଲେ । ୨୦୧୦ ପର୍ଯ୍ୟନ୍ତ ଏହାର ଗୋଟିଏ କାର୍ଯ୍ୟାଳୟ ନିଉୟର୍କରେ ଥିଲାବେଳେ ୨୦୨୩ ବେଳକୁ ଏହାର ଶାଖା ୪୦ରେ ପହଞ୍ଚିଯାଇଥିଲା । ୨୦୧୮ରେ ବ୍ୟାଙ୍କ କ୍ରିପ୍ଟୋ ମୁଦ୍ରାରେ ବ୍ୟବସାୟ ଆରମ୍ଭ କରିଥିଲା । ୨୦୨୧ପର୍ଯ୍ୟନ୍ତ ବ୍ୟାଙ୍କର ମୋଟ ଜମାର ୧୬ପ୍ରତିଶତ କ୍ରିପ୍ଟୋ ମୁଦ୍ରା ରହିଥିଲା, ଯାହା ୨୦୨୩ରେ ବୃଦ୍ଧିପାଇ ୩୦ ପ୍ରତିଶତ ହୋଇଥିଲା ।

ବ୍ୟାଙ୍କଗୁଡିକର ଡୁବିଯିବା ପଛରେ ଖରାପ ଋଣ ବୃଦ୍ଧି ପାଇବା ଏକ ପ୍ରମୁଖ କାରଣ ରହିଆସିଛି । କିନ୍ତୁ ଆମେରିକାର ଡୁବିଥିବା ପ୍ରମୁଖ ଦୁଇଟି ବ୍ୟାଙ୍କ ସିଲିକନଭାଲୀ ଏବଂ ସିଗନେଚର ବ୍ୟାଙ୍କ କ୍ଷେତ୍ରରେ ଯେଉଁ ଦୁଇଟି ପ୍ରମୁଖ କାରଣ ରହିଛି ତାହା ହେଲା ସୁଧହାରଜନିତ ବିପଦ, ଗ୍ରାହକଙ୍କ ଲାଭ ପାଇଁ ବିପଦବରଣ କରିବା (ଲିକ୍ୟୁଡିଟୀ) । ସୁଧହାରଜନିତ ବିପଦ (ଇଣ୍ଟରେଷ୍ଟ ରିସ୍କ) କଥା ବିଚାରିଲେ ଜଣାଯିବ ଯେ କୌଣସି ବ୍ୟାଙ୍କ ଅଳ୍ପ ସମୟ ମଧ୍ୟରେ ବାରମ୍ବାର ସୁଧହାର ବୃଦ୍ଧିକୁ ସମ୍ମୁଖୀନ ହେବା ଏକ ଆହ୍ୱାନର ବିଷୟ । ଏବେ ଆମେରିକା ବଜାରରେ ମୁଦ୍ରାସ୍ଫିତି ୪୦ ବର୍ଷରେ ସର୍ବାଧିକ ରହିଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଆମେରିକାର ବ୍ୟାଙ୍କ ନିୟନ୍ତ୍ରଣକାରୀ ସଂସ୍ଥା ଫେଡେରାଲ ରିଜର୍ଭ ପକ୍ଷରୁ ମାର୍ଚ୍ଚ ୨୦୨୨ ପରବର୍ତ୍ତୀ ମାସଗୁଡିକରେ ଅନେକଥର ସୁଧହାର ବଢାଯାଇଛି, ଯାହା ଏବେ ୪.୫ ପ୍ରତିଶତରେ ପହଞ୍ଚିଛି ।

*ସିଲିକନଭାଲୀ ବ୍ୟାଙ୍କ ଆମେରିକାର କାଲିଫର୍ଣ୍ଣିଆରେ ୧୯୮୩ରେ ସଂସ୍ଥାପକ ରୋଜର ବି ସ୍ମିଥଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ମୋଟ ୧୭.୪୮ ଲକ୍ଷ କୋଟି ଟଙ୍କା ଏହାର ପୁଞ୍ଜି ରହିଥିଲା । ଆମେରିକାର ଆଇଟି କ୍ଷେତ୍ରରେ କାର୍ଯ୍ୟରତ ପ୍ରାୟ ୫୦ ପ୍ରତିଶତ କମ୍ପାନୀ ଏହି ବ୍ୟାଙ୍କ ସହ କାରବାର କରୁଥିଲେ । ଏହି ବ୍ୟାଙ୍କର ଶାଖା ସବୁ ଆମେରିକା ଛଡା କାନାଡା, ଚୀନ, ବ୍ରିଟେନ, ଡେନମାର୍କ, ଜର୍ମାନୀ, ଆୟର୍ଲାଣ୍ଡ, ଇସ୍ରାଏଲ ଏବଂ ସ୍ୱିଡେନରେ ରହିଛି ।*

# ମାତ୍ର ସାତ ଚରିତ୍ରରେ ରାଜତନ୍ତ୍ର

॥ ସୁବାଶ ଦାସ ॥

ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଏବେ ପୃଥିବୀ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ସେଥିରୁ ବଞ୍ଚିବା ପାଇଁ ସବୁକିଛି ସବୁଜମୟ କରିବା ସକାଶେ ଏବେ ମଣିଷ ପ୍ରୟାସରତ । ପୂର୍ବରୁ ସବୁଜିମା ଥିଲା ପରିବେଶ । ଜୈବିକ ସାର ପ୍ରୟୋଗ କରାଯାଇ ଖାଦ୍ୟଶସ୍ୟ ଉତ୍ପାଦନ କରାଯାଉଥିଲା । ଯେତେବେଳେ ଲୋକସଂଖ୍ୟା ହୁ ହୁ ବଢ଼ିଲା ସେତେବେଳେ ଖାଦ୍ୟ ଚାହିଦା ମେଣ୍ଟାଇବା ପାଇଁ ସୀମିତ ଜମିରେ ଅଧିକ ଉତ୍ପାଦନ ଜରୁରୀ ହୋଇପଡ଼ିଲା । ଜୈବିକ ସାରା ଦ୍ୱାରା ଅଧିକ ଅମଳ ସମ୍ଭବ ନ ହେବାରୁ ରାସାୟନିକ ସାର ବିଷୟ ଚିନ୍ତା କରାଗଲା । ଫଳରେ ଖାଦ୍ୟଶସ୍ୟ ଉତ୍ପାଦନ ପୂର୍ବାପେକ୍ଷା ବହୁଗୁଣିତ ହେଲା । କିନ୍ତୁ ସେହି ଖାଦ୍ୟ ମଣିଷ ଦେହରେ ନାନା ରୋଗ ସୃଷ୍ଟି କରିବାରୁ ପୁଣି ଜୈବିକ ସାର ପ୍ରୟୋଗ ବିଷୟ ବିଶ୍ୱବ୍ୟାପୀ ଚାଷୀଙ୍କ ମୁଣ୍ଡକୁ ଢୁକିଛି । ହେଲେ ଓଡ଼ିଶାରେ କୃଷକଙ୍କୁ ସେତକ ବୁଦ୍ଧି ଜୁଟୁ ନାହିଁ । ଜଣେ ଚାଷୀର କିଆରିରେ ଗହ ଗହ ଶସ୍ୟ ଦେଖି ଆଉ ଜଣେ ଚାଷୀ ଲୋଭିଲା ହୋଇପଡୁଛି । ଅଧିକ ଫସଲ ଅମଳ ଆଶାରେ କ୍ଷେତରେ ୟୁରିଆ, ପଟାସ, ଗ୍ରୋମୋର ଭଳି ରାସାୟନିକ ସାର ପ୍ରୟୋଗ ହେଉଛି । ଏହି ଧାରାକୁ ନେଇ ଭାଗଚାଷୀ ବିକୃତ ପରିସ୍ଥିତି ସୃଷ୍ଟି କଲେଣି । ଜମି ମାଲିକ ପରବର୍ତ୍ତୀ ବର୍ଷରେ ଭାଗଚାଷ ଦେଇପାରନ୍ତି ବା ନ ଦେଇପାରନ୍ତି ସେହି ଆଶଙ୍କାରେ ସେମାନେ ଚାଷ କରୁଥିବା ଜମିରେ ଢ଼ାଳୁଛନ୍ତି ପ୍ରଚୁର ରାସାୟନିକ ସାର । ଏହାଦ୍ୱାରା ଚାଷ ଜମିର ଉର୍ବରତା ଦିନକୁ ଦିନ କମିବାରେ ଲାଗୁଛି । କୃଷି ବିଜ୍ଞାନରେ ଅଛି ଗୋଟିଏ ଜମିରେ ପ୍ରତିବର୍ଷ ସମାନ ଚାଷ ନ କରି ବର୍ଷକୁ ବର୍ଷ ଚାଷ ପରିବର୍ତ୍ତନ କରାଗଲେ କ୍ଷେତରେ ଉତ୍ପାଦିକତା ଶକ୍ତି ବୃଦ୍ଧି ପାଏ । ହେଲେ ମାନୁଛି କିଏ । ଗୋବର, ଖତ, ପିଡ଼ିଆ ମାନ୍ଧାତା ପ୍ରଣାଳୀ ଭାବି ତାହାକୁ ଗ୍ରହଣ କରାଯାଉନାହିଁ । ଅନ୍ୟ ପକ୍ଷରେ ରାସାୟନିକ ପଦାର୍ଥ ଆଜି ମଣିଷର ଜୀବନ ସହ ଜଡ଼ିତ ହୋଇଗଲାଣି । ସେଥିରୁ ସମ୍ପୂର୍ଣ୍ଣ ନିସ୍ତାର ନ ମିଳିଲେ ମଧ୍ୟ ହାନିକାରକ ଉପାଦାନ କମାଇବା ଦିଗରେ ଏବେ ଗୁରୁତ୍ୱ ଦିଆଯିବାର ସମୟ ଆସିଲାଣି । ଉପରୋକ୍ତ ବିଷୟକୁ ତର୍ଜମା କଲେ ଗୋଟିଏ କଥା ସ୍ପଷ୍ଟ ଯେ ରାସାୟନିକ ଉପାଦାନ ଥିବା ଯେ କୌଣସି ପଦାର୍ଥ ପରିବେଶ ଓ ପ୍ରାଣୀଜଗତ ପାଇଁ କ୍ଷତିକାରକ । ଏହାକୁ ହୃଦୟଙ୍ଗମ କରି ୧୯୯୧ରେ ପଲ୍ ଆନାଷ୍ଟାସ ଗ୍ରୀନ୍ କେମିଷ୍ଟ୍ରୀ ବା ସବୁଜ ରସାୟନ ଶବ୍ଦ ପ୍ରଣୟନ କରିଥିଲେ । ରସାୟନିକ ପଦାର୍ଥରେ କ୍ଷତିକାରକ ଉପାଦାନଗୁଡ଼ିକୁ ଅଲଗା କରାଯାଇ ତାହାକୁ ପରିବେଶ ଉପଯୋଗୀ କରାଯିବା ପ୍ରକ୍ରିୟା ପ୍ରସ୍ତୁତ କରିଥିବାରୁ ତାଙ୍କୁ ଗ୍ରୀନ୍ କେମିଷ୍ଟ୍ରୀର ଜନକ ବୋଲି କୁହାଯାଏ । ସେ ଏବେ ଆମେରିକାର ୟେଲ୍ ବିଶ୍ୱବିଦ୍ୟାଳୟର 'ସେଣ୍ଟର ଫର୍ ଗ୍ରୀନ୍ କେମିଷ୍ଟ୍ରୀ ଆଣ୍ଡ ଗ୍ରୀନ୍ ଇଞ୍ଜିନିୟରିଂ' ବିଭାଗର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି । ଗ୍ରୀନ୍ କେମିଷ୍ଟ୍ରୀର ଲକ୍ଷ୍ୟ ହେଲା କୌଣସି ରସାୟନିକ ପଦାର୍ଥରେ ଥିବା ବିଷାକ୍ତ ଉପାଦାନକୁ କମାଇ ତାହାର ଦକ୍ଷତାକୁ ବଢ଼ାଇବା । ଫଳରେ ମୂଳସ୍ତରରୁ ହିଁ ପ୍ରଦୂଷଣକୁ କମାଯାଇପାରିବ । ସେଥିପାଇଁ ଏହି ଗ୍ରୀନ୍ କେମିଷ୍ଟ୍ରୀର ନୀତିର ପ୍ରଥମରେ କୁହାଯାଇଛି, କୌଣସି ପଦାର୍ଥ ସୃଷ୍ଟି ହେବା ପରେ ସେଥିରୁ ବିଷାକ୍ତ ଉପାଦାନ ପରିମାଣକୁ ନଷ୍ଟ କରିବା ଠାରୁ ଏହା କିଭଳି ରାସାୟନିକ ପଦାର୍ଥରେ ନରହିବ ସେ ଦିଗରେ ପଦକ୍ଷେପ ନେବା ଶ୍ରେୟସ୍କର ।

ଏବେ ବିଭିନ୍ନ ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀ ଗ୍ରୀନ୍ କେମିଷ୍ଟ୍ରୀକୁ ଆପଣାଇଲେଣି । ପରିବେଶ ଉପରେ ରାସାୟନିକ ପଦାର୍ଥର ପ୍ରଭାବ କମାଇବା ଲାଗି ବିଭିନ୍ନ ପ୍ରକାର ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି । ଫଳରେ ପ୍ରାକୃତିକ ସମ୍ବଳର ସର୍ବାଧିକ ବ୍ୟବହାର କରାଯାଇପାରୁଛି । ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ ଲିମିଟେଡ୍ ସବୁଜ ରସାୟନ ପ୍ରଣାଳୀ ଉପଯୋଗ କରିବା ଦ୍ୱାରା ସ୍ୱାସ୍ଥ୍ୟକର ଓ ନିରାପଦ କାର୍ଯ୍ୟ ପରିବେଶ ସୃଷ୍ଟି କରିପାରିଛି । କର୍ମଚାରୀ, ପଡ଼ୋଶୀ, ଉପଭୋକ୍ତାମାନେ ସେଥିରୁ ଉପକାର ପାଇପାରୁଛନ୍ତି । ସେହିପରି ଲୁବ୍ରିଜୋଲ ଆଡ଼ଭାନ୍ସଡ଼ ମେଟେରିଆଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ସମ୍ପୂର୍ଣ୍ଣ ଭାବେ ଏକ ରାସାୟନିକ ପଦାର୍ଥ ଉତ୍ପାଦନକାରୀ ସଂସ୍ଥା । କିନ୍ତୁ ଏହା ଏକ ନୂତନ ପଲିମର ବିକଶିତ କରିଛି । ସିପିଭିସି ନାମକ ପାଇପ୍ ତିଆରିରେ ମାତ୍ର ୩୫ ପ୍ରତିଶତ ପ୍ରେଟୋଲିୟମ୍ ଉପାଦାନ ରହିଥିବା ବେଳେ ଅବଶିଷ୍ଟାଂଶ ସାଧାରଣ ଲୁଣ ବ୍ୟବହାର କରାଯାଇଛି । ଅତିକମ୍ ଖର୍ଚ୍ଚରେ ଏହା ପ୍ରସ୍ତୁତ ହୋଇଥିବାରୁ ବ୍ୟବହାରକାରୀ ଓ ପରିବେଶ ସକାଶେ ଉପଯୋଗୀ ହୋଇପାରିଛି । ସବୁଠାରୁ ମୁଖ୍ୟ ବୈଶିଷ୍ଟ୍ୟ ହେଲା ପାଇପକୁ ଶୀଘ୍ର ନଷ୍ଟ ହେବାରୁ ଏହା ରକ୍ଷା କରିଥାଏ । ଆମ ଚାରିପାଖେ ଥିବା ବିଭିନ୍ନ ରାସାୟନିକ ବସ୍ତୁରେ ବହୁମାତ୍ରାରେ ଟିକ୍ସିକ୍ ବା ବିଷାକ୍ତ ଉପାଦାନ ଭରି ରହିଛି । ଏପରିକି ଚାଇନାରୁ ଆସୁଥିବା ଖେଳଣାର ରାସାୟନିକ ପ୍ରଲେପ ଲଗାଯାଇଥିବାରୁ ତାହା କୁନି ପିଲାଙ୍କ ସ୍ୱାସ୍ଥ୍ୟହାନି କରୁଛି ବୋଲି ବିଶେଷଜ୍ଞମାନେ ମତ ଦେଲେଣି । ଏଭଳି ପରିସ୍ଥିତିରେ ଶିଶୁଙ୍କ ମାଟି ବା କାଠରେ ପ୍ରସ୍ତୁତ ଖେଳଣା ଦିଆଯାଇପାରନ୍ତା । ଅଥଚ ଅତ୍ୟାଧୁନିକ ବୋଲି କହୁଥିବା ଲୋକ ଯେତେ ଉପରକୁ ଉଠିଲେ ବି ଭଲ ଓ ଭେଲ ମଧ୍ୟରେ ପାର୍ଥକ୍ୟ ଜାଣିପାରୁ ନାହିଁ । କଥାରେ ଅଛି ସବୁ ଚକଚକିଆ ସୁନା ନୁହେଁ । ତେଣୁ ଯେଉଁ ପଦାର୍ଥ ଲୋଭିଲା ଭଳି ଦେଖାଯାଉଛି ତାହା ପ୍ରତି ଆକର୍ଷିତ ନ ହୋଇ ପ୍ରଥମେ ପରଖା ଯିବା ଦରକାର । ପରିବେଶ ଉପଯୋଗୀ ପଦାର୍ଥ ଆଖିକୁ ଭଲ ଦିଶି ନପାରେ, କିନ୍ତୁ ସେଥିରେ ଜୀବନ ଅଛି । ଏତକ ସମସ୍ତେ ହେଜିବା ଦରକାର ।

*'ସାଇ ପ୍ୟାଲେସ', ସେକ୍ଟର-୮, ସିଡ଼ିଡ, ଡାକ୍ତର ଟମ୍ପେରୋଡ଼, କଟକ, ଦୂରଭାଷ : ୯୪୩୭୦୩୪୨୬୪*

# ରାମକଥା ରସବାହିନୀ

॥ ଦିଲ୍ଲୀପ କୁମାର ମହାରଣା ॥

ଆଧ୍ୟାତ୍ମିକ ଅନୁଗାମୀମାନଙ୍କ ନିମନ୍ତେ ଗୀତା ଓ ଭାଗବତ ପରି ଶ୍ରୀରାମଚରିତ ମାନସ ଏକ ଅତ୍ୟନ୍ତ ପବିତ୍ର ଓ ଲୋକକଲ୍ୟାଣକାରୀ ଗ୍ରନ୍ଥ। କାଳ ଦୃଷ୍ଟିରୁ ଦେଖିଲେ ତ ଗୀତା ଓ ଭାଗବତ ଠାରୁ ମଧ୍ୟ ଏହା ଆହୁରି ପ୍ରାଚୀନ। ପ୍ରଥମେ ବାଲ୍ମିକୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ଏହି ପବିତ୍ର ଗ୍ରନ୍ଥ ରଚିତ ହେଲା ଓ ତାହାର ଅନେକବର୍ଷ ପରେ ଗୋସ୍ୱାମୀ ତୁଳସୀଦାସ ପ୍ରାନ୍ତୀୟ ଭାଷାରେ ଏହାର ରଚନା କଲେ। ତେବେ ଉଲ୍ଲେଖନୀୟ ବିଷୟ ହେଉଛି ଗ୍ରନ୍ଥ ରଚନା ପଛରେ ଥିବା ଈଶ୍ୱରଙ୍କର କୃପା ଓ ବିଧାନ। ସେକଥା ପାଠ କଲେ ପାଠକ ତଥା ଭକ୍ତଗଣ ସର୍ବସାକ୍ଷୀ ଈଶ୍ୱରଙ୍କର ସର୍ବବ୍ୟାପକତା ସମ୍ପର୍କରେ ଅନୁଭବ କରିପାରିବେ। ଅତଏବ ଏହିପରି ପବିତ୍ର ଗ୍ରନ୍ଥର ପଠନ ଓ ପାଠନର ଉପାଦେୟତା ସମସ୍ତଙ୍କ ପାଇଁ ସବୁକାଳରେ ରହିଆସିଛି।

ଶ୍ରୀ ସାଇବାବା ଶିରିଡ଼ିରେ ନରଦେହରେ ଅବତୀର୍ଣ୍ଣ ହୋଇ ତାଙ୍କର ଲୋକହିତୈଷୀ କର୍ମ ଜାରି ରଖିଥିବା ସମୟରେ ତାଙ୍କର ଭକ୍ତମାନଙ୍କୁ ନିୟମିତ ଆଧ୍ୟାତ୍ମିକ ଗ୍ରନ୍ଥ ପଠନ ଓ ପାଠନ କରିବା ପାଇଁ ପରାମର୍ଶ ଦେଉଥିଲେ। ତଦନୁଯାୟୀ ତତ୍କାଳୀନ ଶିକ୍ଷିତ ଭକ୍ତମାନଙ୍କ ଦ୍ୱାରା ଦୀକ୍ଷିତୱାଡ଼ା ବା ସାଠେୱାଡ଼ାରେ ପବିତ୍ର ଗ୍ରନ୍ଥ ସମୂହର ପାରାୟଣ ଅନୁଷ୍ଠିତ ହେଉଥିଲା। ତେବେ କେବଳ ସେହି ଭକ୍ତମାନଙ୍କୁ ଏଥିରେ ସମ୍ମିଳିତ ହେବାକୁ କୁହାଯାଉଥିଲା, ଯେଉଁମାନେ ଆଧ୍ୟାତ୍ମିକସ୍ତରରେ କିଛିଟା ଉନ୍ନତି କରିପାରିଥିଲେ ଏବଂ ସେମାନଙ୍କର ମନର ପ୍ରଶ୍ନକୋଷରେ ପୂର୍ଣ୍ଣଛେଦ ପଡ଼ିଯାଇଥିଲା। ସାଧାରଣତଃ ଏହିପରି ଭକ୍ତମାନେ ଗ୍ରନ୍ଥରେ ବର୍ଣ୍ଣିତ ବିଷୟଗୁଡ଼ିକୁ ପୂର୍ଣ୍ଣ ରୂପେ ସତ୍ୟ ବୋଲି ମନେ କରିଥାନ୍ତି, ଫଳରେ ସେମାନେ ସେଥିରୁ ସର୍ବାଧିକ ଲାଭ ଉଠାଇଥାନ୍ତି। ଭଗବାନଙ୍କର ଅପାର ଲୀଳା କଥା ପଠନ ଓ ଶ୍ରବଣ କରି ଭଗବାନଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ଓ ଭକ୍ତି ତ ବଢ଼ିଥାଏ, ଏହାସହ ଜୀବନର ଚଳଣି ପାଇଁ ସେମାନେ ଏକ ଅବଲମ୍ବନ ପାଇଯାଆନ୍ତି। 'ବିଶ୍ୱାସେ ମିଳଇ ହରି'ର ସୁଧୀ ଓ ଶ୍ରଦ୍ଧେୟ ପାଠକଗଣ, ଯେଉଁମାନଙ୍କ ପ୍ରତି ସାଇବାବାଙ୍କର ଅପାର କରୁଣା ସଦାସର୍ବଦା ରହିଆସିଛି, ସେହିମାନଙ୍କ ହିତ ଉଦ୍ଦେଶ୍ୟରେ ଆମେ ସମୟ ସମୟରେ ଭଗବାନଙ୍କର ଲୀଳା ସମ୍ବନ୍ଧିତ ବିଭିନ୍ନ କଥା ଓ କୀର୍ତ୍ତି ପ୍ରକାଶ କରିଆସୁଛୁ। ଏହାର ପ୍ରଧାନ ଉଦ୍ଦେଶ୍ୟ ହେଉଛି ସର୍ବବ୍ୟାପୀ ଭଗବାନଙ୍କ ଅପାର ମହିମା ସମ୍ପର୍କରେ ଅଧିକରୁ ଅଧିକ ଜାଣିବା ଓ ସଦାସର୍ବଦା ତାଙ୍କର ପାଦପଦ୍ମରେ ନିଜର ମନକୁ ଲଗାଇ ରଖିବାର ପ୍ରୟାସ କରିବା।

ଭଗବାନ ଶ୍ରୀ ସତ୍ୟସାଇ ବାବା 'ରାମକଥା ରସବାହିନୀ' ବିଭିନ୍ନ ଭାଗରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଦିବ୍ୟ ଜୀବନ ଓ ସାମ୍ପ୍ରତିକ ସମୟରେ ସଦାଚାର ଓ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ଦିଗ୍‌ଦର୍ଶନ କରିଯାଇଛନ୍ତି। ରାମ ନାମ ସର୍ବବେଦ ସାର, ରାମ କଥା କ୍ଷୀର ସମୁଦ୍ର ଯାହା ଅତି ପବିତ୍ର ଓ ରସମୟ କାହାଣୀ। ରାମାୟଣ ପ୍ରତ୍ୟେକ ଭାଗ୍ୟବାନ ଭାରତୀୟର ପରମ ମୂଲ୍ୟବାନ ପରମ୍ପରା। ରାମାବତାର କାହାଣୀ ଥିବା ମହାକାବ୍ୟ ରାମାୟଣ ଗୋଟିଏ ଅତି ପବିତ୍ର ଗ୍ରନ୍ଥ। ରାମାୟଣକୁ କୌଣସି ଏକ ବ୍ୟକ୍ତିର ଜୀବନ ଚରିତ ଭାବରେ ନୁହେଁ ଅବତାରଙ୍କ ଆଗମନର ବାର୍ତ୍ତା ଓ ଦିବ୍ୟ କର୍ମଗୁଡ଼ିକର ଆଲେଖ୍ୟ ଭାବରେ ହିଁ ପଢ଼ିବାକୁ ହେବ। ସେହି କାହାଣୀରେ ପ୍ରକାଶିତ ଆଦର୍ଶକୁ ନିଜ ନିଜ ଜୀବନରେ ଉପଲବ୍ଧ ଓ ଅନୁଭବ କରିବାକୁ ପ୍ରତ୍ୟେକ ଲୋକ ଦୃଢ଼ ସଂକଳ୍ପ ହୋଇ ଉଦ୍ୟମ କରିବା ଉଚିତ ବୋଲି ଭଗବାନ ଶ୍ରୀ ସତ୍ୟସାଇ ବାବା ସମ୍ଭାଷଣରେ କହିଛନ୍ତି। ପରମେଶ୍ୱର ସର୍ବଜ୍ଞ, ସର୍ବବ୍ୟାପୀ ଓ ସର୍ବଶକ୍ତିମାନ ସେ ମନୁଷ୍ୟ ଦେହଧରି ଯାହାସବୁ କହନ୍ତି, ଯେଉଁ କର୍ମ ସବୁ ସାଧନ କରନ୍ତି ଓ ଯାହା ସାଧନ କରିବାର ଅଭିଳାଷ ମଧ୍ୟ ପୋଷଣ କରିଥାନ୍ତି ସେ ସମସ୍ତ ଅସାଧାରଣ ଭାବରେ ତାତ୍ପର୍ଯ୍ୟପୂର୍ଣ୍ଣ ଓ ରହସ୍ୟମୟ। ମାନବ ଜାତିର ସର୍ବୋତ୍କୃଷ୍ଟ ପୁରୁଷ ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ କୁହାଯାଏ।

ଶ୍ରୀରାମଙ୍କୁ ନୈତିକତା ଓ ଶିଷ୍ଟାଚାରର ପ୍ରତୀକ ଭାବେ ଗ୍ରହଣ କରାଯାଏ। ଦୈନନ୍ଦିନ ଜୀବନରେ ସେ ଶଦାଚାରକୁ ଗୁରୁତ୍ୱ ଦେଇ କୌଣସି କ୍ଷେତ୍ରରେ ପବିତ୍ର ମାନବୀୟ ମୂଲ୍ୟବୋଧକୁ କ୍ଷଣକ ପାଇଁ ବି ଭୁଲିନାହାନ୍ତି। ପବିତ୍ରତାକୁ ହିଁ କେବଳ ଶ୍ରୀରାମଙ୍କ ସହିତ ତୁଳନା କରାଯାଇପାରେ। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ସମ୍ଭାଷଣରେ ଆହୁରି ମଧ୍ୟ କହିଛନ୍ତି ଯେପରି ଜଗତର ସମସ୍ତ ଜଳାଶୟର ଆଧାର ହେଲା ସମୁଦ୍ର ସେହିପରି ସମସ୍ତ ପ୍ରାଣୀଙ୍କର ମୂଳାଧାର ରାମ। ଜଳ ବିହୀନ ସମୁଦ୍ରର ଅସ୍ତିତ୍ୱ ଯେମିତି ଅସମ୍ଭବ ଏବଂ ଅସତ୍ୟ, ରାମ ବିହୀନ ପ୍ରାଣୀ ମଧ୍ୟ ସେହିପରି ଅସତ୍ୟ ଓ ଅସମ୍ଭବ। ଭଗବାନ ବାବା ତାଙ୍କ ରାମାବତାରର ସ୍ମରଣୀୟ ମୁହୂର୍ତ୍ତକୁ 'ରାମକଥା ରସବାହିନୀ'ରେ ସମ୍ଭାଷିତ କରିଛନ୍ତି – 'ରାମକଥାର ଅମୃତ ଅଯୋଧ୍ୟା ତଟରେ ପ୍ରବାହିତ ସରଯୂ ନଦୀ ସଦୃଶ। ସରଯୂ ନଦୀ ହିମାଳୟର ମାନସ ସରୋବରରୁ ଜାତ ହୋଇ ତଳକୁ ବହି ଆସୁଥିଲା, ସେହିପରି ରାମକଥା ମଧ୍ୟ ବିଶ୍ୱମାନସ ସରୋବରରୁ ଜାତ। ରାମଝରେ କରୁଣାରସ, ଲକ୍ଷ୍ମଣଝରେ ଭକ୍ତିରସ। ସରଯୂ ଯେମିତି ଗଙ୍ଗା ନଦୀରେ ମିଶି ଏକକାର ହୋଇଯାଇଛି, ସେହିପରି ରାମାୟଣରେ ରାମରୂପୀ କରୁଣାଝର ଓ ଲକ୍ଷ୍ମଣରୂପୀ ଭକ୍ତିଝର ମିଶି ଏକ ହୋଇଯାଇଛି। ତେଣୁ କରୁଣା ଓ ଭକ୍ତି ରାମାୟଣର ଦୁଇ ପ୍ରଧାନ ରସ, ରାମମହିମା ଓ ରାମ ଗୌରବର ବାହକ। ରାମାୟଣର ଏଇ ମହନୀୟ ରସୋମୟ ଚିତ୍ର ପ୍ରତ୍ୟେକ ଭାରତୀୟ ହୃଦୟର ଅତି ଆଦରର ଧନ। ଏହି ରସ ଲାଭ କରିବା ହିଁ ତା'ର ସମସ୍ତ ସାଧନାର ଲକ୍ଷ୍ୟ'। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ପୁଣ୍ୟ ଅବିସ୍ମରଣୀୟ ରାମ ନବମୀ ଆମ ସମସ୍ତଙ୍କ ଅନ୍ତର୍ନିହିତ ଆଧ୍ୟାତ୍ମିକ ସେବାକୁ ସମାଜଭିମୁଖୀ କରିବା ପାଇଁ ପଥ ଦେଖାଉ ଏହା ହିଁ କାମନା।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,

## ନାଲକୋ ସିପିପି ୟୁନିୟନର ନିର୍ବାଚନରେ ବାଜି ମାରିଲା ଶ୍ରମିକ କଂଗ୍ରେସ୍ ୟୁନିୟନ



ଅନୁଗୋଳ,(ମହାଭାରତ ):ଅନୁଗୋଳ ନାଲକୋ ରେ ବହୁ ଦିନ ରୁ ବନ୍ଦ ଥିବା ଟ୍ରେଡ ୟୁନିୟନ ଗୁଡ଼ିକ ନିର୍ବାଚନ ହୋଇଛି । ଯେଉଁଥିରେ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ବାଜି ମାରିଛି । ବହୁ ଘାତ ପ୍ରତିଘାତ ମଧ୍ୟରେ ଅନେକ ଆଇନ ଗତ ଲଢେଇ ପରେ ନାଲକୋ ରେ ପା□ ବର୍ଷ ପରେ ନିର୍ବାଚନ ହୋଇଛି ଯେଉଁଥିରେ ୩୮୩ ଜଣ ନାଲକୋ କର୍ମଚାରୀ ନିଜର ମତଦାନ ସାବ୍ୟସ୍ତ କରିଥିବା ବେଳେ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ କୁ ୧୭୦ ଖଣ୍ଡ, ନାଲକୋ ବିଦ୍ୟୁତ ମଜଦୂର ସଂଘ କୁ ୧୧୨ ଖଣ୍ଡ ଓ ନାଲକୋ ନନ୍ ଏଜିକ୍ୟୁଟିଭ ୟୁନିୟନ କୁ ୧୦୧ ଖଣ୍ଡ ଭୋଟ ମିଳିଥିଲା ।ବର୍ତ୍ତମାନ ସିପିପି କାରଖାନାର ସଙ୍କଟ ଜନକ ପରିସ୍ଥିତି ଓ କର୍ମଚାରୀଙ୍କ ସୁରକ୍ଷା ଓ ଅଧିକାର ପାଇଁ ସଂଘର୍ଷ କରିବାକୁ ପଡୁଛି । ସ୍ୱୀକୃତି ପ୍ରାପ୍ତ ନିର୍ବାଚନ ସରକାରୀ ଉଦ୍ୟୋଗର ଏକ ଗଣତାନ୍ତ୍ରିକ ପ୍ରକ୍ରିୟା, ଯାହାକି ପ୍ରତ୍ୟେକ କର୍ମଚାରୀଙ୍କ ମୌଳିକ ଅଧିକାର ଭୁକ୍ତୟ ନାଲକୋ ସିପିପିରେ କାର୍ଯ୍ୟରତ ସମସ୍ତ ପଞ୍ଜୀକୃତ ଟ୍ରେଡ ୟୁନିୟନ ସହମତି ପ୍ରକାଶ କଲା ପରେ, ମ୍ୟାନେଜମେ□ର ପ୍ରସ୍ତାବ ଓ ଭାରତ ସରକାରଙ୍କ ଚିଫ ଲେବର କମିଶନ ଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ବାଚନ ପକ୍ରିୟା ଆରମ୍ଭ ହୋଇ ଆଜି ସକାଳ ୧୦ ଘଟିକା ଠାରୁ ସନ୍ଧ୍ୟା ୪ ପର୍ଯ୍ୟନ୍ତ ନିର୍ବାଚନ ଚାଲୁ ରହିଥିଲା ଓ ସନ୍ଧ୍ୟା ୬ ଘଟିକା ରେ ନିର୍ବାଚନ ର ଫଳାଫଳ ପ୍ରକାଶ ପାଇଥିଲା ଯେଉଁଥିରେ ବହୁ ମତରେ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ ବାଜି ମାରିଛି ।

## ୭ଦଫା ଦାବିକୁ ନେଇ ଅଡିବସିଛନ୍ତି ମିଲ ମାଲିକ

# ରାଜ୍ୟ ସ୍ତରୀୟ ଆନ୍ଦୋଳନରେ ସାମିଲ ହେବ ଜିଲ୍ଲା ସଙ୍ଘ

କେନ୍ଦ୍ରାପଡ଼ା(ମହାଭାରତ): ରାଜ୍ୟ ମିଲର ସଙ୍ଘର ୭ଦଫା ଦାବିକୁ ନେଇ କେନ୍ଦ୍ରାପଡା ଜିଲ୍ଲା ରାଇସ ମିଲର୍ସ ସଙ୍ଘ ପକ୍ଷରୁ ଗୁରୁବାର କେନ୍ଦ୍ରାପଡା ସହରର ମାଧପୁରସ୍ଥିତ ଅମରଉଦ୍ୟାନ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଙ୍ଘର ସଭାପତି ଧ୍ରୁବ ଚରଣ ସାହୁ ସଭାପତିତ୍ୱ କରି କହିଥିଲେ ଯେ ଧାନ ସଂଗ୍ରହ ପାଇଁ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ ନୂଆ ଝୋଟ ବସ୍ତା ଯୋଗାଇ ଦିଆଯାଇଥିବା ବେଳେ ସେହି ଅଖା ନିମ୍ନମାନର ବୋଲି ମିଲ ମାଲିକମାନେ ଅଭିଯୋଗ କରିଛନ୍ତି । ଉନ୍ନତମାନର ଅଖା କିଣିବା ଲାଗି ପ୍ରାୟ ୨୫ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ରାଜ୍ୟ ସରକାର ଅଖା ବାବଦକୁ ମାତ୍ର ୧୪ଟଙ୍କା ଦେଉଛନ୍ତି । ନିୟମ ଅନୁଯାୟୀ ନିଗମ ଯୋଗାଉଥିବା ଅଖାର ଓଜନ ୫୮୦ଗ୍ରାମ୍ ରହିବା ବଦଳରେ ତାହା ଠାରୁ ବହୁ କମ୍ ଓଜନ ରହୁଥିବା ଅଭିଯୋଗ ହୋଇଛି । ସେହିଭଳି ଗୋଦାମରେ ଧାନକୁ ସୁରକ୍ଷିତ ଭାବେ ସାଇତି ରଖିବା ବାବଦକୁ ଧାନ କ୍ୱିଣ୍ଟାଲ ପ୍ରତି ଏକଶହରୁ ୧୨୦ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ନିଗମ ପକ୍ଷରୁ ମାତ୍ର ୭ଟଙ୍କା ୨୦ପଇସା ପ୍ରଦାନ କରାଯାଉଛି । ସରକାରଙ୍କ ନିୟମ ଅନୁସାରେ ଏକ କ୍ୱିଣ୍ଟାଲ ଚାଉଳ ପ୍ରସ୍ତୁତ କରିବା ପାଇଁ ଦେଢ କ୍ୱିଣ୍ଟାଲ ଧାନ ୪ଟି ବସ୍ତାରେ ୩୭.୫୦୦କେଜି ହିସାବରେ ପ୍ୟାକିଂ କରାଯାଏ । ଏହି କାର୍ଯ୍ୟକୁ ପ୍ୟାକ୍ କରିବା ଲାଗି ନିୟମ ରହିଥିବା ବେଳେ ତାହା ଏହି ଜିଲ୍ଲାରେ କରାଯାଉନଥିବା ଯୋଗୁଁ ମିଲ ମାଲିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଚଳିତ୨୦୨୪-୨୫ଖରିଫ୍ ଧାନ କିଣା ପରେ ଜିଲ୍ଲାରେ ଥିବା ମିଲ



ଗୁଡିକୁ ସେହି ଧାନ ମିଲିଂ ପାଇଁ ଯିବ । ସେହି ଧାନକୁ ମିଲିଂ କରିବା ବାବଦକୁ ମିଳୁଥିବା ଟଙ୍କା ବର୍ତ୍ତମାନ ସମୟରେ ପର୍ଯ୍ୟାପ୍ତ ନୁହେଁ ବୋଲି ଜିଲ୍ଲାର ମିଲ ମାଲିକମାନେ ଅଭିଯୋଗ କରିଛନ୍ତି । ଦୀର୍ଘ ୨୫ବର୍ଷ ତଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ହୋଇଥିବା ଦରରେ ଶେଷ ଥର ପାଇଁ ୨୦୧୮-୧୯ରେ ସାମାନ୍ୟ ବୃଦ୍ଧି କରାଯାଇ ୨୦ଟଙ୍କା ଧାର୍ଯ୍ୟ କରାଯାଇଥିଲା । ବର୍ତ୍ତମାନ ସମୟରେ ଏଥିପାଇଁ ୧୪୦ଟଙ୍କା ଆବଶ୍ୟକ ପଡୁଥିବା ବେଳେ ତାହାକୁ ବୃଦ୍ଧି ନକରି ଓଲଟି କମାଇ ଦିଆଯାଇଛି । ଯାହାକୁ ନେଇ ମିଲମାଲିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ମିଲ୍ ମାଲିକମାନେ ଏସଓପି ମାନି କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନେଇଥିବା ବେଳେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ନୂତନ ଖାଦ୍ୟ ଓ ପ୍ରକ୍ରିୟାକରଣ ନୀତିର ସଂଶୋଧନ ଦାବି କରିବା ସହ ଧାନ ଯୋଗାଣ ଏବଂ ଏହାର ମାନକୁ ସୁନିଶ୍ଚିତ କରିବା, ସିକ୍ୟୁରିଟି ଡିପୋଜିଟ୍‌ରେ ନିଷ୍ପତ୍ତି ନେଇଥିବା ବେଳେ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ନୂତନ ଖାଦ୍ୟ ଓ ପ୍ରକ୍ରିୟାକରଣ ନୀତିର ସଂଶୋଧନ ଦାବି କରିବା ସହ ଧାନ ଯୋଗାଣ ଏବଂ ଏହାର ମାନକୁ ସୁନିଶ୍ଚିତ କରିବା, ସିକ୍ୟୁରିଟି ଡିପୋସିଟରେ ପରିବର୍ତ୍ତନ, ଧାନ ସଂଗ୍ରହ ସମୟରେ ଦଲାଲଙ୍କୁ ନିୟନ୍ତ୍ରଣ, ଟ୍ରାନ୍ସପୋର୍ଟିଂ ଖର୍ଚ୍ଚ ବାବଦ ଅର୍ଥ ବୃଦ୍ଧି, କଷ୍ଟମ ମିଲିଂ ଦର ବୃଦ୍ଧି, ଧାନ ଯୋଗାଣ ପାଇଁ ଠିକାଦାର ବା ନିଜ କର୍ପୋରେଟରକୁ ପ୍ରାଧାନ୍ୟ ଦିଆଯିବା ଭଳି ୭ଦଫା ଦାବି ଉପସ୍ଥାପନା କରାଯାଇଛି । ଏନେଇ ରାଜ୍ୟ ସ୍ତରୀୟ ସଙ୍ଘ ସହିତ ଆନ୍ଦୋଳନରେ ଜିଲ୍ଲା ସଙ୍ଘ ସାମିଲ ହେବା ନେଇ ଜିଲ୍ଲା ସଭାପତି ଶ୍ରୀ ସାହୁ ସୂଚନା ଦେଇଛନ୍ତି । ଏହି ବୈଠକରେ ସଙ୍ଘର ଜିଲ୍ଲା ସମ୍ପାଦକ ସୌମ୍ୟରଞ୍ଜନ ସ୍ୱାଇଁ, ସଙ୍ଘର ସଦସ୍ୟ ସତିଶ କୁମାର ସାହୁ, ଭାଗିରଥୀ ସାହୁ, ବିଶ୍ୱଜିତ ରାୟ, ବିମଳ କୁମାର ପଣ୍ଡା, କୃଷ୍ଣ ଚନ୍ଦ୍ର ଦାଶ, ଈଶ୍ୱର ଚନ୍ଦ୍ର ସ୍ୱାଇଁ, ତପନ କୁମାର ନାୟକ, ଉମେଶ କୁମାର ଶର୍ମା, ସୁଧାଂଶୁ ଜେନା, ବିଜୟ କେତନ ପଣ୍ଡା, ଶ୍ରୀକାନ୍ତ ରାଉତ, ନିର୍ମଳ ବେହେରା, ମହେଶ୍ୱର ପାତ୍ର, ପ୍ରଶାନ୍ତ ସାହୁ ଓ ସମିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରକ୍ ଚୋରି ,ଥାନାରେ ଏତଲା

ଯୋଡା,(ମହାଭାରତ):କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବିଲେଇ ପଦା ଦୁର୍ଗା ମଣ୍ଡପ ନିକଟରୁ ଏକ ଟ୍ରକ୍ ଚୋରି ହୋଇ ଯାଇ ଥିବା ନେଇ ଥାନାରେ ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ,ଗତ ୩୦/୯/୨୦୨୪ ରିଖ ସନ୍ଧ୍ୟା ପ୍ରାୟ ୬ଘଟିକା ରେ ଦୁର୍ଗା ମଣ୍ଡପ ନିକଟ ରେ ଦଡୁଆଁ ଗ୍ରାମ ର ନବ ଘନ ବେହେରା ଙ୍କ ୧୪ଚକିଆ ଟ୍ରକ ନଂ ଓଡ଼ି ୦୯ ପି ୧୪୩୮ କୁ ଉକ୍ତ ସ୍ଥାନରେ ଗାଡ଼ିର ଡ୍ରାଇଭର ମୋହନ ତିରିଆ ରଖି ତାଙ୍କ ଘରକୁ ଯାଇଥିଲେ । ଗତ ତା ୨/୧୦/୨୦୨୪ ରିଖ ରେ ଡ୍ରାଇଭର ଆସି ଦେଖିବା ବେଳେ ସେଠାରେ ଟ୍ରକ୍ ଟି ନ ଥିଲା ।ବହୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଟ୍ରକ୍ ମାଲିକ ଟ୍ରକ୍ ଚୋରି ହୋଇ ଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ ଥାନାରେ କେସ ନଂ ୨୭୧/୨୦୨୪ ରୁଜୁ କରି ପୋଲିସ ସୀମାନ୍ତ ବର୍ତ୍ତି ଅଞ୍ଚଳରେ ଯାଞ୍ଚ ଆରମ୍ଭ କରି ତଦନ୍ତ ଆରମ୍ଭ କରିଛ ।

## ବିଜେପି ପକ୍ଷରୁ ରକ୍ତଦାନ ଶିବିର

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରେ ବିଜେପି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଏହି ରକ୍ତଦାନ ଶିବିର ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଛି । ଏହି ରକ୍ତଦାନ ଶିବିର କୁ ମୁଖ୍ୟ ଅତିଥି ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦାନ କରି ଉଦ୍ଘାଟନ କରିଛନ୍ତି । କାର୍ଯ୍ୟକ୍ରମ ରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସୁବେନ୍ଦୁ ସାଗର କୁମାର ନାୟକ ଯୋଗଦାନ କରିଥିଲେ ।ଏହି ଶିବିର ରେ ବିଜେପି ର ମଣ୍ଡଳ ସଭାପତି ରମେଶ ମହାନ୍ତ, ଯୁବ ମୋର୍ଚ୍ଚା ସଭାପତି ନିତିଶି ମହାନ୍ତ,ଜିଲ୍ଲା ସାଧାରଣ ସମ୍ପାଦିକା ସୋମବାରୀ ମୁଣ୍ଡା,ରାଜ୍ୟ ସଂଯୋଜିକା ସାବିତ୍ରୀ ବିଶ୍ୱଳ,ଜିଲ୍ଲା ସୋସିଆଲ ମିଡିଆ ଯୁଧିଷ୍ଠିର ମହାନ୍ତ,ବିଜେପି କର୍ମକର୍ତ୍ତା ଉମାକାନ୍ତ ମହାନ୍ତ,ସୁବ୍ରତ କୁମାର ଦିବେଦୀ,ଯତୀନ୍ଦ୍ର କୁମାର ଦାଶ ,ସଞ୍ଜୟ ପଲେଇ ଉପସ୍ଥିତ ଥିବା ବେଳେ ପାଟଣା ମହାବିଦ୍ୟାଳୟ ର ଅଧ୍ୟକ୍ଷ ବିରେନ୍ଦ୍ର କୁମାର ସାହୁ,ରଜତ କୁମାର ଦାଶ ଧର୍ମେନ୍ଦ୍ର କୁମାର ସାହୁ,ଭୁତ ମହାନ୍ତ ଉପସ୍ଥିତ ଥିଲେ । ଏନ୍.ସି. ସି , କ୍ୟାଡ୍ରେ.ଏନ.ଏସ.ଏସ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ସଂପୂର୍ଣ୍ଣ ସହଯୋଗ କରି ଛନ୍ତି ।

## ଅର୍କ ଏକାଡେମୀ ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜ ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ

କେନ୍ଦ୍ରାପଡ଼ା(ମହାଭାରତ): ଅର୍କ ଏକାଡେମୀ ଅଫ୍ ମ୍ୟାନେଜମେ□ ଷ୍ଟଡିଜ୍ ପକ୍ଷରୁ ବୁଧବାର ମହାତ୍ମାଗାନ୍ଧୀଙ୍କ ୧୫୫ତମ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ୧୨୦ତମ ଜୟନ୍ତୀ ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଅନୁଜ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦକ ଆଦିତ୍ୟ କୁମାର ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପୋଲିସ ଡିଏସପି ସରିତା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତିରପିତା ମହାତ୍ମାଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଜୀବନଦର୍ଶ ଉପରେ ବିଭିନ୍ନ ଉପାଦେୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏଥିସହିତ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ସେମାନଙ୍କ ସୁରକ୍ଷା ପାଇଁ ଥିବା ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫା ସମ୍ପର୍କରେ ଆଲୋଚନା କରି ଛାତ୍ରଛାତ୍ରୀମାନଙ୍କ ବିଭିନ୍ନ ପ୍ରଶ୍ନର ଉ□ର ପ୍ରଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବୁଦ୍ଧିଜୀବୀ ଗୟାଧର ଧଳ, ସାମାଜିକ କାର୍ଯ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ଅମିତ୍ କୁମାର ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ରିତାୟନୀ ସାହୁ ଉତ୍ସବ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ମୋନାଲି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସକାଳେ ଅଧ୍ୟାପକ ପପୁନ କୁମାର ସାହୁଙ୍କ ନେତୃତ୍ୱରେ ସହରର କଜଳା ଗ୍ରାମରେ କଲେଜର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସଫେଇ କରାଯାଇଥିଲା । ଏଥିରେ ଅଧ୍ୟାପିକା ରିତାୟନୀ ସାହୁ, ଶୁଭଶ୍ରୀ ଶୁଭସ୍ମିତା ବେହେରା ଓ ଅଧ୍ୟାପକ ସୁନିଲ କୁମାର ବରାଳ, ଅକ୍ଷୟ କୁମାର ବାରିକ, ପପୁନ କୁମାର ସାହୁ, ରମେଶ ଚନ୍ଦ୍ର ଦାଶ, ସୁରଜ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

## ସେଣ୍ଟ୍ରାଲ ପୂଜା କମିଟି ଅନୁଗୋଳ ର ଶାରଦୀୟ ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ପାଇଁ ବୈଠକ

ଅନୁଗୋଳ,(ଅନୁଗୋଳ):ଅନୁଗୋଳ ସେଣ୍ଟ୍ରାଲ ପୂଜା କମିଟି ର ଶାରଦୀୟ ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ପାଇଁ ବୈଠକ ଜିଲ୍ଲା ଟ୍ରକ୍ ଆସୋସିଏସନ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୯ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ମା ଦୁର୍ଗା ଙ୍କ ପୂଜା ଅନୁଷ୍ଠିତ ହେବ ଓ ୧୪ ତାରିଖରେ ଭସାଣି ହେବ ବୋଲି ନିଷ୍ପତି ନିଆଯାଇଛ । ଏବର୍ଷ ୧୧ଗୋଟି ମଣ୍ଡପରେ ମା ଦୁର୍ଗା ପୂଜା ପାଇବେ ।ଭସାଣି ର ଦୁଇ ଦିନ ଅର୍ଥା୍ତ ୧୬ ତାରିଖ ଦିନ ଅଭଦାତ୍ରୀ ମା ମହାଲକ୍ଷ୍ମୀ ଧରାବତରଣ କରିବେ । ମାଙ୍କ ପୂଜା ୧୬ତାରିଖରେ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ମା ମହାଲକ୍ଷ୍ମୀ ୩୦ ମଣ୍ଡପରେ ପୂଜା ପାଇବେ ଓ ମେଳଣ କାର୍ଯ୍ୟକ୍ରମ ରେ ୧୨ଟି ମେଢ଼ ଯୋଗ ଦେବେ ବୋଲି ସେଣ୍ଟ୍ରାଲ ପୂଜା କମିଟି ପକ୍ଷରୁ ସୂଚନା ଦେଇଛନ୍ତି । ୨୭ ତାରିଖ ଦିନ ଅପରାହ୍ନ ୩.୩୦ ମିନିଟ ଠାରୁ ମେଳଣ ଆରମ୍ଭ ସହ ପୂର୍ବ ବର୍ଷ ର ରୁଟ ଅନୁଯାଇ ମେଳଣ ହେବ ।

## କେନ୍ଦ୍ରାପଡା କଲେଜ ୧୯୯୫ବ୍ୟାଚ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା,(ମହାଭାରତ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ୧୯୯୫ବ୍ୟାଚ ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୫ତମ ଜୟନ୍ତୀ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏଠାରେ ସୂଚନା ଯୋଗ୍ୟ ଯେ କଲେଜ ପରିସରରେ ୧୯୯୫ବ୍ୟାଚ ପୁରାତନ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ୨୦୧୬ ମସିହାରେ ପ୍ରତିଷ୍ଠା କରାଯାଇଥିଲା । ସେହିଦିନ ଠାରୁ ଏହି ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନେ ପ୍ରତିବର୍ଷ କଲେଜ ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇ ଆସୁଛି । ଏହି ଉପଲକ୍ଷେ ବ୍ୟାଚର ପୁରାତନ ଛାତ୍ର ତଥା ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଶରତ କୁମାର ସିଂଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପୁରାତନ ଛାତ୍ର ଅଶ୍ୱିନୀ କୁମାର ମହାନ୍ତି, ସୁଶାନ୍ତ କୁମାର ପଣ୍ଡା, ପ୍ରଣବ ସାମଲ, ବୀରେନ୍ଦ୍ର ନାଥ, ଦିବ୍ୟଜ୍ୟୋତି ସାହୁ, କମିରୁଦ୍ଦିନ, ଶାରଦା ପ୍ରସନ୍ନ ସାହୁ, ସୁମିତ୍ରା ସ୍ୱାଇଁ, ଡ. ରଶ୍ମୀ କର, ମନୋରଞ୍ଜନ ସିଂ, ହେମନ୍ତ କୁମାର ସାହୁ, ମନୋଜ ଜେନା, ପ୍ରଦିପ ସେଠୀ, ଅରବିନ୍ଦ ଶତପଥୀ, ପ୍ରଜ୍ଞା ମହାନ୍ତି ପ୍ରମୁଖ ଯୋଗଦେଇ ମହାତ୍ମାଗାନ୍ଧୀଙ୍କ ଜୀବନାଦର୍ଶ ଓ କଲେଜର ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି, ଛାତ୍ରାବାସ ପ୍ରଭୃତି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ଏସବୁର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

# ହିନ୍ଦୋଳ ଏନଏସି ୮ମାସିକ ବୈଠକ ଅନୁଷ୍ଠିତ

## ଆୟବ୍ୟୟ ହିସାବକୁ ନେଇ ହଙ୍ଗୋଳ, ଭିଜିଲାନ୍ସ ତଦନ୍ତ ଦାବି କଲେ କାଉନସିଲର

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ପରିଷଦର ମାସିକ ସାଧାରଣ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି ।ଅଧ୍ୟକ୍ଷ କେଶବ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ୧୬ଜଣ କାଉନସିଲର, ବିଧାୟିକାଙ୍କ ପ୍ରତିନିଧି ସନ୍ତୋଷ ବେହେରା ସମସ୍ତ କର୍ମଚାରୀ ଯୋଗଦେଇଥିବାବେଳେ ନିର୍ବାହୀଅଧିକାରୀ ନିରଞ୍ଜନ ଗୁରୁ ସଭା ପରିଚାଳନା କରିଥିଲେ ।ତେବେ ଅସନ୍ତୁଷ୍ଟ କାଉନସିଲର ମାନେ ମାଗିଥିବା ଆୟବ୍ୟୟ ହିସାବରୁ ବହୁ ଦୁର୍ନୀତି, ମିଥ୍ୟା ମାଟିକାମ, ମୋରମ କାମ ବିଲ, କୋର୍ଟ ନିକଟରେ ହୋଇଥିବା ପାଇଖାନା, ରିପୟାରିଙ୍ଗ,ମନ୍ଦିର ଓ ୱାଲ ରଙ୍ଗମରା, ଘାସ କଟା ଇତ୍ୟାଦି କାମରେ କୋଟିକୋଟି ଟଙ୍କାର ମିଥ୍ୟାବିଲ କରି ଟଙ୍କା ହଡପ କରାଯାଇଥିବା କାଉନସିଲର ମାନେ ଅଭିଯୋଗ କରିଥିବାବେଳେ ସେଥିରୁ କେବଳ ହରିହାଟ ପଡ଼ିଆରେ ଲକ୍ଷାଧିକ ଟଙ୍କାର, ୱାର୍ଡନଂ-୧୨ ସ୍ମାର୍ଟପାର୍କ ରେ ମେନଗେଟ ଆଗରେ ବୁଶକଟିଙ୍ଗ ବାବଦରେ ପ୍ରାୟ ୨୦ଲକ୍ଷବିଲ ହୋଇଥିବା ହିସାବରୁ ପକ୍ଷରିଷଦ ମାନେ ଅଭିଯୋଗ ଆଣି ହଟଗୋଳ କରିବା ସହ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ ମାତ୍ର କର୍ତ୍ତୃପକ୍ଷ ଅଭିଯୋଗକୁ ଖଣ୍ଡନ କରୁଥିବା ଦେଖାଯାଇଥିଲା । ସେହିପରି ବହୁ ୱାର୍ଡରେ କାଉନସିଲର ମାନଙ୍କ ଅଜ୍ଞାତରେ ବହୁ କାର୍ଯ୍ୟ ହୋଇଥିବାକୁ ନେଇ



କାଉନସିଲର ମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।ମାତ୍ର ସମୁଦାୟ ଆୟବ୍ୟୟ ହିସାବରୁ ଏକ ମହାଦୁର୍ନୀତି ହୋଇଥିବା ଉଭୟ ବିଜେପି ଓ ବିଜେଡି କାଉନସିଲର ମାନେ କହୁଥିଲାବେଳେ ଏହି ଦୁର୍ନୀତିର ଚେର କେତେଦୂର ଲମ୍ବିଛି ତାହା ଭିଜିଲାନ୍ସ ତଦନ୍ତ କରାଗଲେ ଜଣାପଡିବ ବୋଲି ଉଭୟ ବିଜେଡି ବିଜେପି କାଉନସିଲର ମାନଙ୍କ ସହ ହିନ୍ଦୋଳ ଜନସାଧାରଣ ଦାବି କରିଛନ୍ତି ।

## ଟାଟା ପିକଅପ୍ ଗାଡ଼ି ସହ ସାଇଜ ଶାଳ କାଠ ଜବତ କଲା ବନବିଭାଗ

ପରଜଙ୍ଗ(ମହାଭାରତ) ଢେଙ୍କାନାଳ ଜିଲ୍ଲା ମହାବୀର ରୋଡ ରେଞ୍ଜ ଅଧୀନ ଡିହୋଡୋଳ ସେକ୍ସନ ଏକ ଟାଟା ପିକଅପ୍ ଗାଡ଼ି ସହ ସାଇଜ ଶାଳ କାଠ ଜବତ କରିଛି ବନବିଭାଗ । ସୂଚନା ଅନୁଯାୟୀ କୌଣସି ସୂତ୍ର ରୁ ଡିହୋଡୋଳ ସେକ୍ସନର ବନପାଳ ବିଶ୍ୱନାଥ ସୋରେନ ଖବର ପାଇଥିଲେ । ଯେ ମହାବୀର ରୋଡ ଠାରୁ ଏକ ଟାଟା ପିକଅପରେ ତଳେ ଶାଳ କାଠ ଓ ଉପରେ ରଦିଆ ପେପର ପଟି ବୋଝେଇ କରି ସାରଙ୍ଗ ଅଞ୍ଚଳ କୁ ଗାଡ଼ି ଯାଉଅଛି । ତେବେ ବନପାଳ ଶ୍ରୀ ସୋରେନ ଖବର ପାଇ ବନ ବିଭାଗର ହାତୀ ରକ୍ଷକଙ୍କୁ ନେଇ ସେ ଗାଡ଼ି କୁ ପିଛା କରିବା ପରେ ପିତିରି ଚକ୍କ ନିକଟରେ କବୁ କରିଥିଲେ । ଘଟଣା ସ୍ଥଳରୁ ଗାଡ଼ି ଚାଳକ ଓ ଗାଡ଼ି ମାଲିକ ଗାଡ଼ି ଚଡି ଦଉଡ଼ି ପାଲେଇଥିବ ବେଳେ ଟାଟା ପିକଅପ ରେ ସାଇଜ ଶାଳ କାଠ ସହ ରଦିଆ ପେପର ପଟି ବୋଝେଇ କୁ ଜବତ କରିଛି ବନବିଭାଗ । ଏନେଇ ବନପାଳ ବିଶ୍ୱନାଥ ସୋରେନ ସୂଚନା ଦେଇ ଥିଲେ କି ସାଇଜ ଶାଳ କାଠ ୫ ସିଫ୍ଟ ୬୯ ଇଞ୍ଚି ଓ ଗାଡ଼ି ଜବତ କରାଯାଇ କେସ ନଂ ୫୬ରେ ରୁଜୁ କରାଯାଇଛି । ତେବେ ବନପାଳ ଶ୍ରୀ ସୋରେନ କହିଥିଲେ କି ଦେଢ଼ ବର୍ଷରେ ୩ ଟି ଗାଡ଼ି ଜବତ କରାଯାଇଛି ଯଦି ଆଗାମୀ ଦିନରେ ଜଙ୍ଗଲ କାଟି କାଠ ବ୍ୟବସାୟ ବନ୍ଦ ନ କରାଯାଏ ତେବେ ଏହି ପରି ଚଢଉ ଜାରିରହିବ ।

# ସିସିଟିଭିରେ ଗାମୁଛା ଗୁଡ଼ାଇ ଲୁଟିନେଲେ

କପ୍ତିପଦା -(ମହାଭାରତ ): କପ୍ତିପଦା - ଘରେ କେହି ନ ଥିବାର ସୁଯୋଗ ନେଇ ଘରେ ପଶିଲା ଦୁର୍ବୃତ୍ତ । ସିସିଟିଭି ଉପରେ ନଜର ପଡିବାରୁ ସିସିଟିଭିରେ ଗାମୁଛା ଗୁଡ଼ାଇ ଘର ଭିତରେ ପଶି କରିଲା ଲୁଟ । ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ଗଡ଼ସାହି ଗ୍ରାମରେ । ଗଡ଼ସାହି ଗ୍ରାମର ନାରାୟଣ ଦାସବାବୁ ଗତ ୨୮ ତାରିଖ ଆଖି ଅପରେସନ ନିମନ୍ତେ ଭୁବନେଶ୍ୱର ଯାଇଥିଲେ, ଯାହାକି ଗତକାଲି ରାତିରେ ଘରେ ପହଂଚିବା ପରେ ଘର ଗେଟ ତାଲା ଭଙ୍ଗା ଯାଇଥିବା ଏବଂ ଘରୁ ଲୁଟ ହୋଇଥିବା ଜାଣିପାରି ପୋଲିସ କୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିବା ସହିତ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କୁ ତ୍ୱରାନ୍ୱିତ କରିଛି । ଲୁଟେରାମାନେ ଘର ଭିତରକୁ ପଶିବା ପୂର୍ବରୁ ସିସିଟିଭିରେ ଗାମୁଛା ଗୁଡ଼ାଇ ଘରେ ପଶି ଲୁଟ କରିଥିଲେୟ ଘର ଭିତର ଗଡ଼ରେଜ ଭାଙ୍ଗିବା ସହିତ ନଗଦ ୨୦ ହଜାର ରୁ ଉର୍ଦ୍ଧ ଟଙ୍କା ସହିତ ଦେଢ଼ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟିନେଇଛନ୍ତି । ତେବେ ଏହି ଲୁଟରେ କେତେ ଜଣ ଲୁଟେରା ସାମିଲ ରହିଛନ୍ତି ତାହାର ତଦନ୍ତ କରୁଛି ପୋଲିସ ।

## ଝାମ୍ପି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦଳପଡା କ୍ଲଷ୍ଟର ସ୍ତରୀୟ ସୁରଭି ମହୋତ୍ସବ

କନ୍ଧମାଳ (ମହାଭାରତ) : କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ୍ ଅନ୍ତର୍ଗତ ଦଳପଡା ପଞ୍ଚାୟତ ଝାମ୍ପି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଦଳପଡା କ୍ଲଷ୍ଟର ସ୍ତରୀୟ ଶିଶୁ ସୁରଭି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବଟି ସି ଆର ସି ସି ପ୍ରଶାନ୍ତ କୁମାର ପ୍ରଧାନଙ୍କ ତ□ାବଧାନରେ ହୋଇଥିବା ବେଳେ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀଧର ନାୟକ ଓ ସମ୍ମାନିତ ଅତିଥି ରୂପେ ହରେକୃଷ୍ଣ କହଁର ଯୋଗ ଦେଇ ଥିଲେ । ଓଡ଼ିଶାର ଲୋକ କଳା, ସଂସ୍କୃତି, ନୃତ୍ୟ, ସଂଗୀତ, କୁଇଜ୍, ବକ୍ତୃତା ଓ ଚିତ୍ରାଙ୍କନ ପରି ପ୍ରତିଯୋଗିତା କରାଯାଇଥିଲା । ଏଥିରେ ନଗଲେଜୁ ପ୍ରାଥମିକ ବିଦ୍ୟାଳୟ,ମେଢୁ ପ୍ରାଥମିକ ବିଦ୍ୟାଳୟ, ଲମ୍ବାବାଡି ଆବାସିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଝାମ୍ପି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଦଳପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବାଦେରୀପାଜୁ ପ୍ରାଥମିକ ବିଦ୍ୟାଳୟ,ପାବେରୀ ପ୍ରାଥମିକ ବିଦ୍ୟାଳୟ,ଡାଞ୍ଜୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ , ସାକାଡି ପ୍ରାଥମିକ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଦଳପଡା ସମେତ କ୍ଲଷ୍ଟରର ୧୦ ଗୋଟି ବିଦ୍ୟାଳୟର ୧୦୦ ଜଣ ଛାତ୍ର ଛାତ୍ରୀ ପ୍ରତିଯୋଗୀତାରେ ଭାଗ ନେଇଥିଲେ । ପ୍ରତିଯୋଗିତାରେ ପ୍ରବନ୍ଧ ସିନିଅର ରେ ଦଳପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶୀବାନୀ ମୁଖୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜୁନିଅର ସୃତ ଲିଖନ ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଝାମ୍ପିର ସ୍ୱାଗତ ରଣା, ଗୀତରେ ସିନିଅର ପାବେରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ତନ୍ମୟ ବେହେରା, ଗୀତ ଯୁନିଅରରେ ସୁଷମା ମଲିକ,କୁଇଜ୍ ଯୁନିଅରରେ ଡାଞ୍ଜୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଙ୍କିତ ଦେହୁରୀ, ବକ୍ତୃତାରେ ପାବେରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁଷମା ମଲିକ,ଚିତ୍ରାଙ୍କନ ସିନିଅରରେ ଦଳପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୃତି ମଲିକ,ଦଳଗତ ସାଂସ୍କୃତିକରେ ବାଦେରୀପାଜୁ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନଗଲେଜୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦିତୀୟ ସ୍ଥାନ ଅଧିକାର କରିଥିଲା । ମହୋତ୍ସବରେ ଝାମ୍ପି ପ୍ରଧାନ ଶିକ୍ଷକ ଗୋପୀନାଥ ପ୍ରଧାନ, ଦଳପଡା ଶିକ୍ଷକ ଭୀମସେନ କହଁର, ନଗଲେଜୁ ଶିକ୍ଷକ ରଞ୍ଜିତ କୁମାର ପ୍ରଧାନ,ପାବେରୀ ଶିକ୍ଷକ ରଜତ କୁମାର ପାଢ଼ୀ,ମେଢୁ ପ୍ରଧାନ ଶିକ୍ଷକ ସୁଶାନ୍ତ ମଲିକ, ଲମ୍ବାବାଡି ଶିକ୍ଷକ କାମେଶ୍ୱର କହଁର, ନନ୍ଦିନୀ ମଲିକ,ବାଦେରୀ ପାଜୁ ଶିକ୍ଷୟତ୍ରୀ ସରୋଜିନୀ ବାଘ,ସାକାଡି ଶିକ୍ଷକ କାର୍ତ୍ତିକ ଯାନୀ,ଡାଞ୍ଜୁ ଶିକ୍ଷକ ରବିନ୍ଦ୍ର କୁମାର ପଖାୟତ , ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ,ପ୍ରଦୀପ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ କୃତ କାର୍ଯ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀମାନେ ଆଗାମୀ ଦିନରେ ବ୍ଲକ୍ ସ୍ତରୀୟ ସୁରଭି ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

## ଟାଟା ଷ୍ଟିଲ ପକ୍ଷରୁ ଯୋଡ଼ାରେ 'ସ୍ୱଭା ସ୍ୱଚ୍ଛତା-ସଂସ୍କାର ସ୍ୱଚ୍ଛତା' ଅଭିଯାନ ଆୟୋଜିତ

ଯୋଡ଼ା, (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଟାଟା ଷ୍ଟିଲ ପକ୍ଷରୁ ଯୋଡା ଇଷ୍ଟ ଖଣି ଏବଂ ଖଣ୍ଡବନ୍ଧ ଖଣି ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ 'ସ୍ୱଭା ସ୍ୱଚ୍ଛତା-ସଂସ୍କାର ସ୍ୱଚ୍ଛତା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛ । କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏଥିରେ ସ୍ୱଚ୍ଛତା ଓ ପରିବେଶ ସଚେତନତାର ପ୍ରସାର କରିବା ଲାଗି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ପ୍ରସାର ଲକ୍ଷ୍ୟରେ ଏହି ସ୍ୱଚ୍ଛତା ହିଁ ସେବା ଅଭିଯାନ ସହ ଅନୁବନ୍ଧିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛ ।ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ନିଜ ଆଖପାଖ ଅଂଚଳକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ନେଇଥିଲେ । ସବୁଜ ଓ ସ୍ୱଚ୍ଛ ପରିବେଶ ପାଇଁ 'ଏକ ପେଡ୍ ମାଆ କେ ନାମ'ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ସେହିପରି, ସଫେଇ କର୍ମଚାରୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଓ ମେଗା ସ୍ୱାସ୍ଥ୍ୟ ଶିବିର, ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍ଲୋଗାନ ଲିଖନ, ପୋଷ୍ଟର ପ୍ରସ୍ତୁତି ଓ ବକ୍ତୃତା ପ୍ରତିଯୋଗିତା ର ମଧ୍ୟ ଆୟୋଜନ କରାଯିବ ସହ ସେମାନଙ୍କୁ ସ୍ୱଚ୍ଛତାର ଗୁରୁତ୍ୱ ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା । ଏଥିସହ, ସ୍ଥାନୀୟ ଅଂଚଳରେ ସୁସ୍ଥ ପରିବେଶ ଓ ସ୍ୱଚ୍ଛତା ପାଇଁ କାର୍ଯ୍ୟ କରୁଥିବା ସ୍ଥାନୀୟ ସଫେଇ କର୍ମୀମାନଙ୍କୁ ନିଜସ୍ ସୁରକ୍ଷା ଉପକରଣ (ପିପିଇ) କିଟ୍ ପ୍ରଦାନ କରାଯାଇଥିଲାୟ କାର୍ଯ୍ୟକ୍ରମ ଶେଷରେ ପ୍ରତିଯୋଗୀତାରେ ଭାଗ ନେଇଥିବା ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ସୃଜନଶୀଳତା ପାଇଁ ପୁରସ୍କୃତ କରାଯାଇଥିଲା । ଉଭୟ କର୍ମକ୍ଷେତ୍ର ଓ ଆଖପାଖ ଅଂଚଳକୁ ଏକ ସ୍ୱଚ୍ଛ ଓ ସୁସ୍ଥ ପରିବେଶ ଭାବେ ସମୃଦ୍ଧ କରିବା ଲାଗି ଟାଟା ଷ୍ଟିଲ୍ର ପ୍ରତିବଦ୍ଧତାକୁ ଖଣ୍ଡବନ୍ଧ ଆଇରନ ଆଣ୍ଡ ମାଙ୍ଗାନିଜ ମାଇନ୍ ପକ୍ଷରୁ ଆୟୋଜିତ ଏହି ସ୍ୱଚ୍ଛତା ହିଁ ସେବା ଅଭିଯାନ ପ୍ରମାଣିତ କରୁଛି ।

## ଜମିର ମାଲିକାନାକୁ ନେଇ ଦୁଇଦାବିଦାର ମୁହାଁମୁହିଁ ଅଡୁଆରେ ସବ-ରେଜିଷ୍ଟ୍ରାର.

ସାଲେପୁର (ମହାଭାରତ )-ଆଜି ସକାଳ ୧୦ଟାରୁ ଅପରାହ୍ନ ପର୍ଯ୍ୟନ୍ତ ସାଲେପୁର ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଭାତପଡା ମୌଜାର ଗୋଟିଏ ଜମି ଉପରେ ଦୁଇଜଣ ମାଲିକାନା ଦାବି କରି ମୁହାଁମୁହିଁ ହୋଇଛନ୍ତି । ଭାତପଡା ମୌଜାରେ ଥିବା ପ୍ଲଟ ନମ୍ବର-ଜମିର ମାଲିକାନା ପ୍ରଦୀପ୍ତ ରାଉତଙ୍କ ନାମରେ ଥିବାବେଳେ ସେ ଉକ୍ତ ଜମିର ପଟା ମଧ୍ୟ ପାଇଛନ୍ତି । ଦଖଲରେ ମଧ୍ୟ ରହିଛି । କିନ୍ତୁ ଉକ୍ତ ଜମିର ମାଲିକ ବୋଲି ଭାତପଡା ଅଞ୍ଚଳର ରବିନ୍ଦ୍ର ରାଉତ ଦାବି କରି ତଙ୍କ ନିକଟରେ ଥିବା ଉକ୍ତ ଜମିର କବଲାକୁ ଆଧାରକରି ଉକ୍ତ ଜମିକୁ ଅନ୍ୟକୁ ବିକ୍ରୟ କରିବା ପାଇଁ ଆଜି ସାଲେପୁର ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ସେଲ୍ ଏଗ୍ରିମେଣ୍ଟ କରିବା ପାଇଁ ଯୋଜନା କରୁଥିବା ବେଳେ ଉକ୍ତ ଜମିର ପଟାପାଇଥିବା ପ୍ରଦୀପ୍ତ ରାଉତ କାର୍ଯ୍ୟାଳୟରେ ପହଞ୍ଚି ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା ଶେଷରେ ସାଲେପୁର ସବ-ରେଜିଷ୍ଟ୍ରାର ଆଇନ ଅନୁଯାୟୀ କାର୍ଯ୍ୟ କରାଜିବ ବୋଲି ପ୍ରତିଶ୍ରୁତି ଦେବାପରେ ଉଭୟ ପକ୍ଷ ଶାନ୍ତ ପଡିଥିଲେ ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଘରି ଦଫା ଦାବି ନେଇ ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘର ଧାରଣା



ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ସମ୍ମୁଖରେ ଘରି ଦଫା ଦାବି ନେଇ ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘର ଧାରଣା । ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ଦରମା ବୃଦ୍ଧି , ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସମିତି ଠାରୁ ସୁଧ ଟଙ୍କା ଶୋଷଣ କରିବା, ସମିତିର କର୍ମଚାରୀ ମାନଙ୍କୁ ପଦୋନ୍ନତି ରେ ଟାଳଟୁଳ ନୀତି ଅବଲମ୍ବନ କରିବା ସହ ସମିତିର ଅଂଶଧନ ଏବଂ ସୁଧ ସହାୟତାରେ ଇଚ୍ଛା ମୁତାବକ ଶୋଷଣ ନୀତିକୁ ବିରୋଧ କରି ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘର କର୍ମକର୍ତ୍ତା ମାନେ ଧାରଣାରେ ବସିଥିଲେ । ତେବେ ଦାବି ପୂରଣ ନହେବା ଯାଏଁ ଧାରଣାରେ ବସିବାକୁ ନିଷ୍ପତି ନେଇଛନ୍ତି । ଆଗାମୀ ରବି ଋଣ ପ୍ରଦାନରେ କୌଣସି ସହଯୋଗ ପ୍ରଦାନ ନ କରିବା ଏବଂ ଆର୍ଥିକ କାରବାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତି ନେଇଛନ୍ତି ଏହି ସଙ୍ଘୟ ସମବାୟ ସଂସ୍ଥା ପାଇଁ ଅହରହ କାମ କରୁଥିବା ଏହି କର୍ମଚାରୀ ମାନଙ୍କୁ ସଂସ୍ଥା ପକ୍ଷରୁ ଟାଳଟୁଳ ନୀତି ବିରୁଦ୍ଧରେରେ ଗର୍ଜନ କରିଛି ଏହି ସଙ୍ଘୟପ୍ରାଥମିକ କୃଷି ସମବାୟ ସମିତିର ତଳ ସ୍ତରର କର୍ମଚାରୀ ମାନଙ୍କ ପ୍ରମୁଖ ସମସ୍ୟା ହେଉଛି ସଠିକ ସମୟରେ ପାରିଶ୍ରମିକ ପ୍ରଦାନ ଯାହା କି ମାସ ମାସ ବିଳମ୍ବ ହେଉଛି । ବିଭିନ୍ନ ସମସ୍ୟାକୁ ନେଇ ବାରମ୍ବାର ଅଭିଯୋଗ ଓ ଧାରଣା ଦେଲେ ମଧ କୌଣସି ସମାଧାନର ବାଟ ନ ବାହାର କରିବା ପରିତାପର ବିଷୟ ବୋଲି କହିଛନ୍ତି ।ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘର ସଭାପତି ଶିବରାମ ମାହାଙ୍କୁଡ । ଏହି ଅବସରରେ ସମସ୍ତ ସୋସାଇଟି ସମ୍ପାଦକ, ଡାଟା ଏଣ୍ଟ୍ରି ଅପରେଟର ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି ଆନ୍ଦୋଳନ ଜାରିରଖିଛନ୍ତି ।ଆଗାମୀ ଜୁଲାଇ ମାସ ପର୍ଯ୍ୟନ୍ତ ଏଭଳି କାର୍ଯ୍ୟ ବନ୍ଦ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ଜାରି ରହିବ ବୋଲି କ୍ଷୋଭ ସହକାରେ ନାରା ଦେଉଛନ୍ତି ପ୍ରାଥମିକ କୃଷି ସମବାୟ କର୍ମଚାରୀ।

### ଦେବୋତ୍ତର କଲୋନି ସିରିଜ୍ ଡକାୟତି ମାମଲା

## ଚୋରି ସାମଗ୍ରୀ ଜବତ, ୩ ଜଣଙ୍କୁ ବାନ୍ଧିଲା ଟାଉନ୍ ଥାନା ପୁଲିସ



ନୟାଗଡ଼, ( ମହାଭାରତ ) : କଠିନ ପରିଶ୍ରମ ଓ ନେଟୱାର୍କ କୁ ବ୍ୟବହାର କରି ନୟାଗଡ଼ ଟାଉନ୍ ଥାନା ପୁଲିସ ଦେବୋତ୍ତର କଲୋନିରୁ ଘଟିଥିବା ସିରିଜ ଡକାୟତୀ ମାମଲାର ପର୍ଦ୍ଦାଫାଶ କରିଛି । ଏହି ମାମଲାରେ ସମ୍ପୃକ୍ତି ତିନି ଜଣଙ୍କୁ ଗିରଫ କରାଯାଇଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ କଟକ ଜିଲ୍ଲାର ବୋଇଦେଶ୍ୱର ଥାନା ଅଧୀନ ଖଜୁରିଆପଡ଼ା ଗାଁର ମନୋଜ କୁମାର ସିଂ ଓ ଜୟନ୍ତ କୁମାର ପାଣିଗ୍ରାହୀ ଏବଂ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅଧୀନ ଡ଼ୋଲପାଟଣାର ସଦାଶିବ ସିରକ । ସେମାନଙ୍କ ନିକଟରୁ ପୁଲିସ ୨୮୦ ଗ୍ରାମର ସୁନା, ୧୬୦ ଗ୍ରାମ୍ ରୁପା, ଗୋଟିଏ ଟାବଲେଟ୍, ଲାପଟପ୍, ତିନି ହାର୍ଡଡିସ୍କ ସମେତ ଗୋଟିଏ ଦାମୀ ବ୍ରିଜା କାର୍, ଦୁଇଟି ବାଇକ୍ ଓ ଅନ୍ୟାନ୍ୟ ଚୋରି ଜିନିଷ ଜବତ କରିଛି । ଏହି ତିନି ଜଣଙ୍କ ନାମରେ କଟକ ଜିଲ୍ଲାର ବିଭିନ୍ନ ଥାନାରେ ୧୨ରୁ ଅଧିକ ମାମଲା ରହିଛି । ପୁଲିସ ସୂଚନା ମୁତାବକ ଦେବୋ□ର କଲୋନି ଲେନ୍-୫ରେ ରହୁଥିବା ଜଣେ ପୁଲିସ ଅଧିକାରୀଙ୍କ ଘରୁ ଚୋରି ହୋଇଥିଲା । ପୁଲିସ ଅଧିକାରୀ ଜଣକ ସମ୍ବଲପୁରରେ ରହୁଥିବା ବେଳେ ଏଠାରେ ତିନି ମହଲା ବିଶିଷ୍ଟ ଘରେ ତାଙ୍କ ପତ୍ନୀ ଓ ପୁଅ ଉପର ମହଲାରେ ରହୁଛନ୍ତି । ବାକି ଦୁଇ ମହଲା ଭଡ଼ାରେ ଦିଆଯାଇଛି । ଶରଣକୁଳ ସ୍ଥିତ ଶ୍ରୀ ନାୟକଙ୍କ ବାସଭବନରେ କିଛି ପୂଜା କାର୍ଯ୍ୟକ୍ରମ ଥିଲା । ଏଣୁ ତାଙ୍କ ସ୍ତ୍ରୀ ଓ ପୁଅ ଘର ତାଲା ପକାଇ ଗାଁକୁ ଯାଇଥିଲେ । ସେମାନେ ଦିନ ପ୍ରାୟ ୧୧ଟା ବେଳେ ଯାଇଥିବା ବେଳେ ୧୨ଟା ୧୫ ବେଳକୁ ଘରକୁ ଫେରିଥିଲେ । ଘରକୁ ଫେରି ସେମାନେ ଦେଖନ୍ତି ଯେ, ତାଙ୍କ ଘର କବାଟ ତାଲା ତଡ଼ା ଯାଇଛି । ଘର ଭିତରେ ଥିବା ପୁଅର ଲାପଟପ୍, ହାର୍ଡଡିସ୍କ ସହ ଆଲମିରାରେ ଥିବା ୫ଟି ମୁଦି, ଗୋଟିଏ ମଙ୍ଗଳସୂତ୍ର ଓ ଗୋଟିଏ ଚେନ୍ ଗାୟବ ରହିଛି । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ନୟାଗଡ଼ ଏସପି ଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଏହି ଡକାୟତ ମାନଙ୍କୁ ଖୋଜା ଯାଇଥିଲା । ସିସିଟିଭି ଫୁଟେଜ୍ ଆଧାରରେ ଏହି ତିନି ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଲେନ୍-୪ରେ ରହୁଥିବା ଶିବ ପ୍ରସାଦ ସାହୁଙ୍କ ଘରୁ ହୋଇଥିବା ଡାକୟତି ମାମଲାରେ ମଧ ସେମାନଙ୍କର ସମ୍ପୃକ୍ତି ଥିବା ସ୍ୱୀକାର କରିଥିଲେ ।

## ପାଟଣା ରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଶିକ୍ଷା ମଣ୍ଡଳ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଶିକ୍ଷା ମଣ୍ଡଳ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ ଙ୍କ ସଭାପତିତ୍ୱ ରେ ହୋଇ ଛି । ମୁଖ୍ୟ ଅତିଥି ଭାବେ ବଡ଼ପାଟଣା ସରପ□ ବିନତୀ ବାନରା ଯୋଗଦାନ କରି ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ କୁ ଉଦ୍ଘାଟନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ମଣ୍ଡଳ ଅଧିକାରୀ ବିଜୟ କୁମାର ଓଝା, ସଚ୍ଚିଦାନନ୍ଦ ସେଠୀ,ପ୍ରକାଶ କୁମାର ପରିଡା,ପ୍ରଧାନ ଶିକ୍ଷକ କ୍ଷେତ୍ର ମୋହନ ମହାନ୍ତ ଉପସ୍ଥିତ ଥିଲେ । ଏହି ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ରେ ପାଟଣା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ୩ଟି ବିଭାଗ ଜ୍ୟୋଷ୍ଠ -କବିଭାଗ,ଜ୍ୟୋଷ୍ଠ -କବିଭାଗ ଓ କନିଷ୍ଠ ବିଭାଗ ରେ ଶୃତ ଲିଖନ,କିଇଜି, ବିତର୍କ, ହସ୍ତାକ୍ଷର,ଚିତ୍ରାଙ୍କନ,ଚିତ୍ରକଳା,ଶିଳ୍ପ କଳା,ପ୍ରବନ୍ଧ, ସଙ୍ଗୀତ,ସୁଜନ ଶୀଳ ଲିଖନ ଏବଂ ସାସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ହୋଇ ଥିଲା । ଏହି ପ୍ରତିଯୋଗିତା ରେ ୩ଟି ବିଦ୍ୟାଳୟ ଉତିର୍ଣ୍ଣ ହୋଇଛି । ପ୍ରଥମ ସ୍ଥାନ ଚେମଣା ନୋଡାଲ ହାଇସ୍କୁଲ ,ଦ୍ୱିତୀୟ ସ୍ଥାନ ଜନତା ହାଇସ୍କୁଲ ମଲ୍ଲିପଶି ,ତୃତୀୟ ସ୍ଥାନ ଜି.ଏନ ହାଇସ୍କୁଲ ସ୍ୱର୍ଣ୍ଣମପାଟଣା ଗ୍ରହଣ କରିଛି । ଉଦଜାପନି ସମାରୋହ କୁ ମୁଖ ଅତିଥି ଭାବେ ପାଟଣା ତହସିଲଦାର ଲୀଳାବତୀ ନାୟକ ଯୋଗଦାନ ଦେଇଛନ୍ତି । ମୁଖ୍ୟବକ୍ତା ଭାବେ ପାଟଣା ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଚିତ୍ତ ରଞ୍ଜନ ନାଏକ ଯୋଗଦାନ କରିଛନ୍ତି । ସମ୍ମାନିତ ଅତିଥି ସମାଜ ସେବୀ ବିଦ୍ୟାଧର ଦାଶ,ଅଜୟ କୁମାର ଦାଶ ଉପସ୍ଥିତ ଥିଲେ । ଏହି ଉଦଜାପନି ଦିବସ ରେ ବିଭିନ୍ନ ବିଭାଗ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇ ଥିବା ବିଭିନ୍ନ ବିଦ୍ୟାଳୟ ର ଛାତ୍ରଛାତ୍ରୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ଦେଇ ପୁରସ୍କୃତ କରାଯାଇଛି । ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ କୁ ଶିକ୍ଷକ ପାର୍ଥ ସାରଥୀ ବେଜ ସଂଯୋଜନା କରିବା ବେଳେ ଅତିଥି ପରିଚୟ ପାଟଣା ପ୍ରାଥମିକ ଶିକ୍ଷକ ସଂଘ ସଂପାଦକ କମଳାକାନ୍ତ ପତି କରିଛନ୍ତି । କାର୍ଯ୍ୟକ୍ରମ କୁ ସଂପୂର୍ଣ୍ଣ ଭାବେ ସି.ରା.ସି ସନ୍ତୋଷ କୁମାର ନାଏକ,ଜ୍ୟୋତ୍ରିମୟୀ ତ୍ରିପାଠୀ, ପ୍ରମୋମଦ କୁମାର ମହାନ୍ତ ସହଯୋଗ କରିଥିଲେ ।

## ପାଟଣା ବ୍ଲକରେ ଭିନ୍ନକ୍ଷମ ଉପକରଣ ବଣ୍ଟନ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବିଭିନ୍ନ ପଞ୍ଚାୟତର ଭିନ୍ନକ୍ଷମ ମାନଙ୍କୁ ଭିନ୍ନକ୍ଷମ ଉପକରଣ ପ୍ରଦାନ କରାଯାଇଛି । ପାଟଣାବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ରୁ ୧୫ଜଣ ହିତାଧିକାରୀ ଙ୍କୁ ଟ୍ରାଇ ସାଇକେଲ,ହୁଇଲ୍ ଚେୟାର,ସି.ପି ଚେୟାର ଓ ଶ୍ରବଣ ଯନ୍ତ୍ର ଆଦି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମ ରେ ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧ ମାଝୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ନାୟକ, ବ୍ଲକ ବି□ ଅଧିକାରୀ ପାର୍ବତୀ ସର୍ଦ୍ଦାର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଦେହୁରୀ ପ୍ରମୁଖ ସକ୍ରିୟ ଯୋଗଦାନ କରି ଭିନ୍ନକ୍ଷମ ମାନ ଙ୍କୁ ଉପକରଣ ବଣ୍ଟନ ସଂପୂର୍ଣ୍ଣ ସହଯୋଗ କରିଥିଲେ ।

## ବାରଙ୍ଗ ବ୍ଲକ କୃଷି ଉଦ୍ୟାନ ବିଭାଗ ତରଫରୁ ଚାଷୀଙ୍କୁ ପ୍ରୋତ୍ସାହନ



କଣ୍ଠାପଡ଼ା (ମହାଭାରତ): ବାରଙ୍ଗ ବ୍ଲକ କୃଷୀ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ତରଫରୁ ୨୦୨୪-୨୦୨୫ ଆର୍ଥିକ ବର୍ଷରେ ବାରଙ୍ଗ ବ୍ଲକର ଚାଷୀ ମାନଙ୍କୁ ଧନିଆ, ଲଙ୍କା, କୋବି, ମୁଳା, ଭେଣ୍ଡି ସମସ୍ତ ପ୍ରକାରର ମଞ୍ଜି ଯୋଗାଇ ଦିଆଯାଇଛି । ଏହି ସବୁ ମଞ୍ଜିକୁ ବାରଙ୍ଗ ବ୍ଲକର ୨୦୦ଜଣ ଚାଷୀଙ୍କୁ ପ୍ରୋତ୍ସାହନ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଦିଆଯାଇଛି । ଏହା ଦ୍ୱାରା ୨୦୦ ଜଣ ଚାଷୀଙ୍କୁ ବିଭିନ୍ନ ସରକାରୀ ବ୍ୟବସ୍ଥାରେ ସହାୟତାର ହେବ । ଆମ୍ବ, ପିଜୁଳି, ଲେମ୍ବୁ, ନଡ଼ିଆ ସମସ୍ତ ପ୍ରକାର ର ଫଳ ଗଛ ପ୍ରାୟ ୧୦୦ ଜଣ ଫଳ ଚାଷୀ ମାନଙ୍କୁ ଦିଆଯାଇଛି । ଏହି ୧୦୦ ଜଣ ଫଳ ଚାଷୀଙ୍କ ମଧ୍ୟରୁ ୧୫ ଜଣଙ୍କୁ ଗଛ କୁ ଠିକ୍ ଭାବରେ ଯତ୍ନ ନେଲେ ସେମାନଙ୍କୁ ସରକାରୀ ବ୍ୟବସ୍ଥା ପାଇଁ ପ୍ରୋତ୍ସାହନ ଆର୍ଥିକ ସହାୟତା ଦିଆଯିବ ବୋଲି ବ୍ୟବସ୍ଥା ରହିଛି । ଅନ୍ୟ ସମସ୍ତ ଚାଷୀମାନେ ମଧ ଏହି ସରକାରଙ୍କ ପ୍ରୋତ୍ସାହନ ବ୍ୟବସ୍ଥାରେ ଲାଭବାନ ହୋଇ ପାରିବେ ବୋଲି ବାରଙ୍ଗ ବ୍ଲକ କୃଷି ଉଦ୍ୟାନ ବିଭାଗର ଏହି କାର୍ଯ୍ୟକ୍ରମ ଦ୍ୱାରା ଲାଭବାନ ହୋଇପାରିବେ ବୋଲି ସହକାରୀ କୃଷି ଅଧିକାରୀ (ଉଦ୍ୟାନ ବିଭାଗ) ପୁଷ୍ପିତା ସାହୁ ଏବଂ ଅଚ୍ୟୁତ ନନ୍ଦ ବେହେରା ଅର୍ଥ ଦର୍ଶକ (ଉଦ୍ୟାନ ବିଭାଗ) ର ଅଧିକାରୀ କହିଛନ୍ତି ।

### ଉଜ୍ଜଳ ବରିହା ହତ୍ୟାକାଣ୍ଡ ଘଟଣା ପୁନଃ ତଦନ୍ତ ଦାବୀ କଲା ଆଦିବାସୀ ସଂଘ

## ହତ୍ୟାକାରୀ ଗିରଫ ନ ହେଲେ ଦୁର୍ବାର ଆନ୍ଦୋଳନ



ପାଟଣାଗଡ଼ ( ମହାଭାରତ ) ଗତ ଫେବୃଆରୀ ମାସ ୭ ତାରିଖରେ ଲରମ୍ବା ଥାନା ଅନ୍ତର୍ଗତ ଫଟାମୁଣ୍ଡାର ଉଜ୍ଜଳ ବରିହା କୁ ଯୋଜନାବଦ୍ଧ ଭାବରେ ହତ୍ୟା କରି କୂଅରେ ପକେଇ ଦେଇଥିବା ନେଇ ଲରମ୍ବା ଥାନାରେ ଅଭିଯୋଗ ହୋଇଥିଲା । ଘଟଣାର ତିନି ଦିନ ପରେ ଅର୍ଥାତ ୧୦ ତାରିଖ ଗ୍ରାମର ବିପିନ ସାହୁଙ୍କ ବାଡ଼ିରେ ଥିବା କୂଅରେ ଶବ ପଡ଼ିଥିବା ସାହୁ ପରିବାର ଦେଖିଥିଲେ ଓ ପୋଲିସ କୁ ଖବର ଦେଇଥିଲେ । ଏହି ଘଟଣାରେ ଲରମ୍ବା ପୋଲିସ କେତେ ଜଣକୁ କିଛି ଦିନ ପଚରା ଉଚରା କରି ପ୍ରମାଣ ସଂଗ୍ରହ ବାହାନାରେ ସନ୍ଦେହ କରୁଥିବା ବ୍ୟକ୍ତି ମାନଙ୍କୁ ଛାଡିଦେଲା । ଘଟଣାରେ ସନ୍ଦେହ ଥିବା ଜଣେ ବ୍ୟକ୍ତି ସେ ସରକାରୀ ଚାକିରୀ କରୁଛନ୍ତି ଘଟଣା ଦିନ ଠାରୁ କୁଆଡେ ଫେରାର ମାରିଥିଲେ ।ପୋଲିସ ସେହି ବ୍ୟକ୍ତିକୁ କେବେ ତଦନ୍ତ ପାଇଁ ଡାକି ନ ଥିଲେ ଓଲଟା କୁଆଡେ ଫେରାର ଅଛି ସେ ଘରକୁ ଆସିଲେ ତଦନ୍ତ ପାଇଁ ଡକାଯିବ କହି ଆଜି ପର୍ଯ୍ୟନ୍ତ ଡାକିଲେ ନାହିଁ । ଆଜି ଘଟଣାକୁ ୮ ମାସ ବିତି ଯାଇଥିଲେ ସୁଦ୍ଧା ଘଟଣା କୁ ଏମିତି ଢଙ୍ଗରେ ଚାପି ଦିଆଗଲା ଯେ ଅପରାଧି ଗିରଫ ହେବା ଦୂରର କଥା ତାର ଟେର ପାଇଲା ନାହିଁ ।ହତ୍ୟାକାରୀ କୁ ଗିରଫ ଦାବୀରେ ଲରମ୍ବା ଥାନା ଘେରାଓ କରିଥିଲା ଆଦିବାସୀ କଲ୍ୟାଣ ସଂଘ । ତଦନ୍ତ ଚାଲିଛି ଆହୁରି ବଳିଷ୍ଠ ପ୍ରମାଣ ପାଇଁ ଅନ୍ୟାନ୍ୟ ପରୀକ୍ଷା କରିବା ପାଇଁ ବାହାରକୁ ପଠା ଯାଇଛି । ପରୀକ୍ଷା ଓ ପ୍ରମାଣ ଦେଖି ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ କହି ପୋଲିସ ଦିନ ଗଡେଇ ଚାଲିଲା । ଆଜି ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଲରମ୍ବା ଥାନାରେ ନୂତନ ଭାବରେ ଯୋଗଦାନ କରି ଥିବା ଥାନାଧିକାରୀ ଶ୍ରୀ ଭାନୁ ପ୍ରତାପ ଯାଦବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ଆଇନ ଶୃଙ୍ଖଳା ବିଷୟରେ ଓ ଉଜ୍ଜଳ ବରିହା ହତ୍ୟାକାଣ୍ଡ ର ପର୍ଦ୍ଦାଫାସ କରିବା ପାଇଁ ଦାବୀ ଜଣାଇ ଥିଲେ । ଥାନାଧିକାରୀ ତାଙ୍କ ପ୍ରତିକ୍ରିୟା ରେ ଏ ବିଷୟରେ ଉପଖଣ୍ଡ ପୋଲିସ ଅଧିକାରୀ ଙ୍କ ସହିତ ଆଲୋଚନା କରି ଆଉ ଥରେ ଉଚିତ ତଦନ୍ତ କରିବା ପାଇଁ କହିଥିଲେ ଥାନାଧିକାରୀ । ଘଟଣାର ଉଚିତ ତଦନ୍ତ କରି ଉଜ୍ଜଳ ବରିହା ହତ୍ୟାକାରୀ ଶୀଘ୍ର ଗିରଫ ନ ହେଲେ ଦୁର୍ବାର ଆନ୍ଦୋଳନ କରିବା ପାଇଁ ଆଦିବାସୀ ସଂଘ ପ୍ରତିକ୍ରିୟା ରଖିଛି । ଆଜିର ଆଲୋଚନା ସମୟରେ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ସଂଯୋଜକ ଗୌରାଙ୍ଗ ବରିହା, ହୃଷିକେଶ ଭୋଇ, ଚୂଡ଼ାମଣି ଧରୁଆ, ମଦନ ମାଝୀ ଓ ପିଣ୍ଟୁ ବୁଡ଼େକ ଉପସ୍ଥିତ ରହିଥିଲେ ।

## ବାଲୁଗାଁରେ ଆରମ୍ଭ ହେଲା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା

ଚିଲିକା (ମହାଭାରତ),ଅନେକ କଳ୍ପନା ଜଳ୍ପନାର ଅନ୍ତ ଘଟି ବାଲୁଗାଁରେ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା । ବାଲୁଗାଁର ବିକାଶ ନିମନ୍ତେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦୃଢ଼ ସଂକଳ୍ପ ନେଇଥିବାବେଳେ ତାହା ଆଜି ବାସ୍ତବରେ ପରିଣତ ହେବାକୁ ଯାଉଅଛି । ବାଲୁଗାଁ ସହର ଦେଇ ଯାଇଥିବା ପୂରୁଣା ଜାତୀୟ ରାଜପଥର ପ୍ରଶସ୍ତୀକରଣ ତଥା ୪ଥାକିଆ ରୋଡ଼୍ ପାଇଁ ବର୍ଷ ବର୍ଷ ଧରି ପ୍ରସ୍ତାବ ପଡିରହିଥିବାବେଳେ ତାହା ଆଜି ସଫଳ ହୋଇଛି । ପୂର୍ତ୍ତ ବିଭାଗ ଅଧିନସ୍ଥ ପୁରୁଣା ୫ନଂ ଜାତୀୟ ରାଜପଥର ସଂପ୍ରଶାରଣ ନିମନ୍ତେ ୨୭ତାରିଖରେ ଜବରଦଖଲ ଉଚ୍ଛେଦ ପାଇଁ ଚିଲିକା ତହସିଲଦାରଙ୍କ ପକ୍ଷରୁ ଗତ ସେପ୍ଟେମ୍ବର ମାସ ୨୦ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ପୋଲିସିଫୋର୍ସ ଅଭାବରୁ ଉଚ୍ଛେଦ ପ୍ରକ୍ରିୟାକୁ ବାତିଲ୍ କରାଯାଇଥିଲା । ପୂନର୍ବାର ଗତ ସେପ୍ଟେମ୍ବର ୩୦ତାରିଖରେ ତହାସିଲଦାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଲା ଆସନ୍ତା ଅକ୍ଟୋବର ୪ତାରିଖରେ ସମ୍ପୂର୍ଣ୍ଣ ରୂପେ ଜବରଦଖଲ ମୁକ୍ତ କରାଯିବ । ତହସିଲଦାରଙ୍କଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ପରେ ଆଜି ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବା ଫଳରେ ବିଭିନ୍ନ ମହଲରୁ ଖୁସୀର ମାହୋଲ ଦେଖିବାକୁ ମିଳିଛି । ଉକ୍ତ ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମରେ ଆଇନୀ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ଗୋଟେ ପ୍ଲାଟୁନ୍ ପୋଲିସି ଫୋର୍ସ୍ ସହ ଚିଲିକା ଅତିରିକ୍ତ ତହସିଲଦାର,ବାଲୁଗାଁ ରାଜସ୍ୱ ନିରିକ୍ଷକ ଅଧିକାରୀ, ଅମୀନ ଏବଂ ପୂର୍ତ୍ତ ବିଭାଗର ବିଭିନ୍ନ ଅଧିକାରୀମାନେ ରହି ଉଚ୍ଛେଦ ପ୍ରକ୍ରିୟା ଜାରିରଖିଛନ୍ତି ।

## ଉର୍ମିଳା ଦେବୀ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା



ଅସ୍ତରଙ୍ଗ, (ମହାଭାରତ): ଅସ୍ତରଙ୍ଗ ବ୍ଲକ ଜାଭିୟର ବିଦ୍ୟାଳୟ ପରିସରରେ ଉର୍ମିଳା ଦେବୀ ଚାରୀଟେବୁଲ ଟ୍ରଷ୍ଟ ତରଫରୁ ବ୍ଲକ ସ୍ତରୀୟ ସମସ୍ତ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ ମେଗା ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ପିଲା ମାନଙ୍କ ଭିତରେ ଦେଶ ଓ ଜାତି ପ୍ରତି ଥିବା ସୁପ୍ତ ପ୍ରତିଭା ପରିଚୟ କୁ ସର୍ବ ସମ୍ମୁଖରେ ରେ ପ୍ରତିପାଦନ କରିବା ହେଉଛି ଏହି ଟ୍ରଷ୍ଟ ର ମୂଳ ଲକ୍ଷ ବା ଉଦ୍ଦେଶ୍ୟ, ଏହି ଚାରୀଟେବୁଲ ଟ୍ରଷ୍ଟ ର ଅଧକ୍ଷ ଶ୍ରୀଯୁକ୍ତ ଦୀପ୍ତି ରଞ୍ଜନ ନାୟକ ଙ୍କ ଅଧକ୍ଷତା ରେ ଏହି ମେଗା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସମସ୍ତ କାର୍ଯ୍ୟ କୁ ସମ୍ପାଦକ ଜ୍ୟୋତି ରଞ୍ଜନ ନାୟକ ସମ୍ପାଦିତ କରିଛନ୍ତି । ଏହି ପ୍ରତିଯୋଗିତା ରେ ଅସ୍ତରଙ୍ଗ ବ୍ଲକ ରେ ୧୫ ଗୋଟି ପଞ୍ଚାୟତ ରେ ପ୍ରାୟ ୫୦ ଗୋଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ତଥା ବିଚାରକ ଭାବେ ଶିକ୍ଷାବି୍ ବିଦ୍ୟା ସାଗର ପଣ୍ଡା, ସୁଧାକର ଦାସ ଓ ପ୍ରଗତିବାଦୀ ପାଢ଼ୀ ଯୋଗ ଦେଇଥିଲେ, ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ମଞ୍ଚ ରେ ଉପସ୍ଥିତ ଅତିଥି ସ୍ୱାଗତ ଭାଷଣ ଦେଇ ଦେଶ ଓ ଜାତି ପାଇଁ ଛାତ୍ରଛାତ୍ରୀ ଙ୍କ ସୁପ୍ତ ପ୍ରତିଭା କୁ ସର୍ବ ସମ୍ମୁଖରେ ଉପସ୍ଥାପନା କରିବା ପାଇଁ ମଞ୍ଚ କୁ ଛାତ୍ରଛାତ୍ରୀ ଙ୍କୁ ନିମନ୍ତ୍ରଣ କରାଯାଇଥିଲା, ଜଣଙ୍କ ପରେ ଜଣେ ନିଜ ନିଜର ବକ୍ତୃତା କୁ ଉପସ୍ଥାପନା କରିବା ପରେ ସେମାନଙ୍କ ଭିତରେ ପ୍ରଥମ ସ୍ଥାନ ବଜାୟ ରଖିଲେ ସରିପୁର ଓଡିଶା ଆଦର୍ଶ ବିଦ୍ୟାଳୟ ର ଛାତ୍ର ସତ୍ୟମ ବେହେରା, ସେହିପରି ଦ୍ୱିତୀୟ ସ୍ଥାନ ରେ ଏକ୍ସ ଟି ଜାଭିୟର ବିଦ୍ୟାଳୟ ର ରାଜଶ୍ରୀ ଶତପଥୀ ଓ ତୃତୀୟ ସ୍ଥାନ ରେ ଅସ୍ତରଙ୍ଗ ବେଳାଭୂମି ହାଇସ୍କୁଲ ର ଛାତ୍ର ବିଶ୍ୱଜିତ ବେହେରା ଉତୀର୍ଣ୍ଣ ହୋଇଥିଲେ, ୧ମ, ୨ୟ ଓ ୩ୟ ସ୍ଥାନ ଅଧିକାର କରିଥିବା କୁର୍ତ୍ତୀ ଛାତ୍ର ଛାତ୍ରୀ ଙ୍କୁ ଉର୍ମିଳା ଦେବୀ ଚାରିଟେବଲ ଟ୍ରଷ୍ଟ ତରଫରୁ ପୁରସ୍କୃତ କରାଯାଇଛି ।ଏହି ସମସ୍ତ କାର୍ଯ୍ୟ କୁ ପରିଚାଳନା କରିଛନ୍ତି ଏକ୍ସ ଟି ଜାଭିଅର ସ୍କୁଲ ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସେନାପତି ଓ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଏହି କାର୍ଯ୍ୟକ୍ରମ ରେ ୨୦୦ ରୁ ଉର୍ଦ୍ଧ ଅଭିଭାବକ ମାନେ ଉପସ୍ଥିତ ହୋଇ ଉର୍ମିଳା ଦେବୀ ଚାରୀଟେବୁଲ ଟ୍ରଷ୍ଟ ର ଏହି କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## କାଉଡୋଲା ବିକାଶ ପରିଷଦ ମଞ୍ଚ ସଭାପତି ହେଲେ ଚକ୍ରଧର ବେଶ୍ରା



କୋକସରା,(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ କାଉଡୋଲା ଗ୍ରାମବାସୀଙ୍କୁ ନେଇ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଗ୍ରାମର ମାଁ ଠାକୁରାଣୀ ମନ୍ଦିର ପୂଜକ ଦୁଷ୍ମନ୍ତ ପୁଝାରୀ ସଭାପତିତ୍ୱ କରିଥିଲେ । ଏଥିରେ କାଉଡୋଲା ଗ୍ରାମର କିଭଳି ବିଭିନ୍ନ ପ୍ରକାରର ଉନ୍ନତି ତଥା ବିକାଶ କ୍ଷେତ୍ରରେ ଆଗକୁ ବଢ଼ିପାରିବ ସେହି ଦୃଷ୍ଟିରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏବଂ ଏସବୁକୁ ଦୃଷ୍ଟିରେ ରଖି ଏକ ନୂତନ କମିଟି ଗଠନ କରାଯାଇଥିଲା । ଯାହାକି କମିଟିର ନାଁ ରଖାଯାଇଥିଲା 'ବିକାଶ ପରିଷଦ ମଞ୍ଚ କାଉଡୋଲା ' ପରେ କମିଟିକୁ ପରିଚାଳନା କରିବା ପାଇଁ ଏକ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଥିଲା ଏଥିରେ ଦୁଷ୍ମନ୍ତ ପୁଝାରୀ, ତ୍ରିନାଥ ସରାବୁ,କୈଳାସ ଜାନି, ହୃଷିକେଶ ବେଶ୍ରା,ଉଦ୍ଧବ ନାଏକ, ଅନିରୁଦ୍ଧ ରଣା, ଲୋକନାଥ ସାହୁ, ବଂଶୀଧର ବେଶ୍ରା, ଉମାଶଙ୍କର ଦାସ, ଉଦ୍ଧବ ସତନାମୀ, ଈଶ୍ୱର ମାଝି ପ୍ରମୁଖ ଙ୍କୁ ମନୋନୀତ କରାଯାଇଥିଲା । ପରେଉକ୍ତ କମିଟିର ଦାୟିତ୍ୱ ତୁଲାଇବା ପାଇଁ ସଭାପତି ଭାବରେ ଚକ୍ରଧର ବେଶ୍ରା ଙ୍କୁ ମନୋନୀତ କଲାପରେ ସମ୍ପାଦକ ଭାବେ ବସନ୍ତ କୁମାର ସରାବୁ ଏବଂ କୋଷାଧକ୍ଷ ଭାବରେ ତ୍ରିଲୋକ୍ୟ ବେଶ୍ରା ଙ୍କୁ ମନୋନୀତ କରାଯାଇଥିଲା । ଏବଂ କମିଟିର ସଦସ୍ୟ ଭାବରେ ଆକାଶ ସରାବୁ,ହିରାଲାଲ ମାଝୀ, ଅଚ୍ୟୁତ ରଣା, ପିଣ୍ଟୁ କୋଚିଆ, ନିଧି ରାମ ମାଝୀ, ପବିତ୍ର ମାଝୀ, ଘାସିରାମ ରାଉତ, ତୁଷାର ନାଏକ, ନିର୍ମଳ କର,ବିନୋଦ ବେଶ୍ରା, ମଳୟ ବେଶ୍ରା, ତୋଫାନ ମାଝୀ, କୁମୁଦ ରଣା, ଅଶୋକ ପୁଝାରୀ,ଙ୍କ ସମେତ ଅନେକ ସଦସ୍ୟ ଙ୍କ ନାମ ସ୍ଥାନ ପାଇଥିଲା । କାଉଡୋଲା ଗାଁ ରେ ଆଗକୁ ଥିବା ଦଶହରା ଉପଲକ୍ଷେ ଗ୍ରାମବାସୀ ଏବଂ ଉକ୍ତ କମିଟିର ମିଳିତ ସହଯୋଗରେ ଗାଁରେ ଏକ ସାଂସ୍କୃତିକ ତଥା ମନୋରଞ୍ଜନ କାର୍ଯ୍ୟକ୍ରମ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । ଉକ୍ତ ବୈଠକରେ ଗ୍ରାମର ଅନେକ ଯୁବପିଢ଼ୀ ବୁଦ୍ଧିଜୀବୀ ତଥା ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସାମିଲ ହୋଇ ସଭାକାର୍ଯ୍ୟ ଟିକୁ ସାଫଲ୍ୟ ମଣ୍ଡିତ କରିବା ସହ କମିଟିକୁ ବେଶ୍ ଆନନ୍ଦ ଓ ଉତ୍ସାହିତ କରିଥିଲେ ।

# ଇସ୍ରାଏଲ କୌଣସି ଦେଶ ନୁହେଁ: ଇରାନ ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ,୪।୧୦ :** ଇସ୍ରାଏଲ ସହ ତିକ୍ତତା ମଧ୍ୟରେ ଇରାନର ରାଷ୍ଟ୍ରଦୂତ ଡକ୍ଟର ଇରାଜ ଇଲାହିଙ୍କଠାରୁ ଏକ ବଡ ବିବୃତ୍ତି ଆସିଛି । ସେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଦେଶକୁ ଏକ ଦେଶ ଭାବରେ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି । ସେ ଦାବି କରିଛନ୍ତି ଯେ ଇସ୍ରାଏଲ ଏକ ଦେଶ ନୁହେଁ ବରଂ ଆମରିକାର କଣ୍ଟେଇ । ଇରାନର ରାଷ୍ଟ୍ରଦୂତ ମଧ କହିଛନ୍ତି, ଆମେ ପ୍ରତ୍ୟେକ ପ୍ରକାର ଯୁଦ୍ଧ ପାଇଁ ପ୍ରସ୍ତୁତ । ତଥାପି ଇରାନ ଯୁଦ୍ଧ ଚାହୁଁନାହ । ସାକ୍ଷାତକାରରେ ସେ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ ହିଜବୁଲ ଆତଙ୍କବାଦୀ ସଂଗଠନ ନୁହେଁ। ହାମାସ ମଧ ଏକ ବିରୋଧ ସଂଗଠନ, ଏହା ଆତଙ୍କବାଦୀ ସଂଗଠନ ନୁହେଁ। ଇରାନ ରାଷ୍ଟ୍ରଦୂତ କହିଛନ୍ତି ଯେ ଆମେ ଯୁଦ୍ଧ ପାଇଁ ପ୍ରସ୍ତୁତ, ଯେକୌଣସି ପ୍ରକାର ଆକ୍ରମଣ ପାଇଁ ଆମେ ପ୍ରସ୍ତୁତ । ଆମେ ଯୁଦ୍ଧ କିମ୍ବା ଉତ୍ତେଜନା ବୃଦ୍ଧି କରିବାକୁ ଚାହୁଁନାହୁଁ, କିନ୍ତୁ ଯଦି ଇସ୍ରାଏଲ୍ ଏହା ଜାରି ରଖେ, ଆମେ ପ୍ରସ୍ତୁତ ଅଛୁ । ଇରାନ ହିଜବୁଲ ଏବଂ ହାମାସକୁ ସମର୍ଥନ କରୁଛି ଏବଂ ଆମେ ଏହା ଜାରି ରଖିବୁ । ଅକ୍ଟୋବର ୭ରେ ହମାସ ଦ୍ଵାରା କରାଯାଇଥିବା ଏହି ଆକ୍ରମଣ



ଆତଙ୍କବାଦୀ କାର୍ଯ୍ୟ ନୁହେଁ, ବରଂ ଇସ୍ରାଏଲର ଦଖଲ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ବୋଲି ସେ କହିଛନ୍ତିୟ । ସେ କହିଛନ୍ତି, ଇସ୍ରାଏଲ ନରସଂହାର କରିଛି, ଆମେ କରିନାହୁଁ ହିଜବୁଲ ଏବଂ ହମାସ ଭୁଲ ବୋଲି ଦର୍ଶାଇ ଇସ୍ରାଏଲ ଲୋକଙ୍କୁ ବୋକା ବନାଉଛି । ହିଜବୁଲ ଏକ ରାଜନୈତିକ ସଂଗଠନ ଏବଂ ଏହାର ମନ୍ତ୍ରୀମାନେ ଇରାନର କ୍ୟାବିନେଟରେ ଅଛନ୍ତି ଏବଂ ହମାସ ଏକ ବିରୋଧ ସଂଗଠନ ଇରାନ ଉଭୟଙ୍କୁ ସମର୍ଥନ କରୁଛି । ଇସ୍ରାଏଲ ଏବଂ ପାଲେଷ୍ଟାଇନ ଏକତ୍ର ନିର୍ବାଚନ କଲେ ହିଁ ଯୁଦ୍ଧ ବନ୍ଦ ହୋଇପାରିବୟ ଇରାନର ରାଷ୍ଟ୍ରଦୂତ ମଧ ଆମେରିକା ଉପରେ ଆକ୍ରମଣ କରି କହିଛନ୍ତି ଯେ ଆମେରିକାର ଦୁଇଟି ଚେହେରା ଅଛି ଆମେରିକା ଗୋଟିଏ ଚେହେରା ଦେଖାଉଛି ଏବଂ ଅନ୍ୟ ଚେହେରା ଲୁଚାଇ ରଖୁଛି ଏହି ନରସଂହାର କରିବା ପାଇଁ ସେମାନେ ଇସ୍ରାଏଲକୁ ଟେକ୍ନୋଲୋଜି ଏବଂ ଅସ୍ତ୍ର ଯୋଗାଇ ଦେଇଛନ୍ତି । ଯଦି ଆମେରିକା କଥାବାର୍ତ୍ତା ପାଇଁ ଚିନ୍ତିତ, ସେମାନେ ଇସ୍ରାଏଲକୁ ସମର୍ଥନ କରିବା ବନ୍ଦ କରିଥାନ୍ତେ ରାଷ୍ଟ୍ରଦୂତ କହିଛନ୍ତି, ଆମେ ଇସ୍ରାଏଲକୁ ଏକ ରାଜ୍ୟ ଭାବରେ ସ୍ୱୀକୃତି ଦେଉନାହୁଁ, ସେମାନେ ବେଆଇନ ଭାବରେ ଅନ୍ୟ ଲୋକଙ୍କ ଜମି ଦଖଲ କରୁଛନ୍ତି ।

# ବୈବାହିକ ଦୁଷ୍କର୍ମ ଅପରାଧ ନୁହେଁ: କେନ୍ଦ୍ର ସରକାର

**ନୂଆଦିଲ୍ଲୀ,୪।୧୦ :** ବୈବାହିକ ଦୁଷ୍କର୍ମ(ବିବାହ ପରେ ସ୍ତ୍ରୀର ଇଚ୍ଛା ବିରୋଧରେ ଶାରୀରିକ ସମ୍ପର୍କ ରଖିବା) ଅପରାଧ ନୁହେଁ । ଏହାକୁ ଅପରାଧ ଶ୍ରେଣୀରେ ସାମିଲ କରିବାର କୌଣସି ଆବଶ୍ୟକତା ନାହିଁ । ବୈବାହିକ ଦୁଷ୍କର୍ମ ସଂକ୍ରାନ୍ତ ଆବେଦନର ଶୁଣାଣି ବେଳେ ସୁପ୍ରିମକୋର୍ଟକୁ ଏଭଳି କିଛି କହିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ପକ୍ଷରୁ ଦାଖଲ କରାଯାଇଥିବା ସତ୍ୟପାଠରେ ବୈବାହିକ ଦୁଷ୍କର୍ମ ଅପରାଧ ବୋଲି ଘୋଷଣା କରିବାକୁ ଦାବି ହେଉଥିବା ଆବେଦନଗୁଡ଼ିକୁ ବିରୋଧ କରାଯାଇଛି । ବୈବାହିକ ଦୁଷ୍କର୍ମକୁ ଅପରାଧ ଘୋଷଣା କରିବାର କୌଣସି ଆବଶ୍ୟକତା ନାହିଁ। ଏହା ଏକ ଆଇନଗତ ପ୍ରସଙ୍ଗ ଅପେକ୍ଷା ଅଧିକ ସାମାଜିକ ପ୍ରସଙ୍ଗ । ଏହାର ସିଧାସଳଖ ପ୍ରଭାବ ସମାଜ ଉପରେ ପଡ଼ିବ । ଏଥିସହ ଏହା ପାଇଁ ବିକଳ୍ପ ଭାବରେ ଉପଯୁକ୍ତ ଦଣ୍ଡବିଧାନର ବ୍ୟବସ୍ଥା ରହିଛି ବୋଲି କହିଛନ୍ତି ।କେନ୍ଦ୍ରର କହିବା କଥା ଯେ ବୈବାହିକ ଦୁଷ୍କର୍ମ ଏମିତି ଏକ ପ୍ରସଙ୍ଗ ଯାହା ଉପରେ ନିଷ୍ପତ୍ତି ସମସ୍ତ ଅଂଶିଦାର କିମ୍ବା ସବୁ ରାଜ୍ୟର ସରକାରଙ୍କ ମତାମତ ବିନା ନିଆଯାଇ ପାରିବ ନାହିଁ ।ସତ୍ୟପାଠରେ କେନ୍ଦ୍ର ସରକାର ମାନିଛନ୍ତି ଯେ ବିବାହ ଜଣେ ମହିଳାଙ୍କ ନିଷ୍ପତ୍ତିରେ ଶେଷ ହୁଏନାହିଁ । ତେବେ ମହିଳାଙ୍କ ଇଚ୍ଛା ବିରୋଧରେ କାମ କରିବା ବା ନିୟମ ଉଲ୍ଲଙ୍ଘନ ପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି । ବିବାହ ଭିତରେ ମହିଳାଙ୍କ ଇଚ୍ଛା ବିରୋଧରେ କାମ କରିବା ଓ ବାହାଘର ବାହାରେ ମହିଳାଙ୍କ ବିରୋଧରେ କାର୍ଯ୍ୟ କରିବାର ଦଣ୍ଡ ଭିନ୍ନ ଭିନ୍ନ ରହିଛିୟ ବାହାଘର ପରେ ପତ୍ନୀଙ୍କ ଠାରୁ ସ୍ଵାମୀ ଶାରୀରିକ ସୁଖର ଆଶା ରଖିଥାଆନ୍ତି ।କିନ୍ତୁ ଏହି ଆଶା ଜଣେ ସ୍ଵାମୀଙ୍କୁ ତାଙ୍କ ପତ୍ନୀକୁ ବାଧ କରିବାର ଅଧିକାର ଦେଇନାହିଁ । ହେଲେ ଏଥିପାଇଁ ଜଣେ ସ୍ଵାମୀଙ୍କୁ ଦୁଷ୍କର୍ମ ବିରୋଧୀ ଆଇନ ଭିତରକୁ ଠେଲି ଦେବା ମଧ ଅଧିକ ହୋଇଯିବ । ବାହାଘର ଭିତରେ ଜଣେ ମହିଳାଙ୍କ ଇଚ୍ଛାକୁ ସମ୍ମାନ ଜଣାଇବା ବା ଏହାର ସୁରକ୍ଷା ଯୋଗାଇ ଦେବା ପାଇଁ ସଂସଦ ପୂର୍ବରୁ ହିଁ ପଦକ୍ଷେପ ନେଇ ସାରିଛି । ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଆଇନ ପ୍ରଣୟନ କରାଯାଇଛି । ମହିଳାଙ୍କ ପାଇଁ ଘରୋଇ ହିଂସା ଠାରୁ ବିଭିନ୍ନ ପ୍ରକାରର ଆଇନ ରହିଛି ।ଶାରିରୀକ ସମ୍ପର୍କ ସ୍ଵାମୀ ଓ ସ୍ତ୍ରୀ ମଧ୍ୟରେ ଥିବା ଅନେକ ସମ୍ପର୍କ ମଧ୍ୟରୁ ଗୋଟିଏ । ଏହି ସମ୍ପର୍କ ଉପରେ ସେମାନଙ୍କର ବିବାହର ମୂଳଦୁଆ ରହିଥାଏ । ସ୍ଵାମୀ ଓ ସ୍ତ୍ରୀ ମଧ୍ୟରେ ଶାରିରୀକ ସମ୍ପର୍କ ରହିଥାଏ। ସ୍ଵାମୀ କେବେ ହେଲେ ପତ୍ନୀଙ୍କୁ ଶାରିରୀକ ସମ୍ପର୍କ ପାଇଁ ବାଧ କରିବା କଥା ନୁହେଁ । ତଥାପି ଏହାକୁ ଅପରାଧ ଶ୍ରେଣୀରେ ସାମିଲ କରାଗଲେ ଏହାର କୁପ୍ରଭାବ ସମାଜ ଉପରେ ପଡ଼ିବ ବୋଲି କେନ୍ଦ୍ର ସରକାର କହିଛନ୍ତି । ଯଦି ସଂସଦର ମତ ହେଉଛି ବିବାହ ସଂସ୍ଥାର ସୁରକ୍ଷା ଜରୁରୀ, ତା'ହେଲେ ଏହି ଆଶାକୁ କୋର୍ଟ ଅଗ୍ରାହ୍ୟ କରିଦେବା ଠିକ ହେବ ନାହିଁ । ବାହାଘର ଭାରତର ଗୋଟିଏ ସାମାଜିକ ଓ ଆଇନତଃ ଦିଗର ମିଶ୍ରଣ । ଏଥିରେ କୋର୍ଟ ହସ୍ତକ୍ଷେପ କରିବା ଉଚିନ ନୁହେଁ ବୋଲି କେନ୍ଦ୍ର ସରକାର କହିଛନ୍ତି ।



# ପୁଣି ଶାହଙ୍କୁ ଭେଟିଲେ ଅଜିତ

**ମୁମ୍ବାଇ,୪।୧୦ :** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ବୁଧବାର କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ ଭାରତୀୟ ଜନତା ପାର୍ଟି(ବିଜେପି) ନେତା ଅମିତ ଶାହଙ୍କୁ ଭେଟିଛନ୍ତି । ତେବେ ଏହି ବୈଠକରେ କ'ଣ ଆଲୋଚନା ହୋଇଛି ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ନାହିଁ ।



ମହାରାଷ୍ଟ୍ରରେ ଶାସକ 'ମହାୟୁତି' ମିଳିତ ମଞ୍ଚରେ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି)ର ଉପସ୍ଥିତି ତଥା କିଛି ବିଜେପି ନେତାଙ୍କ ଦ୍ୱାରା ମୁସଲିମ ବିରୋଧୀ ପ୍ରଚାରକୁ ବିରୋଧ କରି ଏହି ବୈଠକ ଅନୁଷ୍ଠିତ ହୋଇଥିବା କୁହାଯାଉଛି । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଶିବସେନାର ନେତାମାନେ ସବୁବେଳେ ଏନସିପିକୁ ସମାଲୋଚନା କରୁଛନ୍ତି । ଏହି ତିନି ମହାୟୁତି ସହଯୋଗୀ ଏପର୍ଯ୍ୟନ୍ତ ୨୨୮ ସଦସ୍ୟ ବିଶିଷ୍ଟ ବିଧାନସଭା ନିର୍ବାଚନ ପାଇଁ ଆସନ ବାଣ୍ଟନ ଚୂଡ଼ାନ୍ତ କରିନାହାନ୍ତି । ଏହା ଆସନ୍ତା ମାସରେ ଅନୁଷ୍ଠିତ ହେବ ବୋଲି ଆଶା କରାଯାଉଛି ।

# ଦ୍ୱନ୍ଦ୍ୱ ସୃଷ୍ଟି କରୁଛି 'ଘଣ୍ଟା' !

**ନୂଆଦିଲ୍ଲୀ,୪।୧୦(ଏଜେନ୍ସି):** ଆଗାମୀ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ନ୍ୟାସନାଲ କଂଗ୍ରେସ ପାର୍ଟି (NCP)କୁ 'ଘଣ୍ଟା' ଚିହ୍ନ ବ୍ୟବହାର କରିବାକୁ ନଦେବାକୁ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି ଶରଦ ପାୱାର । ନିର୍ବାଚନରେ ସ୍ୱଚ୍ଛତା ଓ ସ୍ପଷ୍ଟତା ଉପରେ ଗୁରୁତ୍ୱ ଦେଇ ସେ ଏହି ଆବେଦନ କରିଛନ୍ତି। ଶରଦ ପାୱାର ଯୁକ୍ତି ଦର୍ଶାଇଛନ୍ତି ଯେ, ଭୋଟରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଏଡ଼ାଇବାକୁ ଅଜିତ ପାୱାର ଏକ ନୂତନ ନିର୍ବାଚନୀ ଚିହ୍ନ ପାଇଁ ଆବେଦନ କରିବା ଉଚିତ । ନିର୍ବାଚନରେ ତାଙ୍କୁ 'ଘଣ୍ଟା' ଚିହ୍ନ ବ୍ୟବହାର କରିବାକୁ ଅନୁମତି ଦେବା ଅର୍ଥ ଭୋଟରମାନଙ୍କୁ ଦ୍ୱନ୍ଦ୍ୱରେ ପକାଇବା ଓ ନିର୍ବାଚନର ସ୍ୱଚ୍ଛତା ନଷ୍ଟ କରିବା। ଗତ ଲୋକସଭା ନିର୍ବାଚନ ବେଳେ ଭୋଟରମାନେ 'ଘଣ୍ଟା' ଚିହ୍ନକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଥିବା ଲକ୍ଷ୍ୟ କରାଯାଇଥିଲା ବୋଲି ଶରଦ ପାୱାର ତାଙ୍କ ଆବେଦନରେ ଉଲ୍ଲେଖ କରିଛନ୍ତି। ଆଗାମୀ ବିଧାନସଭା ନିର୍ବାଚନରେ ମଧ ଭୋଟରଙ୍କ ମଧ୍ୟରେ ଏହି ଦ୍ୱନ୍ଦ୍ୱ ବଳବତ୍ତର ରହିବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି । ତେଣୁ ଅଜିତ ପାୱାରଙ୍କ ଦଳକୁ ଘଣ୍ଟା ଚିହ୍ନ ବ୍ୟବହାର କରିବାକୁ ଅନୁମତି ନଦେବାକୁ ସେ ଦାବି କରିଛନ୍ତି । ଅକ୍ଟୋବର ୧୫ ତାରିଖରେ ସୁପ୍ରିମକୋର୍ଟ ଶରଦ ପାୱାରଙ୍କ ଏହି ଆବେଦନ ଉପରେ ଶୁଣାଣି କରିପାରନ୍ତି ବୋଲି ଆଶା କରାଯାଉଛି। ୧୯୯୯ରେ କଂଗ୍ରେସଠାରୁ ଅଲଗା ହେବା ପରେ ଏନ୍ସିପି ଗଠନ କରିଥିଲେ ଶରଦ ପାୱାର । ସେହିଦିନଠାରୁ ଏନ୍ସିପିର ଚିହ୍ନ ଘଣ୍ଟା ରହିଆସିଛି । ତେବେ ଏନ୍ସିପି ଭାଙ୍ଗିଯିବା ପରେ ଶରଦ ପାୱାରଙ୍କ ପୁତୁରା ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍ସିପି ପାଲଟି ଯାଇଥିଲା ପ୍ରକୃତ ଏନ୍ସିପି ଓ ତା'ସହିତ ଘଣ୍ଟା ଚିହ୍ନ ବ୍ୟବହାର କରିବାକୁ ତାଙ୍କୁ ମିଳିଥିଲା ଅନୁମତି । ଯେହେତୁ ଗତ ୨୫ ବର୍ଷ ଧରି ଭୋଟର ଘଣ୍ଟା ଚିହ୍ନ ଶରଦ ପାୱାରଙ୍କର ବୋଲି ଜାଣିଛନ୍ତି, ତେଣୁ ତାଙ୍କ ନାଁରେ ଭୋଟ୍ ଅଜିତ ପାୱାରଙ୍କ ଦଳକୁ ଚାଲିଯିବ ବୋଲି ଶରଦ ପାୱାର ଓ ତାଙ୍କ ଗୋଷ୍ଠୀ ଆଶଙ୍କା କରୁଛନ୍ତି । ସେଥିପାଇଁ ଶରଦ ପାୱାର ସୁପ୍ରିମକୋର୍ଟରେ ଅଜିତ ପାୱାରଙ୍କ ଦଳକୁ 'ଘଣ୍ଟା' ଚିହ୍ନ ବ୍ୟବହାର କରିବାରୁ ନିବୃତ୍ତ ରଖିବାକୁ ଆବେଦନ କରିଛନ୍ତି । ସୂଚନାଯୋଗ୍ୟ, ଶରଦ ପାୱାରଙ୍କ ଗୋଷ୍ଠୀକୁ ନିର୍ବାଚନୀ ଚିହ୍ନ ଭାବେ ଜଣେ ବ୍ୟକ୍ତି ତୂରୀ ବଜାଉଥିବାର ଚିତ୍ର ଦିଆଯାଇଛି। ଏହି ଚିହ୍ନରେ ଦଳ ଗତ ଲୋକସଭା ନିର୍ବାଚନ ଲଢ଼ିଥିଲା ।

# ହେଲିକପ୍ଟର ଦୁର୍ଘଟଣାରେ ୩ ମୃତ

**ପୁଣେ,୪।୧୦ :** ଅଳଜି ସକାଳେ ବିମାନ ଉଡ଼ାଣର କିଛି ସମୟ ପରେ ପୁଣେ ନିକଟସ୍ଥ ବାଭଧାନରେ ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବାପରେ ତିନି ଜଣଙ୍କର ମୃତ୍ୟୁ ହୋଇଛି। ଏହା ଏକ ସରକାରୀ ନା ବେସରକାରୀ ହେଲିକପ୍ଟର ତାହା ଏପର୍ଯ୍ୟନ୍ତି ଜଣା ପଡିନାହିଁ । ହେଲିକପ୍ଟରରେ ଦୁଇଜଣ ପାଇଲଟ୍ ଏବଂ ଜଣେ ଇଞ୍ଜିନିୟର ଥିଲେ ବୋଲି ସୂଚନା ରହିଛି । ପୁଣେର ପିମ୍ପ୍ରି ଚିଞ୍ଚୱାଡ ପୁଲିସ କହିଛି ଯେ ଆଜି ସକାଳ ପ୍ରାୟ ୬.୪୫ ସମୟରେ ଏକ ପାହାଡ ଅଞ୍ଚଳରେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ସିନିୟର ଇନ୍ସପେକ୍ଟର କାହ୍ନେୟା



ଥୋରାଟ କହିଛନ୍ତି, ପୁଣେ ଜିଲ୍ଲାର ବାଭଧାନ ଅଞ୍ଚଳରେ ଏକ ହେଲିକ୍ୟାପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛ । ପ୍ରାଥମିକ ସୂଚନା ଅନୁଯାୟୀ, ଦୁଇ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ରହିଛି । ଏପର୍ଯ୍ୟନ୍ତ ହେଲିକପ୍ଟରଟି କାହାର ଥିଲା ତାହା ଜଣା ପଡିନାହିଁ । ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ହେଲିକପ୍ଟରଟି ଅକ୍ସଫୋର୍ଡ ଗଲ୍ଫ କ୍ଲବର ହେଲିପ୍ୟାଡରୁ ଉଡ଼ାଣ ଭରିଥିଲା ଏବଂ ସେହି ଅଞ୍ଚଳରେ ଘନ କୁହୁଡି ହେତୁ ଦୁର୍ଘଟଣାଗ୍ରସ୍ତ ହୋଇ ଥାଇପାରେ । ଉଦ୍ଧାର କାର୍ଯ୍ୟ ଏବେ ବି ଚାଲିଛି ।

# ହସ୍ତକଳାରେ ମାଣିଆବନ୍ଧ ଶ୍ରେଷ୍ଠ ପର୍ଯ୍ୟଟନ ଗାଁ

ମାଣିଆବନ୍ଧ,(ନିପ୍ର): ଭାରତ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରଣାଳୟ ଚଳିତ ବର୍ଷର ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ପର୍ଯ୍ୟଟନ ବିଭାଗ ଦ୍ୱାରା ନୂଆଦିଲ୍ଲୀ ବିଜ୍ଞାନ ଭବନଠାରେ ଆୟୋଜିତ ଉତ୍ସବରେ ହସ୍ତକଳା କ୍ଷେତ୍ରରେ ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ଭାବେ କଟକ ଜିଲା ଅନ୍ତର୍ଗତ ହସ୍ତତନ୍ତ ତଥା ବୟନ କଳା ଓ ଏହାର କୁଶଳୀ କାରିଗରଙ୍କ ଗ୍ରାମ ମାଣିଆବନ୍ଧ ପୁରସ୍କୃତ ହୋଇଛି। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରତିନିଧି ଭାବେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବିଶ୍ୱଜିତ୍ ରାଉତରାୟ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ଅଞ୍ଜନ ବାରିକ ଏବଂ ମାଣିଆବନ୍ଧ ଗ୍ରାମରୁ ମନୋନୀତ ଜୀବନକୃଷ୍ଣ ମହାପାତ୍ର ଓ ଟୁଲୁ ପ୍ରଧାନ ଏହି ସମ୍ମାନ ଗ୍ରହଣ କରିଛନ୍ତି। ସାଂସ୍କୃତିକ ପ୍ରସିଦ୍ଧି ଓ ପ୍ରାକୃତିକ ସମ୍ପଦ ସାଙ୍ଗକୁ ମୂଲ୍ୟବୋଧ ଭିତ୍ତିକ ଗୋଷ୍ଠୀଗତ ଜୀବନଶୈଳୀକୁ ସଂରକ୍ଷଣ କରିବା ଏବଂ ପ୍ରୋତ୍ସାହିତ କରି ଅର୍ଥନୈତିକ, ସାମାଜିକ ଏବଂ ଅନ୍ୟାନ୍ୟ ଦିଗରେ ସ୍ଥିରତା ଆଣିବାରେ ପ୍ରତିବଦ୍ଧତା ସୃଷ୍ଟି କରୁଥିବା ଗ୍ରାମକୁ କେନ୍ଦ୍ର ସରକାର ସର୍ବୋତ୍ତମ ପର୍ଯ୍ୟଟନ ଗ୍ରାମର ସମ୍ମାନ ପ୍ରଦାନ କରିଆସୁଛନ୍ତି। ଗ୍ରାମକୁ ଭାରତର ଆତ୍ମା ଭାବେ ଗ୍ରହଣ କରାଯାଇ ୨୦୨୩ ମସିହାରୁ ଶ୍ରେଷ୍ଠ ପର୍ଯ୍ୟଟନ ଗ୍ରାମ ସମ୍ମାନ ପ୍ରତିଯୋଗିତା ପ୍ରଚଳନ କରାଯାଇଛି। ପ୍ରଥମ ବର୍ଷରେ ସମଗ୍ର ଭାରତରୁ ୭୯୫ଟି ଗ୍ରାମରୁ ଆବେଦନ ଆସିଥିବାବେଳେ ଚଳିତ ବର୍ଷ ତଥା ଦ୍ୱିତୀୟ ବର୍ଷ ୨୦୨୪ ପାଇଁ ୩୦ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ସମୁଦାୟ ୯୯୧ ଟି ଆବେଦନ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରେ ୩୬ ଗୋଟି



ଗ୍ରାମ ପର୍ଯ୍ୟଟନର ୮ଟି ବର୍ଗରେ ବିଜେତା ଭାବେ ମାନ୍ୟତା ପାଇବା ସହ ଏହି ସମ୍ମାନର ଅଧିକାରୀ ହୋଇଛନ୍ତି। କଟକ ଜିଲ୍ଲା ବଡମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମ ପ୍ରାଚୀନ ହସ୍ତତନ୍ତ ବୟନ କାରିଗରୀର ଐତିହାସିକ ସୁନାମ ରହିଥିବାବେଳେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଆଦରଣୀୟ ହୋଇ ରହିଛି। ଗ୍ରାମରେ ୮୦ ପ୍ରତିଶତ ଲୋକେ ହସ୍ତତନ୍ତ ବୟନ ଉପରେ ନିର୍ଭରଶୀଳ କରି ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି। ପ୍ରାୟ ୧୨୦୦ ବୁଣାକାର ପରିବାର ଗ୍ରାମରେ ବୟନ ବୃତ୍ତିରେ ନିୟୋଜିତ ରହୁଛନ୍ତି। ହସ୍ତତନ୍ତ ବୟନ କାରିଗରୀ ସହିତ ଗ୍ରାମରେ ଧାର୍ମିକ ଓ ସାଂସ୍କୃତିକ ସମନ୍ୱୟ ଦେଖିବାକୁ ମିଳେ। ଏବେବି ଗ୍ରାମର ୧୬ ଗୋଟି ମନ୍ଦିର ସାଙ୍ଗକୁ ୧୧ ଗୋଟି ବୁଦ୍ଧ ମନ୍ଦିର ରହିଛି। ଉକ୍ତ ଅଞ୍ଚଳରେ ପ୍ରାୟ ୫କ୍ଟ ପ୍ରତିଶତ ବୈଦ୍ଧ ଧର୍ମାବଲମ୍ବୀ ପରିବାରଙ୍କୁ ଦେଖିବାକୁ ମିଳେ। ଉଭୟ ହିନ୍ଦୁ ଓ ବୌଦ୍ଧର ଅପୂର୍ବ ସମନ୍ୱୟରେ ଗ୍ରାମର ବୟନ ପ୍ରସିଦ୍ଧି ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ସ୍ଥଳ ସୃଷ୍ଟି କରି ପାରିଛି। ପାଟ ଏବଂ ରେଶମରେ ଧୋତି, ଯୋଡ଼, ଖଣ୍ଡୁଆ, ତାରାବଳି, କୁମ୍ଭ, ବୁଟି ଆଦି ପ୍ରାୟ ୫୦ ରୁ ଅଧିକ ପ୍ରକାରର ଉତ୍କୃଷ୍ଟ ମାଣିଆବନ୍ଧି ବସ୍ତ୍ର ସାମଗ୍ରୀ ଉତ୍ପାଦନ କରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିଜର ହସ୍ତକଳା ଓ କାରିଗରୀ କୁ ବଜାୟ ରଖିଛନ୍ତି ଏଠାକାର ବୁଣାକାର ପରିବାର। ପ୍ରାଚୀନ ବୁଦ୍ଧ ମନ୍ଦିର ସାଙ୍ଗକୁ ଏଠାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବୁଦ୍ଧ ବିହାର ପ୍ରତିଷ୍ଠା ପାଇଛି। କୁଶଳୀ କାରିଗରଙ୍କ ଦ୍ୱାରା ହସ୍ତତନ୍ତରେ ଉତ୍କୃଷ୍ଟ ବସ୍ତ୍ର ସାମଗ୍ରୀ ଉତ୍ପାଦନ ସାଙ୍ଗକୁ ସାଂସ୍କୃତିକ, ଐତିହ୍ୟ ଓ ଅର୍ଥନୈତିକ ସ୍ଥିରତା ଆଣିବାରେ ମାଣିଆବନ୍ଧ ଉଦାହରଣ ସୃଷ୍ଟି କରିଛି। କୁଶଳୀ କାରିଗରଙ୍କ ଦ୍ୱାରା ବୁଣଯାଉଥିବା ବିଭିନ୍ନ ବସ୍ତ୍ର ସାମଗ୍ରୀ ସାଙ୍ଗକୁ ହିନ୍ଦୁ ଏବଂ ବୌଦ୍ଧର ଧାର୍ମିକ ଓ ସାଂସ୍କୃତିକ ପ୍ରଭାବରେ ଏକ ସମନ୍ୱିତ ସଂସ୍କୃତିର ଗ୍ରାମ ଭାବେ ମଣିଆବନ୍ଧ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ବୟନ ପର୍ଯ୍ୟଟନ ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ପ୍ରତିବଦ୍ଧତା ଏବଂ ପର୍ଯ୍ୟଟନ ମାଧ୍ୟମରେ ସ୍ଥାୟୀ ଗ୍ରାମୀଣ ବିକାଶ ପାଇଁ ମାଣିଆବନ୍ଧ ଏକ କ୍ଷେତ୍ର ସୃଷ୍ଟି କରି ପାରିଛି। ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ପର୍ଯ୍ୟଟକ ଓ ପରିଦର୍ଶକଙ୍କୁ ମାଣିଆବନ୍ଧର କଳା ଓ ସଂସ୍କୃତି ସହିତ ହସ୍ତତନ୍ତ ବସ୍ତ୍ର ଏବଂ କୁଶଳୀ ବୁଣାକାରଙ୍କ ହସ୍ତ କାରିଗରୀ ବିଦ୍ୟା ବେଶ ଆକୃଷ୍ଟ କରିଚାଲିଛି।

# ଜିଆଖତ ଉତ୍ପାଦନ ଭିତ୍ତିକ ତାଲିମ୍ କାର୍ଯ୍ୟକ୍ରମ



ଜି. ଉଦୟଗିରି,(ନିପ୍ର): ଜି ଉଦୟଗିରି ବ୍ଲକ ଅନ୍ତର୍ଗତ ଗ୍ରେସିଙ୍ଗିଆ ଆରସ୍ମିନି ଜନତା ଉଚ୍ଚ ବିଦ୍ୟାଳୟରେ ଜିଆଖତ ଉତ୍ପାଦନ ଭିତ୍ତିକ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ବୈଜ୍ଞାନିକ ଡଃ ସୁଜିତ୍ କୁମାର ମୁଖି ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଜିଆଖତ ପ୍ରସ୍ତୁତି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ସହ ବିଦ୍ୟାଳୟ ପରିସରରେ ଏକ ଜିଆଖତ ୟୁନିଟ ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଜିଆ ଖତ ଚାଷ ଉପରେ ତାଲିମ୍ ନେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ମହମ୍ମଦ ଜାମିଲ, ବିଜ୍ଞାନ ଶିକ୍ଷକ ରାକେଶ ନାୟକ, ସୁରେଶ ଚନ୍ଦ୍ର ସାହୁ ଓ ନନ୍ଦ କିଶୋର ଶିଆଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ସ୍ୱଚ୍ଛତା ହିଁ ସେବା ସପ୍ତାହ ଅବସରରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଉକ୍ତ ବିଦ୍ୟାଳୟ ପରିସରରେ କ୍ଷେତ୍ର ବୈଜ୍ଞାନିକ ଶ୍ରୀମତି ଶ୍ରିପାଲି ପ୍ରଧାନଙ୍କ ଦ୍ୱାରା ଏକ ସଫେଇ କାର୍ଯକ୍ରମ ଆୟାଯୋନ କରଯାଇଥିଲା।

# ପ୍ରାଣୀବିଜ୍ଞାନ ବିଭାଗରେ ଆଲୋଚନା ଚକ୍ର

ବୁର୍ଲା,(ନିପ୍ର): ବରଗଡ ପଞ୍ଚାୟତ ମହାବିଦ୍ୟାଳୟ, ବରଗଡର ପ୍ରାଣୀବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଆନୁଷଙ୍ଗିକ ଅତିରିକ୍ତ ବକ୍ତବ୍ୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବାହ୍ନ ଅଧିବେଶନରେ ବିଶେଷଜ୍ଞ ବକ୍ତାରୁପେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁର ଶିକ୍ଷା ବିଭାଗ ଡ ପାର୍ଥସାରଥୀ ମଲ୍ଲିକ ଯୋଗଦେଇ ଜାତୀୟ ଶିକ୍ଷା ନୀତି ୨୦୨୦ ଉପରେ ଆଲୋକପାତ କରିଥିଲେ । ଗବେଷଣା ଅଧିକାରୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଡ



ଚନ୍ଦନ ସାହୁ ଯୋଗ ଦେଇ ଅନୁସନ୍ଧାନ ପଦ୍ଧତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧିବେଶନ ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଡ ବିଦ୍ୟୁତପ୍ରଭା ମହାନ୍ତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀକାନ୍ତ ପ୍ରସାଦ ଖମାରୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ଧନ୍ୟବାଦ୍ ଅର୍ପଣ କରିଥିଲେ ପୂର୍ଣ୍ଣିମା ଦାଶ। ଏହାପରେ ଅପରାହ୍ନ ଅଧିବେଶନରେ ବିଶେଷଜ୍ଞ ବକ୍ତା ରୂପେ ଯୋଗାଯୋଗ ଯନ୍ତ୍ର ତଥା ଆଭାସି ମାଧ୍ୟମରେ ଇଂରାଜୀ ବିଭାଗ ମଡେଲ ଡିଗ୍ରୀ କଲେଜ ଦେବଗଡରୁ ସୁଶ୍ରୀ ସତରୂପା ମିଶ୍ର ଯୋଗ ଦେଇଥିଲେ। ଏଥିରେ ବିଭାଗୀୟ ମୁଖ୍ୟ ଡ଼ିବିଦ୍ୟୁପ୍ରଭା ମହାନ୍ତି ସ୍ୱାଗତ କରିଥିବା ବେଳେ ଡ ପ୍ରଜ୍ଞାରମିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ରାମ ଚନ୍ଦ୍ର ସୋରେନ। କାର୍ଯ୍ୟକ୍ରମକୁ ଯୋଗାଯୋଗ ସହ ପରିଚାଳନା କରିଥିଲେ ସୁରଜ୍ ପ୍ରସାଦ କର ଏବଂ ପିଙ୍କି ପାଣିଗ୍ରାହୀ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଭାଗର ଅଧାପକ, ଅଧାପିକା ଏବଂ ବହୁସଂଖ୍ୟାରେ ଯୋଗଦାନ କରିଥିଲେ।

# ୯ମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ଟେଷ୍ଟପେପର ବଣ୍ଟନ



ଗୁରୁଡ଼ିଝାଟିଆ,(ନିପ୍ର): ଘଣ୍ଟିଖାଲ ପଞ୍ଚାୟତ ଚନ୍ଦ୍ରାବଳୀଶ୍ୟାମପୁର ଠାରେ ଥିବା ଶ୍ରୀ ସିମେଣ୍ଟ କାରଖାନା ପକ୍ଷରୁ ଘଣ୍ଟିଖାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ଟେଷ୍ଟପେପର୍ସ ବଣ୍ଟନ କରାଯାଇଛି। ବିଦ୍ୟାର୍ଥୀମାନଙ୍କୁ ଉତ୍ତମରୁପେ ଶିକ୍ଷା କ୍ଷେତ୍ରରେ ବଢ଼ିବା ଓ ସେମାନଙ୍କ ଲୁକାୟିତ ପ୍ରତିଭାକୁ ଉନ୍ମୋଚନ କରିବା ନିମନ୍ତେ କାରଖାନା ପକ୍ଷରୁ ୬୩ଜଣ ବିଦ୍ୟାର୍ଥୀଙ୍କୁ କାରଖାନାର ବୈଷୟିକ ମୁଖ୍ୟ ପ୍ରବନ୍ଧକ ଦୀପେନ୍ଦ୍ର ଭରଦ୍ୱାଜ ପ୍ରଦାନ କରିବା ସହ ଉପରୋକ୍ତ ମତପ୍ରକାଶ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ହରେକୃଷ୍ଣ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ସରପଞ୍ଚଙ୍କ ପ୍ରତିନିଧି ସୁବାସ ବିଶ୍ୱାଳ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ମହାନ୍ତି, ସମିତିସଭ୍ୟଙ୍କ ପ୍ରତିନିଧି ସରୋଜ ପ୍ରଧାନ, ରବୀନ୍ଦ୍ର ବରାଳ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସିମେଣ୍ଟ କାରଖାନା କର୍ତ୍ତୃପକ୍ଷଙ୍କ ସହଯୋଗକୁ ସାଧୁବାଦ ଜଣାଇଥିଲେ। କାରଖାନାର ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରବନ୍ଧକ ପ୍ରଦୀପ କୁମାର ଭୋଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୯ମ ଶ୍ରେଣୀର ସମସ୍ତ ବିଦ୍ୟାର୍ଥୀ ଉପସ୍ଥିତ ରହି ଟେଷ୍ଟପେପର୍ସ ଗ୍ରହଣ କରିବା ସହ ବିଦ୍ୟାଳୟର ନାମକୁ ପ୍ରଜ୍ୱଳିତ କରିବା ପାଇଁ ଶପଥ ନେଇଥିଲେ।

# ୬ମାସ ହେବ ପାରିଶ୍ରମିକ ମିଳିନି



ଫୁଲବାଣୀ,(ନିପ୍ର): ଓଡିଶା ଜୀବିକା ମିଶନ କନ୍ଧମାଳ ଜିଲ୍ଲାର କର୍ମଚାରୀମାନେ ଦୀର୍ଘ ୬ମାସ ଧରି ପାରିଶ୍ରମିକ ପାଇନାହାଁନ୍ତି। ଏନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲ୍ଲାପାଳ ରମେଶ ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡିଶା ଜୀବିକା ମିଶନର କର୍ମଚାରୀ ମାନେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟରେ ଯାଇ ଏହି ଦାବିପତ୍ର ପ୍ରଦାନ କରିଥିଲେ। ସୂଚନା ଅନୁସାରେ ଓଡିଶା ଜୀବିକା ମିଶନ ଗତ ୨୦୧୪ ମସିହା ଠାରୁ ଆରମ୍ଭ ହୋଇ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରତି ଗାଁ ଓ ଗ୍ରାମ ପଞ୍ଚାୟତ ସ୍ତରରେ ସୂଚାରୁରୂପେ କାର୍ଯ୍ୟ କରୁଛନ୍ତି ଏହି କର୍ମଚାରୀ। କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ପାଇଁ ଗ୍ରାମାଞ୍ଚଳରେ ବହୁ କମ ପାରିଶ୍ରମିକରେ ସିଆରପି, ଏମବିକେ, ବ୍ୟାଙ୍କ ମିତ୍ର, ପ୍ରାଣୀମିତ୍ର, କୃଷିମିତ୍ର, ଉଦ୍ୟୋଗମିତ୍ର ଏହି ଭଳି ବିଭିନ୍ନ ପଦ ପଦବୀରେ କର୍ମଚାରୀମାନେ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଗତ ୬ ମାସ ହେଲା ସେମାନେ ପାରିଶ୍ରମିକ ପାଇନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି। ସରକାର ଏଥିରେ ହସ୍ତକ୍ଷେପ କରି ତୁରନ୍ତ ବକେୟା ଦରମା ପ୍ରଦାନ କରିବା ସହ ନିୟମିତ ମାସିକ ଦରମା ଓ ଆନୁସଙ୍ଗିକ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଏହି ବିଷୟରେ ହସ୍ତକ୍ଷେପ କରି ଯଥାଶୀଘ୍ର ଓଏଲଏମ କ୍ୟାଡର କର୍ମଚାରୀଙ୍କ ଦରମା ପ୍ରଦାନ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆନ୍ଦୋଳନାତ୍ମକ ପଦକ୍ଷେପ ନେବାକୁ ବାଧହେବୁ ବୋଲି ଉଲ୍ଲେଖ କରିଛନ୍ତି।

# ରଣଜୀ ପାଇଁ ଓଡ଼ିଶା ଟିମ୍ ଘୋଷଣା

କଟକ,୪।୧୦: ରଣଜୀ ଟ୍ରଫି ୨୦୨୪-୨୫ ସିଜିନର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଓଡ଼ିଶା ଟିମ ଘୋଷଣା କରାଯାଇଛି। ଓଡ଼ିଶା କ୍ରିକେଟ ସଂଘ(ଓସିଏ) ପକ୍ଷରୁ ଘୋଷଣା କରାଯାଇଥିବା ଦଳରେ ୨ ଜଣ ନୂଆ। ମୁହଁ ରହିଛନ୍ତି। ଅନୀଲ ପରିଡ଼ା ପ୍ରଥମଥର ରଣଜୀ ଟିମରେ ସୁଯୋଗ ପାଇଛନ୍ତି। ଦଳର ଅଧିନାୟକ ଦାୟିତ୍ୱ ଗୋବିନ୍ଦ ପୋଦ୍ଦାରଙ୍କୁ ମିଳିଛି। ୱିକେଟ କିପର ଭାବେ ରାଜେଶ ଧୂପରଙ୍କ ସହ ଆଶୀର୍ବାଦ ସ୍ୱାଇଁ ସ୍କାଡରେ ରହିଛନ୍ତି। ଶୁଭ୍ରାଂଶୁ ସେନାପତି ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ଚାଲି ଯାଇଥିବାରୁ ତାଙ୍କ ଅନୁପସ୍ଥିତ କେତେ ଦୂର ଅନୁଭବ ହେଉଛି, ତାହା ମ୍ୟାଚ୍ ବେଳେ ଜଣାପଡ଼ିବ ।

ଦଳରେ ତାଙ୍କ ଅଭାବକୁ ପୂରଣ କରିବା ପାଇଁ ଅଭିଜ୍ଞ ବିପ୍ଳବ ସାମନ୍ତରାୟ, ଅନୁରାଗ ଷଡ଼ଙ୍ଗୀ ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ରହିଛନ୍ତି।ଯୁବ ତାରକା ରାଜେଶ ମହାନ୍ତି ମଧ୍ୟ ଗତ ସିଜିନ ଭଳି ଏଥର ଦଳରେ ରହିଛନ୍ତି। ଏହାବାଦ ହର୍ଷିତ ରାଥୋଡଙ୍କ ଉପରେ ମଧ୍ୟ ଓସିଏ ଭରସା ଦେଖାଇଛି।

ଓଡ଼ିଶା ତାର ପ୍ରଥମ ମ୍ୟାଚ୍ ତ୍ରିପୁରା ବିପକ୍ଷରେ ଅଗରତାଲାରେ ଖେଳିବ। ଏହି ମ୍ୟାଚ୍ ୧୧ ଅକ୍ଟୋବରରୁ ୧୪ ଅକ୍ଟୋବର ଯାଏ ଚାଲିବ ସେହିପରି ଦ୍ୱିତୀୟ ମ୍ୟାଚରେ ଦଳ ଘରୋଇ ବାରବାଟୀ ଷ୍ଟାଡିୟମରେ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବ ଅକ୍ଟୋବର ୧୮ରୁ ୨୧ ଯାଏ କଟକର ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ରଣଜୀ ସିଜିନର ଏହି ଦୁଇଟି ମ୍ୟାଚ୍ ପାଇଁ ୧୭ ଜଣିଆ ସ୍କାଡ ଘୋଷଣା କରାଯାଇଛି। ଏହାପରେ ଅକ୍ଟୋବର ୨୬ରୁ ୨୯ ଯାଏ ଦଳ ବରୋଦା ବିପକ୍ଷରେ, ନଭେମ୍ବର ୬ରୁ ୯ ତାରିଖ ମୁମ୍ବାଇ ବିପକ୍ଷରେ, ନଭେମ୍ବର ୧୩ରୁ ୧୬ ମହାରାଷ୍ଟ୍ର ବିପକ୍ଷରେ(କଟକ), ଜାନୁଆରୀ ୨୩ରୁ ୨୬ ମେଘାଳୟ ବିପକ୍ଷରେ ଓ ଶେଷ ମ୍ୟାଚ୍‌ରେ ଦଳ ସର୍ଭିସେସକୁ କଟକର ଡ୍ରିମ୍ସ ପଡ଼ିଆରେ ଭେଟିବ।

ପ୍ରଥମ ଦୁଇ ମ୍ୟାଚ୍ ପାଇଁ ଓଡ଼ିଶା ଦଳ।

ଗୋବିନ୍ଦ ପୋଦ୍ଦାର(ଅଧିନାୟକ), ଶାନ୍ତନୁ ମିଶ୍ର, ଅନୁରାଗ ଷଡ଼ଙ୍ଗୀ, ସନ୍ଦୀପ ପଟ୍ଟନାୟକ, ବିପ୍ଳବ ସାମନ୍ତରାୟ, କାର୍ତ୍ତିକ ବିଶ୍ୱାଳ, ସ୍ୱସ୍ତିକ ସାମଲ, ରାଜେଶ ଧୂପର(ୱିକେଟ କିପର), ଆଶୀର୍ବାଦ ସ୍ୱାଇଁ(ୱିକେଟ କିପର), ଅନୀଲ ପରିଡ଼ା, ସୂର୍ଯ୍ୟକାନ୍ତ ପ୍ରଧାନ, ସୁନୀଲ କୁମାର ରାଉଳ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ତରଣୀ ସା, ହର୍ଷିତ ରାଥୋଡ ଓ ସୁମିତ ଶର୍ମା।

# ପ୍ରଥମ ମ୍ୟାଚରୁ ଝୁଣ୍ଟିଲେ ମହିଳା ଦଳ

ଦୁବାଇ: ପ୍ରଥମଥର ପାଇଁ ଟି-୨୦ ବିଶ୍ୱକପ ଜିତିବା ଲକ୍ଷ୍ୟ ନେଇ ୟୁଏଇକୁ ଯାଇଥିବା ଭାରତୀୟ ମହିଳା ଟିମକୁ ଆରମ୍ଭରୁ ବଡ଼ ଝଟକା ଲାଗିଛି।ଆଜି ବିଶ୍ୱକପରେ ନିଜର ପ୍ରଥମ ମ୍ୟାଚ୍ ଖେଳୁଥିବା ଭାରତୀୟ ଟିମକୁ ବଡ଼ ପରାଜୟର ସାମ୍ନା କରିବାକୁ ପଡ଼ିଛି।ଭାରତୀୟ ଟିମକୁ ନ୍ୟୁଜିଲ୍ୟାଣ୍ଡ ୫୮ ରନରେ ହରାଇ ଦେଇଛି। ଏଥିସହ ବିଜୟରୁ ନ୍ୟୁଜିଲ୍ୟାଣ୍ଡ ତାର ଟି-୨୦ ବିଶ୍ୱକପ ଅଭିଯାନ ଆରମ୍ଭ କରିଛି।

ଅଧିନାୟକ ଶୋଫି ଡିଭାଇନଙ୍କ ୩୬ ବଲରେ ଅପରାଜିତ ୫୭ ରନ ବଳରେ ନ୍ୟୁଜିଲ୍ୟାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୬୦ ରନ କରିଥିଲା । ଏହାକୁ ପିଛା କରୁଥିବା ଭାରତୀୟ ଟିମ ନିୟମିତ ବ୍ୟବଧାନରେ ୱିକେଟ ହରାଇ ବହୁ କଷ୍ଟରେ ୧୦୦ ପାର କରିଥିଲା। ତେବେ ପୂରା ଟିମ ୧୯ ଓଭରରେ ଅଲଆଉଟ ହେବା ସହ ୧୦୨ ରନରେ ଅଟକି ଯାଇଥିଲା।

୧୬୧ ରନର ପିଛା କରୁଥିବା ଭାରତୀୟ ଟିମ ଦ୍ୱିତୀୟ ଓଭରରେ ଶେଫାଳି ବର୍ମା(୨)ଙ୍କୁ ହରାଇଥିଲା। ମନ୍ଧାନା ୧୨ ଓ ଅଧିନାୟକ ହରମନପ୍ରୀତ କୌର ୧୫ ବେଶୀ କିଛି କରିପାରି ନଥିଲେ। ଜେମିମା ୧୩ ଓ ରିଚା ଘୋଷ ୧୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅରୁନ୍ଧତି ରେଡ୍ଡୀ ୧ ରନ, ପୂଜା ବସ୍ତ୍ରକର ୮ ରନ ଓ ଦୀପ୍ତି ଶର୍ମା କେବଳ ୧୨ ରନ କରିବାକୁ ସକ୍ଷମ ହୋଇଥିଲେ। ଦଳୀୟ ସ୍କୋର ୯୦ ଥିବା ବେଳେ ପୂଜା ୮ମ ବ୍ୟାଟର ଭାବେ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଶ୍ରୀୟଙ୍କା ପାଟିଲ ଓ ଆଶା ଶୋଭନା ବହୁତ ସଂଘର୍ଷ କରି ୧୯ତମ ଓଭର ପ୍ରଥମ ବଲରେ ଦଳୀୟ ସ୍କୋରକୁ ୧୦୦ରେ ପହଞ୍ଚାଇଥିଲେ। ଶେଷରେ ୧୯ତମ ଓଭର ବୋଲିଂ କରୁଥିବା ରୋଜମ୍ୟାରୀ ମୈର ଶେଷ ଦୁଇ ବଲରେ ଦୁଇଟି ୱିକେଟ ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ ।

# ମୋଦୀଙ୍କୁ ଭେଟିଲେ କ୍ରିସ ଗେଲ୍



ନୂଆଦିଲ୍ଲୀ,୪।୧୦: ଭାରତୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାମାଇକାରେ ପ୍ରଧାନମନ୍ତ୍ରୀ ଆଣ୍ଡ୍ରିୟୁ ହୋଲେନ୍ସଙ୍କୁ ଭେଟିଛନ୍ତି। ଏହି ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି, ନୂଆଦିଲ୍ଲୀରେ ଜାମାଇକା ହାଇ କମିଶନଙ୍କ ସମ୍ମୁଖରେ ଥିବା ରାସ୍ତାର ନାମ ଜାମାଇକା ରୋଡ ରଖାଯାଇଛି, ଯାହାକି ଭାରତ-ଜାମାଇକା ସମ୍ପର୍କକୁ ପ୍ରତିଫଳିତ କରିଥାଏ।

ଭାରତୀୟ ପ୍ରଧାନମନ୍ତ୍ରୀ କହିଛନ୍ତି, ଉସେନ ବୋଲ୍ଟଙ୍କ ଅପେକ୍ଷା ଦୁଇ ଦେଶ ମଧ୍ୟରେ ସମ୍ପର୍କ ଦ୍ରୁତ ଗତିରେ ବୃଦ୍ଧି ପାଇବ।ଏହା ବ୍ୟତୀତ କ୍ରିକେଟ ଜଗତର ୟୁନିଭର୍ସ ବସ ଅର୍ଥାତ୍ କ୍ରିସ ଗେଲ ମଧ୍ୟ ଉପସ୍ଥିତ ଥିଲେ। କ୍ରିସ ଗେଲ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରୁ ଫଟୋ ଏବଂ ଭିଡିଓ ଶେୟାର କରିଛନ୍ତି।

କ୍ରିସ ଗେଲ ଫଟୋ ଏବଂ ଭିଡିଓ ଶେୟାର କରି ଲେଖିଛନ୍ତି, ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବା ଗୌରବର ବିଷୟ। ଜାମାଇକାକୁ ଭାରତ, ପ୍ରେମ କ୍ରିସ ଗେଲଙ୍କ ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ବୈଠକରେ ଭାରତୀୟ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କ୍ରିକେଟ ପ୍ରେମୀ ଦେଶ ଭାବରେ କ୍ରୀଡା ଆମ ସମ୍ପର୍କରେ ଅତ୍ୟନ୍ତ ଦୃଢ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, କ୍ରିକେଟରଙ୍କ ପାଇଁ ଭାରତର ଲୋକଙ୍କର ଏକ ବିଶେଷ ପ୍ରେମ ରହିଛି କ୍ରୀଡା କ୍ଷେତ୍ରରେ ଆମର ସହଯୋଗକୁ ଆହୁରି ଗଭୀର କରିବା ବିଷୟରେ ମଧ୍ୟ ଆଲୋଚନା କରିଛୁ।ମୁଁ ନିଶ୍ଚିତ ଯେ ଆଜିର ଆଲୋଚନାର ଫଳାଫଳ ଉସେନ ବୋଲ୍ଟଙ୍କ ଅପେକ୍ଷା ଆମର ସମ୍ପର୍କକୁ ଶୀଘ୍ର ଆଗକୁ ବଢାଇବ ଏବଂ ଆମେ ନୂତନ ଉଚ୍ଚତାକୁ ଛୁଇଁବା ଜାରି ରଖିବୁ। ପ୍ରାୟ ୧୮୦ ବର୍ଷ ପୂର୍ବେ ଭାରତରୁ ଜାମାଇକା ଯାଇଥିବା ଲୋକମାନେ ଆମର ଲୋକଙ୍କ ସହ ଲୋକଙ୍କ ସମ୍ପର୍କର ଦୃଢ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଭାରତୀୟ ମୂଳରୁ ପ୍ରାୟ ୭୦,୦୦୦ ଲୋକ ଯେଉଁମାନେ ଜାମାଇକାକୁ ଘର ବୋଲି କୁହନ୍ତି, ସେମାନେ ଆମର ସାଂସ୍କୃତିକ ଐତିହ୍ୟର ଜୀବନ୍ତ ଉଦାହରଣ।

# କିସ୍‌ରେ ଭଲିବଲ୍ ମହୋତ୍ସବ ଉଦ୍‌ଘାଟିତ, ଯୋଗଦେଲେ ୫ହଜାର ଖେଳାଳି



ଭୁବନେଶ୍ୱର, ୪।୧୦: ସର୍ବାଧିକ ୫ହଜାର ଖେଳାଳିଙ୍କୁ ନେଇ ବିଶ୍ୱର ସର୍ବ ବୃହତ ଭଲିବଲ୍ ପ୍ରତିଯୋଗିତା 'କିସ୍ ଭଲିବଲ୍ ମହୋତ୍ସବ' ଶୁକ୍ରବାର କିସ୍‌ରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍, କିସ୍ ଓ ଆନ୍ତର୍ଜାତିକ ଭଲିବଲ୍ ସଂଘ ମିଳିତ ଆନୁକୂଲ୍ୟରେ ଏହି ଐତିହାସିକ ଭଲିବଲ୍ ମହୋତ୍ସବ ଆୟୋଜନ କରାଯାଇଛି। ଆନ୍ତର୍ଜାତିକ ଭଲିବଲ୍ ସଂଘ 'ଏଫ୍‌ଆଇଭିବି'ର ସଭାପତି ଡ. ଆରି ଗ୍ରାସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଇଦ୍ରାବାଦସ୍ଥିତ ଆମେରିକା କନ୍‌ସୁଲ୍ ଜେନେରାଲ୍ ଜେନିଫର ଲାର୍ସନ, ଏଫ୍‌ଆଇଭିବି ଜେନେରାଲ୍ ଡାଇରେକ୍ଟର ଫାବିଓ ଆଜେଭେଦୋ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା ଓ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଯୋଗଦେଇ ଏଥିରେ ଅଂଶଗ୍ରହଣ କରିଥିବା ଦେଶର ବିଭିନ୍ନ ରାଜ୍ୟର ୫ହଜାରରୁ ଉର୍ଦ୍ଧ୍ୱ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ଖେଳାଳିଙ୍କୁ ଉଦ୍‌ବୋଧନ ଦେଇ ଡ. ଗ୍ରାସା କହିଲେ, ଭଲିବଲ ଜରିଆରେ ଏଫ୍‌ଆଇଭିବି ସମାଜର ସେବା କରିବା ପାଇଁ ଲକ୍ଷ୍ୟ ରଖିଛି। କିସ୍ ଭଲିବଲ ମହୋତ୍ସବ ଜରିଆରେ ଏଫ୍‌ଆଇଭିବିର ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। କିସ୍ ପରିଦର୍ଶନ କରି ଏବଂ ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଦେଖି ସନ୍ତୋଷ ବ୍ୟକ୍ତ କରିବା ସହ କିସ୍ ଭଳି ଅନୁଷ୍ଠାନ ବିରଳ ବୋଲି ସେ କହିଥିଲେ। ଏହା ସହ ଅହିଂସା ଜରିଆରେ ଭଲିବଲ୍ ହିଁ ବିଶ୍ୱରେ ଶାନ୍ତି ଆଣିପାରିବ ବୋଲି ଡ. ଗ୍ରାସା କହିଥିଲେ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୂଚନା ଦେଇ କହିଥିଲେ ଏହି ମହୋତ୍ସବରେ ୫ହଜାର ଖେଳାଳି ଯୋଗ ଦେଇଥିବା ବେଳେ ୪୦ହଜାର ଦର୍ଶକ ଏହାକୁ ଉପଭୋଗ କରୁଛନ୍ତି। ଡ. ଗ୍ରାସା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ଶ୍ରୀ ସାମନ୍ତ ତାଙ୍କୁ ଧନ୍ୟବାଦ ଦେବା ସହ ଭାରତକୁ ପ୍ରଥମ ଥର ପାଇଁ ଆସିଛନ୍ତି କେବଳ କିଟ୍ ଓ କିସ୍ ଭଲିବଲ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ ନିମନ୍ତେ ସର୍ବାଧିକ ଖେଳାଳିଙ୍କୁ ନେଇ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଓଡ଼ିଶା ତଥା ଭାରତରେ ଭଲିବଲ୍‌ର ବିକାଶ ପାଇଁ କିସ୍ ଏଫ୍‌ଆଇଭିବି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହା ଦ୍ୱାରା କିସ୍‌ରେ ଥିବା ଭଲିବଲ ଭିତ୍ତିଭୂମିକୁ ଉପଯୋଗ କରି ବହୁ ସଂଖ୍ୟକ ଭଲିବଲ୍ ଖେଳାଳି ସୃଷ୍ଟି ହୋଇପାରିବେ। ଏହା ସହିତ ଭଲିବଲ୍ ଖେଳାଳିଙ୍କ ପ୍ରୋତ୍ସାହନ ନିମନ୍ତେ କିଟ୍ ଓ କିସ୍ ପକ୍ଷରୁ 'ସାମନ୍ତ-ଗ୍ରାସା' ମେଧାବୃତ୍ତି ଘୋଷଣା କରାଯାଇଥିଲା। ଏହା ଦ୍ୱାରା ଭଲ ପ୍ରଦର୍ଶନ କରୁଥିବା ବିଶ୍ୱର ୨/୩ଜଣ ଭଲିବଲ୍ ଖେଳାଳିଙ୍କୁ କିଟ୍ ଓ କିସ୍ ପକ୍ଷରୁ ସ୍ନାତକ ବା ସ୍ନାତକୋତ୍ତର ଶିକ୍ଷା ପାଇଁ ପୃଷ୍ଠପୋଷକତା ଯୋଗାଇ ଦିଆଯିବ।

## ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ସମ୍ମାନରେ ପରିଣତ ହୋଇଛି : କୋହଲି



ନୂଆଦିଲ୍ଲୀ,୪।୧୦: ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫି ଖେଳାଯିବ। ଏହି ଟ୍ରଫି ଅଧୀନରେ ଭାରତ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଯାଉଛି। ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ଟେଷ୍ଟ ସିରିଜ ନଭେମ୍ବର ୨୨ରୁ ଆରମ୍ଭ ହୋଇ ଜାନୁୟାରୀ ୩ ପର୍ଯ୍ୟନ୍ତ ଚାଲିବ ।ଏହି ସିରିଜ ପୂର୍ବରୁ ବିରାଟ କୋହଲି ଅଷ୍ଟ୍ରେଲିଆ ଦଳ ବିଷୟରେ ଏକ ବଡ଼ କଥା କହିଛନ୍ତି, ଯାହା ଏବେ ଭାଇରାଲ ହେଉଛି।

ଭାରତୀୟ ବ୍ୟାଟ୍ସମ୍ୟାନ ବିରାଟ କୋହଲି ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ଏକ ବଡ଼ ବିବୃତ୍ତି ଦେଇ କହିଛନ୍ତି, ଭାରତ ଏବଂ ଅଷ୍ଟ୍ରେଲିଆ। ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କେବଳ ଅକ୍ରୋଶ ଏବଂ ମୁକାବିଲା ମଧ୍ୟରେ ସୀମିତ ନୁହେଁ, ବରଂ ବର୍ତ୍ତମାନ ପାରସ୍ପରିକ ସମ୍ମାନ ଏବଂ କ୍ରୀଡ଼ାବିତ୍‌ରେ ପରିଣତ ହୋଇଛି। ଷ୍ଟାର ସ୍ପୋର୍ଟସର ପ୍ରୋମୋ ଭିଡିଓରେ କୋହଲି ଏହି ଐତିହାସିକ ମ୍ୟାଚ ଉପରେ ଆଲୋକପାତ କରିଥିଲେ ଏବଂ ସମୟ ସହିତ ଦୁଇ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କିପରି ବଦଳିଛି ସେ ବିଷୟରେ କହିଥିଲେ।

ବିରାଟ କୋହଲି ନିକଟରେ ପ୍ରକାଶ କରିଛନ୍ତି, ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଅତ୍ୟନ୍ତ ତୀବ୍ର ଥିଲା, କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ଏହା ବଦଳିଛି। ୨୦୧୯ ଏବଂ ୨୦୨୧ରେ ଅଷ୍ଟ୍ରେଲିଆରେ ଭାରତ ୨-୧ ସିରିଜ ଜିତିଥିଲା, ଯାହା ଏହି ପ୍ରତିଦ୍ୱନ୍ଦ୍ୱିତାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଛି। କୋହଲିଙ୍କ କହିବାନୁସାରେ, ଏହି ଐତିହାସିକ ବିଜୟ ପରେ ଅଷ୍ଟ୍ରେଲିଆ ଏବେ ଭାରତକୁ ଟେଷ୍ଟ କ୍ରିକେଟରେ ଗମ୍ଭୀର ପ୍ରତିଦ୍ୱନ୍ଦ୍ୱୀ ଭାବେ ସ୍ୱୀକୃତି ଦେଇଛି। ପୂର୍ବରୁ ଏହି ସିରିଜ୍ ଅତ୍ୟନ୍ତ ଚାପଗ୍ରସ୍ତ ଥିଲା।କିନ୍ତୁ ଆମେ ଲଗାତାର ଦୁଇଥର ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଜିତିଛୁ, ଯାହା ପରେ ଏହି ପ୍ରତିଦ୍ୱନ୍ଦ୍ୱିତା ସମ୍ମାନରେ ପରିଣତ ହୋଇଛି।

## ବିଶ୍ୱ ଚ୍ୟାଲେଞ୍ଜ୍ କପ୍‌ରେ ଭାଗନେବେ ରାକେଶ

ଭୁବନେଶ୍ୱର: ହଙ୍ଗେରୀର ସୋମ୍ବାଥେରେ ଅକ୍ଟୋବର ୪ରୁ ୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏଫ୍‌ଆଇଜି ବିଶ୍ୱ ଚ୍ୟାଲେଞ୍ଜ କପ୍ ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଅଂଶଗ୍ରହଣ କରିବେ ଓଡ଼ିଆ। ପୁଅ ରାକେଶ କୁମାର ପାତ୍ର ଏଥିପାଇଁ ଓଡ଼ିଶା ଜିମ୍ନାଷ୍ଟିକ୍ସ ସଂଘ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ସଫଳତା କାମନା କରାଯାଇଛି।ରାକେଶ ହେଉଛନ୍ତି ଓଡିଶାର ଜଣେ ପ୍ରଖ୍ୟାତ ଜିମ୍ନାଷ୍ଟ ଯିଏକି କ୍ରମାଗତ ଭାବରେ ପ୍ରାୟ ଦୁଇ ଦଶନ୍ଧି ଧରି ଅନ୍ତର୍ଜାତୀୟସ୍ତରରେ ଭାରତର ପ୍ରତିନିଧି କରୁଛନ୍ତି। ତାଙ୍କ ନିଯୁକ୍ତି କେବଳ ଜିମ୍ନାଷ୍ଟିକ୍ କ୍ଷେତ୍ରରେ ତାଙ୍କର ଉତ୍ସର୍ଗୀକୃତ ଏବଂ ଅବଦାନକୁ ଆଲୋକିତ କରେ ନାହିଁ ବରଂ ଓଡିଶା ପାଇଁ ଏକ ମହତ୍ୱପୂର୍ଣ୍ଣ ଘଟଣା ହୋଇପାରିଛି।

ଏହି ସମ୍ମାନଜନକ ଇଭେଣ୍ଟରେ ପୃଥିବୀର ବିଭିନ୍ନ ସ୍ଥାନରୁ ଆଥଲେଟ୍‌ମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ଏହା ଆମ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ଓଡ଼ିଶା ଜମ୍ନାଷ୍ଟିକ୍ସ ସଂଘ ସମ୍ପାଦକ ଅଶୋକ ସାହୁ କହିଛନ୍ତି। ସମ୍ପାଦକଙ୍କ ବ୍ୟତୀତ ରାଜ୍ୟ ସଂଘ ସଭାପତି ସମୀର ଦେ, ଓଡ଼ିଶା ଫୁଟ୍‌ବଲ୍ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ୍ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ରାକେଶ ବର୍ତ୍ତମାନ ଭାରତୀୟ ନେସେନାରେ ଚିଫ୍ ପେଟି ଅଫିସର ଭାବେ କାର୍ଯ୍ୟରତ।

# ୪ ମାସ ହେବ ପାକିସ୍ତାନ କ୍ରିକେଟର୍‌ଙ୍କୁ ମିଳିନି ଦରମା



ଇସଲାମାବାଦ୍,୪।୧୦: ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ରେ ବିବାଦ ଶେଷ ହେବାର ନାଁ ଧରୁନି। ପାକିସ୍ତାନର ଅନେକ ତାରକା ଖେଳାଳିଙ୍କୁ ଗତ ଚାରିମାସ ଧରି ଦରମା ଦିଆଯାଇ ନାହିଁ। ଏହି ଆର୍ଥିକ ସଙ୍କଟ ଏପରି ଏକ ସମୟରେ ଆସିଛି ଯେତେବେଳେ ପାକିସ୍ତାନ ଦଳରେ ସବୁକିଛି ଠିକ ଚାଲିନାହିଁ। ଗତ ଏକ ବର୍ଷ ଧରି ଆଇସିସି ଟୁର୍ନାମେଣ୍ଟରେ ଦଳର ପ୍ରଦର୍ଶନ ଖରାପ ରହିଛି। ଖେଳାଳିଙ୍କ ଦରମା ବିଳମ୍ବ ହେତୁ ପିସିବିର ଆର୍ଥିକ ପରିଚାଳନା ଏବଂ ସ୍ଥିରତା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତ ହେଉଥିବାବେଳେ ଏହା ଦଳର ମନୋବଳ ଉପରେ ସମ୍ଭାବ୍ୟ ପ୍ରଭାବକୁ ନେଇ ଚିନ୍ତା ବଢାଇଛି।

ବାବର ଆଜମ, ମହମ୍ମଦ ରିଜାନ ଏବଂ ଶାହିନ ଆଫ୍ରିଦିଙ୍କ ସମେତ ଦଳର ଖେଳାଳିଙ୍କୁ ଜୁଲାଇରୁ ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ଦରମା ପ୍ରଦାନ କରାଯାଇ ନାହିଁ। ଖେଳାଳିମାନେ ବାରମ୍ବାର ପିସିବିକୁ ମନେ ପକାଇ ଦେଇଛନ୍ତି, କିନ୍ତୁ ସେମାନଙ୍କର ବକେୟା ଦରମା କେବେ ଦିଆଯିବ। ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ଆର୍ଥିକ ଚାପ ଖେଳାଳିଙ୍କୁ ଏକ କଠିନ ପରିସ୍ଥିତିରେ ଛାଡି ଦେଇଛି।ଏହା ସେମାନଙ୍କ ପ୍ରଦର୍ଶନ ଉପରେ ପ୍ରଭାବ ପକାଇଛି। କେବଳ ପୁରୁଷ ଦଳ ନୁହେଁ, ପାକିସ୍ତାନ ମହିଳା କ୍ରିକେଟ ଦଳ ମଧ୍ୟ ଚାରି ମାସର ବେତନ ବକେୟା ରହିଛି।ପାକିସ୍ତାନ ମହିଳା କ୍ରିକେଟ ଦଳ ବର୍ତ୍ତମାନ ମହିଳା ଟି-୨୦ ବିଶ୍ୱକପରେ ଅଂଶଗ୍ରହଣ କରୁଛି ଏବଂ ଗୁରୁବାର ଏହା ଶ୍ରୀଲଙ୍କାକୁ ପରାସ୍ତ କରିଛି।

# ଶାମିଙ୍କୁ ନେଇ ହସିନ ଦେଲେ ବିବାଦୀୟ ବୟାନ



ନୂଆଦିଲ୍ଲୀ,୪।୧୦: ନିକଟରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମି ତାଙ୍କ ଝିଅ ସହିତ ଏକ ଭିଡିଓ ଶେୟାର କରିଥିଲେ, ଯେଉଁ ଭିଡିଓକୁ ଦେଖି ପ୍ରଶଂସକମାନେ ବହୁତ ଲାଇକ୍ କରିଛନ୍ତି। କିନ୍ତୁ, ବର୍ତ୍ତମାନ ହସିନ ଜାହାନ ଶାମିଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି ସେ କହିଛନ୍ତି ଯେ ଶାମି ତାଙ୍କ ଝିଅର ଯତ୍ନ ନେଉନାହାଁନ୍ତି, ସେ କେବଳ ନିଜ ସହ ବ୍ୟସ୍ତ ଅଛନ୍ତି।

ମହମ୍ମଦ ଶାମି ଦୀର୍ଘ ଦିନ ଧରି କ୍ରିକେଟ ପଡ଼ିଆରୁ ଦୂରେଇ ରହିଥିଲେ। ଫେବୃଆରୀରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା, ଯାହା ପରେ ସେ ପୁନର୍ବାର ଚିକିତ୍ସିତ ହେଉଛନ୍ତି। ଏହି ସମୟରେ ସେ ସୋସିଆଲ ମିଡିଆରେ ବହୁତ ସକ୍ରିୟ ରହିଛନ୍ତି। ନିକଟରେ ସେ ତାଙ୍କ ଝିଅ ସହିତ ଏକ ଭିଡିଓ ଶେୟାର କରିଥିଲେ, ଯେଉଁଥିରେ ଏକ ଭାବପ୍ରବଣ କ୍ୟାପସନ ମଧ୍ୟ ଥିଲା।

ଶାମି କ୍ୟାପସନରେ ଲେଖିଛନ୍ତି, ଯେତେବେଳେ ମୁଁ ତାଙ୍କୁ ବହୁତ ସମୟ ପରେ ପୁଣି ଦେଖିଲି, ସମୟ ଯେମିତି ଅଟକି ଗଲା। ମୁଁ ଶବ୍ଦ ଅପେକ୍ଷା ତୁମକୁ ଅଧିକ ଭଲ ପାଏ, ବେବୋ କିନ୍ତୁ, ବର୍ତ୍ତମାନ ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ଯେ ଶାମି ବହୁ ପୂର୍ବରୁ ସାକ୍ଷାତ କରିଥିଲେ, କିନ୍ତୁ ବର୍ତ୍ତମାନ ଏହାକୁ ପୋଷ୍ଟ କରିଛନ୍ତି।

ହସିନ ଜାହାନ କହିଛନ୍ତି, ଶାମି ମୋ ଝିଅ ବିଷୟରେ କେବେ ପଚାରନ୍ତି ନାହିଁ। ଶାମି ନିଜ ସହ ବ୍ୟସ୍ତ ରହିଛନ୍ତି। ସେ ଏକ ମାସ ପୂର୍ବରୁ ତାଙ୍କୁ ଭେଟିଥିଲେ, କିନ୍ତୁ ପରେ ସେ ସୋସିଆଲ ମିଡିଆରେ କିଛି ପୋଷ୍ଟ କରିନଥିଲେ। ମୁଁ ଭାବୁଛି। ବର୍ତ୍ତମାନ ପୋଷ୍ଟ କରିବାକୁ ଆଉ କିଛି ନାହିଁ, ତେଣୁ ସେ ଏହି ଭିଡିଓ ଅପଲୋଡ କରିଛନ୍ତି।ସୂଚନାଯୋଗ୍ୟ, ୨ବର୍ଷ ପରସ୍ପରକୁ ଡେଟ କରିବା ପରେ ମହମ୍ମଦ ଶାମି ଏବଂ ହସିନ ଜାହାନ ୬ ଜୁନ ୨୦୧୪ରେ ନିଜ ପରିବାରର ସହମତିରେ ବିବାହ କରିଥିଲେ ।ଏହା ପରେ ୨୦୧୫ରେ ସେମାନଙ୍କର ଏକ ଝିଅ ହୋଇଥିଲା।। ମହମ୍ମଦ ଶାମି ୨୦୧୮ରେ ତାଙ୍କ ପତ୍ନୀ ହସିନ ଜହାନଙ୍କଠାରୁ ଅଲଗା ହୋଇଥିଲେ।

ଘରୋଇ ହିଂସା ଭଳି ଶାମିଙ୍କ ବିରୋଧରେ ହସିନ ଜାହାନ ଅନେକ ଗମ୍ଭୀର ଅଭିଯୋଗ ଆଣିଥିଲେ।

ମାମଲା କୋର୍ଟରେ ଅଛି। ଉଭୟ ଆଇନଗତ ଭାବେ ଛାଡପତ୍ର ହୋଇନାହାଁନ୍ତି, କିନ୍ତୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଦୁହେଁ ଅଲଗା ରୁହନ୍ତି। ଅଦାଲତ କହିଛନ୍ତି ଯେ ଶାମି ହସିନ ଜାହାନଙ୍କୁ ପ୍ରତି ମାସରେ ୧ଲକ୍ଷ ୩୦ହଜାର ଟଙ୍କା ଦେବାକୁ ପଡିବ। ଏଥିମଧ୍ୟରୁ ୮୦ହଜାର ଟଙ୍କା ଝିଅର ଲାଳନପାଳନ ପାଇଁ ଏବଂ ୫୦ହଜାର ଟଙ୍କା ତାଙ୍କ ବ୍ୟକ୍ତିଗତ ଖର୍ଚ୍ଚ ପାଇଁ ହେବ।

## ୱାଇଆଇ ଭୁବନେଶ୍ୱର ପକ୍ଷରୁ ମାସ୍କଟ୍ 'ମାଇଟି' ଉନ୍ମୋଚିତ

ଭୁବନେଶ୍ୱର: ନିଶା ଦ୍ରବ୍ୟ ସେବନ ସମ୍ପର୍କରେ ସଚେସନତା ସୃଷ୍ଟି ଓ ମାନସିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ "ୱାଇଆଇ ରନ୍- ଭୁବନେଶ୍ୱର- ରାଇଜ ଏବୋଭ ଆଡିକ୍ସନ୍‌ ଆଣ୍ଡ ବ୍ରେକ୍‌ଦି ସାଇଲେନ୍ସ"ର ଦ୍ୱିତୀୟ ସଂସ୍କରଣରେ ଶୁଭାରମ୍ଭ ବିଷୟ ଘୋଷଣା କରିବା ସହ ଏହାର ମାସ୍କଟ 'ମାଇଟି'କୁ ଉନ୍ମୋଚିତ କରିଥିଲେ। ଭୁବନେଶ୍ୱରସ୍ଥିତ ଉତ୍କଳ କନିକା ଗାଲେରିଆ ମଲ୍‌ରେ ଆୟୋଜିତ ଏହି ଉନ୍ମୋଚିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ କ୍ରୀଡ଼ା ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଓ କ୍ରୀଡ଼ା ମହାନାୟକ ଦିଲ୍ଲୀପ ତିର୍କୀ ଉପସ୍ଥିତ ଥିଲେ। ବିଶେଷ କରି ଯୁବବର୍ଗଙ୍କ ମଧ୍ୟରେ ବଢୁଥିବା ନିଶା ସେବନ ସମସ୍ୟାର ମୁକାବିଲା ଏବଂ ମାନସିକ ସ୍ୱାସ୍ଥ୍ୟ ସଚେତନତା ପାଇଁ ପରାମର୍ଶ ଦେବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମରେ ଅନେକ ପଦକ୍ଷେପର ଶୁଭାରମ୍ଭ କରାଯାଇଛି।



ନଭେମ୍ବର ୨୦୨୪ରେ ହେବାକୁ ଥିବା ୱାଇଆଇ ରନ୍- ଭୁବନେଶ୍ୱର ବାଇ ନାଇଟ୍ ମାରାଥନ୍‌ର ଉଦ୍ଦେଶ୍ୟ ହେଉଛି ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱ ଯେପରିକି- ଛାତ୍ର, ବୃତ୍ତିଗତ, ଫିଟ୍‌ନେସ୍ ଉତ୍ସାହୀ, ଡାକ୍ତର ଏବଂ ସାଧାରଣ ଜନତାଙ୍କୁ ଏକ ଆନ୍ଦୋଳନରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିବା, ଯାହା ନିଶା ସେବନର କ୍ଷତିକାରକ ପ୍ରଭାବ ବିଷୟରେ ସଚେତନତାକୁ ପ୍ରୋତ୍ସାହିତ କରିବ। ଯୁବବର୍ଗର ସଂପୃକ୍ତି ଉପରେ ବିଶେଷ ଧ୍ୟାନ ଦେବା ସହିତ ଏହି ଆହ୍ୱାନର ମୁକାବିଲା ପାଇଁ ସମୁଦାୟକୁ ପ୍ରୋତ୍ସାହିତ କରିବା ଉପରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱାରୋପ କରିଛି।

ଏହି ଉଦଘାଟନୀ ଉତ୍ସବରେ ୱାଇଆଇ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ସୋନାଲ ମୋର କହିଛନ୍ତି, ୱାଇଆଇ ରନ୍- ଭୁବନେଶ୍ୱର ବାଇ ନାଇଟ୍ କେବଳ ଏକ ମାରାଥନ୍ ନୁହେଁ; ଏହା ଆମ ସମାଜ ପାଇଁ ଏକାଠି ହେବା ଏବଂ ନିଶା ଦ୍ରବ୍ୟ ସେବନ ବିରୋଧରେ ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ। ଏହି କାର୍ଯ୍ୟକ୍ରମ ଜରିଆରେ ଓଡ଼ିଶାର ଯୁବପିଢ଼ିଙ୍କୁ ନିଶାରୁ ଉପରକୁ ଉଠି ମାନସିକ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଥିବା ନୀରବତାକୁ ଭାଙ୍ଗିବାକୁ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖାଯାଇଛି। 'ମାଇଟି' ସେହି ଶକ୍ତି ଓ ସଂକଳ୍ପ ପ୍ରତୀକ।

# ରୋହିତ ଓ ବିରାଟଙ୍କୁ ବ୍ୟାଟ ଉପହାର



ନୂଆଦିଲ୍ଲୀ: ନିକଟରେ ଭାରତୀୟ କ୍ରିକେଟ୍ ଦଳ ବାଂଲାଦେଶ ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଜିତିଥିଲା। ଏହାପରେ ରୋହିତ ବ୍ରିଗେଡ୍ ବାଂଲାଦେଶ ବିପକ୍ଷରେ ଦୁଇ ମ୍ୟାଚ୍ ଟେଷ୍ଟ ସିରିଜ୍ ଜିତିବାରେ ସଫଳ ହୋଇଥିଲେ କାନପୁର ଟେଷ୍ଟରେ ବାଂଲାଦେଶର ତାରକା ଅଲରାଉଣ୍ଡର ମେହଦି ହାସନ ମିରାଜ ଉଭୟ ଇନିଂସରେ ରୋହିତ ଶର୍ମାଙ୍କୁ ଆଉଟ କରିଥିଲେ। ବର୍ତ୍ତମାନ ମ୍ୟାଚ୍ ଶେଷ ହେବା ପରେ ମେହେଦି ହାସନ ରୋହିତ ଶର୍ମା। ଏବଂ ବିରାଟ କୋହଲିଙ୍କୁ ଏକ ସ୍ୱତନ୍ତ୍ର ବ୍ୟାଟ୍ ଉପହାରରେ ପ୍ରଦାନ କରିଛନ୍ତି।

ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ମେହଦି ହସନ ମିରାଜ ଗୋଟିଏ ଲେଖାଏଁ ବ୍ୟାଟ୍ ଉପହାରରେ ଦେଇଛନ୍ତି। ରୋହିତ ଶର୍ମାଙ୍କୁ ବ୍ୟାଟ୍ ଦେବାବେଳେ ମେହେଦି କହିଥିଲେ, ମୁଁ ରୋହିତ ଭାଇଙ୍କ ସହ ଅଛି ଏବଂ ମୁଁ ତାଙ୍କୁ ମୋ କମ୍ପାନିର ଏକ ବ୍ୟାଟ୍ ଉପହାର ଦେଇଛି। ଏହା ମୋର ସ୍ୱପ୍ନ ଥିଲା ଏବଂ ବର୍ତ୍ତମାନ ମୁଁ ବହୁତ ଖୁସି।

ରୋହିତ ମଧ୍ୟ ମେହଦିଙ୍କୁ ତାଙ୍କର ନୂତନ ଆରମ୍ଭ ପାଇଁ ଅଭିନନ୍ଦନ ଜଣାଇ କହିଥିଲେ, ମୁଁ ମେହେଦିଙ୍କୁ ବହୁତ ଦିନରୁ ଜାଣିଛି। ସେ ଜଣେ ମହାନ କ୍ରିକେଟର ଏବଂ ମୁଁ ଗର୍ବିତ ଯେ ସେ ନିଜର ବ୍ୟାଟ୍ ବ୍ୟବସାୟ ଆରମ୍ଭ କରିଛନ୍ତି।ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି।ସବୁଠୁ ଭଲ ଏବଂ ଆଶା କରୁଛି ଯେ ତାଙ୍କ କମ୍ପାନି ଆଗାମୀ ଦିନରେ ବହୁତ ସଫଳ ହେଉ।

ଯେତେବେଳେ ମେହଦି ହାସନ ବିରାଟ କୋହଲିଙ୍କୁ ବ୍ୟାଟ୍ ଦେଉଥିଲେ, କୋହଲି ବଙ୍ଗାଳୀରେ ଏମକେଏସ ବ୍ୟାଟ ଖୁବ ଭାଲୋ ଅଛି। ବୋଲି କହିଥିଲେ ଏହାପରେ ଦୁହେଁ ହସିବାକୁ ଲାଗିଥିଲେ। ତାପରେ ବିରାଟ କହିଥିଲେ ବାସ୍ତବରେ, ଏହା ଏକ ବହୁତ ଭଲ ବ୍ୟାଟ୍ ଆପଣଙ୍କୁ ଶୁଭେଚ୍ଛା ଆପଣମାନେ ସମସ୍ତ କ୍ରିକେଟରଙ୍କ ପାଇଁ ଏଭଳି ବ୍ୟାଟ ପ୍ରସ୍ତୁତ କରିବା ଲକ୍ଷ୍ୟରେ ଆଗେଇ ଚାଲନ୍ତୁ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ